RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-356 ◆WEDNESDAY ◆24 JUNE 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୫୬ ◆ବୁଧବାର ◆୨୪ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



କକ୍‌ଟେଲ୍ ପାଇଁ ମନା କରିଥିଲେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...

# ଟିଏମ୍‌ସିରେ ଲଢ଼େଇ ତୀବ୍ର

## ନାମ ଓ ଚିହ୍ନ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲେ ମମତା ଓ ରତବ୍ରତ



■ କୋଲକାତା, ୨୩।୬ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଶିବିର ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଦଳର ନାମ ଏବଂ ଚିହ୍ନ ଉପରେ ନିୟନ୍ତ୍ରଣ ପାଇଁ ଲଢେଇ ଏବେ ନିର୍ବାଚନ କମିସନଙ୍କ ଦ୍ୱାରରେ ପହଞ୍ଚିଛି।

ଦଳକୁ ହାତରୁ ଖସିଯିବା ଆଗରୁ ମମତା ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ସୋମବାର ରାତିରେ ମମତା ନିର୍ବାଚନ କମିସନଙ୍କ ନିକଟରେ ଦଳର ଏକ ପୁନର୍ଗଠିତ ଜାତୀୟ କାର୍ଯ୍ୟକାରିଣୀ କମିଟି ଏବଂ ସାଂଗଠନିକ ଢାଞ୍ଚାର ତାଲିକା ଦାଖଲ କରିଛନ୍ତି। ତାଲିକାରେ ମମତାଙ୍କୁ ଦଳର ଅଧ୍ୟକ୍ଷା ଏବଂ ଅଭିଷେକ ବାନାର୍ଜୀ ଜାତୀୟ ସାଧାରଣ ସମ୍ପାଦକ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି, ଡେରେକ ଓ'ବ୍ରାଏନ ଓ ଦୋଲା ସେନଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ମମତା ନିଜେ ଏହି ତାଲିକାରେ ସ୍ୱାକ୍ଷର କରି ନିର୍ବାଚନ କମିସନଙ୍କ ପାଖକୁ ପଠାଇଥିବା ଜଣା ପଡ଼ିଛି। ନିର୍ବାଚନ କମିସନଙ୍କୁ ଦିଆଯାଇଥିବା ସଂଶୋଧିତ ତାଲିକାରୁ ଜୁନ୍ ୫ରେ ଘୋଷଣା କରାଯାଇଥିବା ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅରୂପ ବିଶ୍ୱାସଙ୍କୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଫିରହାଦ ହାକିମ, ଅରୂପ ରାୟ, ଜାଭେଦ ଖାନ, ରଥିନ ଘୋଷ ଏବଂ ସାବିନା ୟାସମିନଙ୍କ ଭଳି ବିଧାୟକ ତଥା ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

ଅନ୍ୟପଟେ, ଏକ ପାଞ୍ଚତାରକା ହୋଟେଲରେ ରତବ୍ରତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥକ ଜାତୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ମମତା କିମ୍ବା ଅଭିଷେକଙ୍କ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ। ବିଦ୍ରୋହୀ ଗୋଷ୍ଠୀ ହାୱଡା ସେଣ୍ଟ୍ରାଲ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଏବଂ ରତବ୍ରତଙ୍କୁ ▶ପୃଷ୍ଠା-୭

### ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ୭ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

# ଓଡ଼ିଶା ଫେରିଲା ୫ ମରଶରୀର



ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର/ ତେଲକୋଇ, ୨୩।୬ (ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଓଡ଼ିଆଙ୍କର ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ମୃତକ ହେଲେ କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗ ଓ ଜାମୁନୀ ଜୁଆଙ୍ଗ। ସଜନୀଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ କୁଡ଼ିପଶା ଗ୍ରାମରେ ହୋଇଥିବା ବେଳେ ଜାମୁନିଙ୍କ ଘର ତେଲକୋଇ ବ୍ଲକ ଅନ୍ତର୍ଗତ ରଙ୍ଗମାଟିଆରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ସୋମବାର ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା ବେଳେ ଏହି ରାଶିକୁ ଆଜି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏପଟେ ମଙ୍ଗଳବାର ମୃତକ ୫ଜଣଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଯେଉଁ ମୃତକଙ୍କର ମରଶରୀର ଓଡ଼ିଶା ଆସିଛି ସେମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ▶ପୃଷ୍ଠା-୭

### ରାଜ୍ୟସଭା କ୍ରସ ଭୋଟିଂ

# ଅକଳରେ ୧୧ ବିଧାୟକ

■ ଭୁବନେଶ୍ୱର, ୨୩।୬ (ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ ଅମାନ୍ୟ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ ଅକଳରେ ପଡ଼ିଛନ୍ତି। ନିଜ ଦଳକୁ ଧୋକା ଦେଇଥିବାରୁ ବିଜେପି ସେମାନଙ୍କୁ ଆଦର କରି କୋଳେଇ ନେବ ବୋଲି ସେମାନେ ଯେଉଁ ଆଶା କରିଥିଲେ, ତାହା ଏବେ ମଉଳିବାକୁ ବସିଛି। ପ୍ରଥମତଃ ସେମାନେ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ବିଜେପି ନେତାମାନଙ୍କ ବିରୋଧ ସେମାନଙ୍କ ପାଇଁ କଣ୍ଟା ହୋଇଛି। ପୁନଶ୍ଚ ସଦସ୍ୟ ପଦ ରଦ୍ଦ ହେବା ଭୟରେ ସେମାନେ ଆନୁଷ୍ଠାନିକ ଭାବରେ ମଧ୍ୟ ବିଜେପିରେ ଯୋଗଦେଇ ପାରୁନାହାନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଟିପ୍ପଣୀ ଏହି ୧୧ ବିଧାୟକଙ୍କ ପାଇଁ ଅଡୁଆ ହୋଇଛି। ଯେଉଁ ୧୧ ବିଧାୟକ ନିଲମ୍ବିତ ହୋଇଛନ୍ତି, ସେମାନଙ୍କୁ ମୁଁ ଜାଣିଛି ବୋଲି ସଂକ୍ଷେପରେ ସୁରେଶ ପୂଜାରୀଙ୍କ ଟିପ୍ପଣୀକୁ ରାଜନୈତିକ ସମୀକ୍ଷକ ନକରାତ୍ମକ ଦୃଷ୍ଟିରେ ଦେଖୁଛନ୍ତି। ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେଡି ଓ ବିଜେପି ଦଳରୁ ନିଲମ୍ବିତ କରିଥିବା ବିଧାୟକମାନଙ୍କୁ ଗ୍ରହଣ କରିବାକୁ ରାଜି ନୁହନ୍ତି ବୋଲି କୁହାଯାଉଛି।

## ଫେରାଇ ନେବାକୁ ରାଜି ନୁହନ୍ତି ବିଜେଡି ଓ କଂଗ୍ରେସ

## କୋଳେଇ ନେବାକୁ ଅରାଜି ବିଜେପି ରାଜ୍ୟ ନେତୃତ୍ୱ

ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ଶ୍ରୀ ପୂଜାରୀ କହିଛନ୍ତି ଯେ ବିଜେପି ଗୋଟେ ଧର୍ମଶାଳା ପାର୍ଟି ନୁହେଁ। ଯାହାର ଦରକାର ପଡ଼ିବ, ସେ ଆସିବ। କାମ ସରିଗଲେ ସେ ପଳାଇବ। କିଛି ପାଇବା ପାଇଁ ଓ ସ୍ୱାର୍ଥ ପାଇଁ ଆସୁଥିବା ଲୋକଙ୍କୁ ପଶ୍ଚାତାପ କରିବାକୁ ପଡ଼ିବ ବୋଲି ଶ୍ରୀ ପୂଜାରୀଙ୍କ ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ଯେଉଁମାନେ ଦଳରୁ ଗୋଡ଼କାଢ଼ି ଯାଇଛନ୍ତି, ସେମାନଙ୍କୁ ଆଉ ଫେରାଇ ଆଣିବାର ପ୍ରଶ୍ନ ଉଠୁନାହିଁ। ନିଲମ୍ବିତ ବିଧାୟକମାନେ ଯଦି ବିଜେପି ଯିବାକୁ ଚାହୁଁଛନ୍ତି, ସେମାନେ ଯାଇ ପାରନ୍ତି। ମାତ୍ର ଯେଉଁମାନେ ବିଜେପି ▶ପୃଷ୍ଠା-୭

## କେନ୍ଦ୍ରମନ୍ତ୍ରୀ କୁରିଆନଙ୍କ ଇସ୍ତଫା



■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ପରିଷଦରୁ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଏହି ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। କୁରିଆନଙ୍କ ୬ ବର୍ଷିଆ ରାଜ୍ୟସଭା କାର୍ଯ୍ୟକାଳ ଜୁନ୍ ୨୧ରେ ସମାପ୍ତ ହୋଇଥିଲା। ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପି ତାଙ୍କୁ ପୁନର୍ବାର ପ୍ରାର୍ଥୀ ନ କରିବାକୁ ନିଷ୍ପତ୍ତି ନେବା ପରେ ସେ ମନ୍ତ୍ରୀ ପଦରୁ ଓହରି ଯାଇଛନ୍ତି। ତେବେ ତାଙ୍କ ଇସ୍ତଫାର କୌଣସି ନିର୍ଦ୍ଦିଷ୍ଟ କାରଣ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇ ନାହିଁ। ୬୫ ବର୍ଷୀୟ କୁରିଆନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ମତ୍ସ୍ୟପାଳନ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପେସାରେ ଜଣେ ଓକିଲ ଥିବା କୁରିଆନ, କେରଳର କୋଟାୟମ ଅଞ୍ଚଳର ବାସିନ୍ଦା ଏବଂ ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା ହେବା ସମୟରୁ ଦଳ ସହିତ ଜଡିତ ଅଛନ୍ତି। ସେ ଦଳର ଜଣେ ବରିଷ୍ଠ ନେତା ଭାବେ କେରଳ ୟୁନିଟର ସାଧାରଣ ସମ୍ପାଦକ ଏବଂ ଉପ-ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦବୀରେ କାର୍ଯ୍ୟ କରିଛନ୍ତି।




## 'ଇଚ୍ଛାମୃତ୍ୟୁ' ମାଗିଲେ ଯୁବ ଚାଷୀ



■ ମେଲଛାମୁଣ୍ଡା, ୨୩।୬ (ସମିସ): ଯେଉଁ ହାତ ସାରା ଦେଶକୁ ଅନ୍ନ ଯୋଗାଏ, ଆଜି ସେହି ହାତ ନିଜ ପାଇଁ ମୃତ୍ୟୁ ଭିକ୍ଷା କରୁଛି। ଧାନ ବିକ୍ରି ସମସ୍ୟା ଓ ପ୍ରଶାସନିକ ଅବହେଳା ଯୋଗୁଁ ପୁଣି ଚର୍ଚ୍ଚାରେ ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା। ବ୍ୟବସ୍ଥାର ଚକ୍ରବ୍ୟୂହରେ ଚାପି ହୋଇ ଶେଷରେ ରାଷ୍ଟ୍ରପତିଙ୍କ ନିକଟରେ 'ଇଚ୍ଛାମୃତ୍ୟୁ' ପାଇଁ ଆବେଦନ କରିଛନ୍ତି ଜଣେ ଯୁବଚାଷୀ। ଏଭଳି ଏକ ସମ୍ବେଦନଶୀଳ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମରୁ। ମିଳିଥିବା ସୂଚନା ଅନୁଯାୟୀ, ମେଲଛାମୁଣ୍ଡା ଗ୍ରାମର ଭରତକୃଷ୍ଣ ସାହୁଙ୍କ ପୁଅ ଗୋପାଳ ସାହୁ ଚଳିତ ରବି ଋତୁରେ କଷ୍ଟେମଷ୍ଟେ ଧାନ ଚାଷ କରିଥିଲେ। ହେଲେ ଧାନ ବିକ୍ରି ସମୟରେ ତାଙ୍କୁ ସରକାରୀ ଟୋକନ ମିଳିନଥିଲା। ଘରେ ରୋଗୀଣା ମାଆଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ତୁଲାଇବା ପାଇଁ ସେ ବାଧ ହୋଇ ଅତି କମ୍ ମୂଲ୍ୟରେ ଶାଗମାଛ ଦରରେ କିଛି ଧାନ ଖୋଲା ବଜାରରେ ବିକ୍ରି କରିଦେଇଥିଲେ। ▶ପୃଷ୍ଠା-୭

### ୪ ତାରିଖରେ ଆସିବେ ଶାହା

# ବିଜେପି ରାଜନୀତି ସରଗରମ



■ ଭୁବନେଶ୍ୱର, ୨୩।୬ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ଆସନ୍ତା ଜୁଲାଇ ମାସ ପ୍ରଥମାର୍ଦ୍ଧରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବେ। ଜୁଲାଇ ୪ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସ୍ଥିରୀକୃତ ହୋଇଛି। ଏହି ଅବସରରେ ସେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଦଳୀୟ କାର୍ଯ୍ୟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହାକୁ ନେଇ ରାଜ୍ୟ ବିଜେପି ରାଜନୀତି ସରଗରମ ହୋଇଛି। ଏକ ପକ୍ଷରେ ବିଜେପିର ନୂତନ ଅଧ୍ୟକ୍ଷ ନିତିନ ନବୀନ ନିଜର ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି, ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବେ ବୋଲି ଚର୍ଚ୍ଚା ହେଉଛି। ବିଜେପିର ଜାତୀୟ ଟିମ୍ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ରାଜ୍ୟରେ ମନ୍ତ୍ରୀ ପରିଷଦରେ ଅଦଳବଦଳ ହେବାର ଆକଳନ କରାଯାଉଛି। ▶ପୃଷ୍ଠା-୭

### ମଣ୍ଡିରେ ପଡ଼ିଛି ଧାନ

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ



■ କୋମନା, ୨୩।୬ (ସମିସ): ମଣ୍ଡିରେ ପଡ଼ିଛି ଧାନ, ଟୋକନ ଥାଇ ମଧ୍ୟ ମିଲର ଉଠାଉନାହିଁ। ଫଳରେ ସିଏସ୍‌ଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇ ନିରାଶରେ ଫେରିବା ପରେ କୀଟନାଶକ ପିଇ ଜୀବନ ହାରିଛନ୍ତି ଜଣେ ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ। ମୃତ ଚାଷୀ ହେଲେ କୋମନା ବ୍ଲକ ଜଡାମୁଣ୍ଡା ଗାଁର ନେପାଳ ମାଝୀ। ଧାନ ବିକି ନପାରି ଜୀବନ ହାରିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଡ଼ାମୁଣ୍ଡା ରବି ଧାନ ମଣ୍ଡିରେ ମେ' ୩୦ରୁ ଜୁନ୍ ▶ପୃଷ୍ଠା-୭




**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Rourkela:** Dua Hero - 9289922179, **Sundergarh:** Robotech Hero - 9289923063, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999 **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356, **Banei:** Bhagwan Automation - 9437249425.

## ୟୁରୋପରେ ଗ୍ରୀଷ୍ମର କରାଳ ରୂପ, ବଢୁଛି ମୃତ୍ୟୁସଂଖ୍ୟା

ପ୍ୟାରିସ/ଲଣ୍ଡନ, ୨୩।୬(ଏଜେନ୍ସି): ସମଗ୍ର ୟୁରୋପରେ ବର୍ତ୍ତମାନ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ବଢ଼ିବା ସହ ବ୍ରିଟେନରେ ଜୁନ୍ ମାସର ସମସ୍ତ ରେକର୍ଡ ଭାଙ୍ଗିବାକୁ ଯାଉଛି। ଫ୍ରାନ୍ସର ୫୪ଟି ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି। ସେଠାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଛି। ସରକାରୀ ସୂଚନା ଅନୁଯାୟୀ, ଫ୍ରାନ୍ସରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଅତିକମରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ କାର୍ ଭିତରେ ରହିଯାଇଥିବା ୨ଟି ଶିଶୁ ମଧ୍ୟ ସାମିଲ ଅଛନ୍ତି। ୟୁରୋପର ଏହି ଅସ୍ୱାଭାବିକ ପରିସ୍ଥିତି ପାଇଁ ବୈଜ୍ଞାନିକମାନେ 'ଓମେଗା ବ୍ଲକ'କୁ ଦାୟୀ କରିଛନ୍ତି। ଓମେଗା ବ୍ଲକ ସାହାରା ମରୁଭୂମିରୁ ଉଷ୍ମ ବାୟୁକୁ ୟୁରୋପ ଆଡକୁ ଟାଣୁଛି। ଫ୍ରାନ୍ସର ବୋର୍ଡିକ୍ସ ସହରରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ତାପମାତ୍ରା ୪୧.୯ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ସେହିଭଳି ବ୍ରିଟେନରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ନେଇ ପୂର୍ବାନୁମାନ କରାଯାଇଛି। ଇଟାଲୀ ମଧ୍ୟ ଏହି ପ୍ରଭାବରୁ ବର୍ତ୍ତି ନାହିଁ, ସେଠାରେ ୧୨ଟି ସହର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ଗ୍ରୀଷ୍ମ ପ୍ରବାହ କେବଳ ୟୁରୋପରେ ସୀମିତ ରହିନାହିଁ। ନେଚର କ୍ଲାଇମେଟ ଚେଞ୍ଜ ପତ୍ରିକାରେ ପ୍ରକାଶିତ ଅନୁଧ୍ୟାନ ଅନୁଯାୟୀ, ମେକ୍ସିକୋ, କେନିଆ ଏବଂ ଇଟାଲୀ ଭଳି ଦେଶଗୁଡିକରେ ଗ୍ରୀଷ୍ମ ପ୍ରବାହର ସମୟସୀମା ଗତ କିଛି ଦଶନ୍ଧି ତୁଳନାରେ ଏକରୁ ଦୁଇ ମାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୧୦୦ କୋଟିରୁ ଅଧିକ ଲୋକ ଅତିକମରେ ଗୋଟିଏ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜନିତ କଷ୍ଟର ସାମ୍ନା କରୁଛନ୍ତି। ଏହି ପରିସ୍ଥିତି ୧୯୭୦ ଦଶକ ତୁଳନାରେ ଯଥେଷ୍ଟ ଅଧିକ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ କେବଳ ଉଚ୍ଚ ତାପମାତ୍ରା ନୁହେଁ, ବରଂ ବାୟୁମଣ୍ଡଳରେ ବଢୁଥିବା ଆର୍ଦ୍ରତା ମଧ୍ୟ ମଣିଷ ପାଇଁ ମାରାତ୍ମକ ସାବ୍ୟସ୍ତ ହେଉଛି।

## ବାୟୁସେନାର ସମସ୍ତ ୩୬ଟି ରାଫେଲ୍ ସୁରକ୍ଷିତ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ରାଫେଲ୍ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ପକ୍ଷରୁ ବାରମ୍ବାର କରାଯାଉଥିବା ମିଥ୍ୟା ପ୍ରଚାର ପୁଣିଥରେ ବିଫଳ ହୋଇଛି। ବାୟୁସେନାର ସରକାରୀ ଦସ୍ତାବେଜରୁ ପ୍ରମାଣିତ ହୋଇଛି ଯେ, ଭାରତ ପାଖରେ ଥିବା ସମସ୍ତ ୩୬ଟି ଯାକ ରାଫେଲ୍ ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ଅଛନ୍ତି। ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଜୁନ୍‌ରେ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ଦସ୍ତାବେଜ ଜାରି ହୋଇଥିଲା। ଏଥିରେ ବାୟୁସେନା ବର୍ତ୍ତମାନ ସେବାରେ ଥିବା ସମସ୍ତ ୩୬ଟି ରାଫେଲ୍ ବିମାନ ପାଇଁ ୫ ମାସର ରକ୍ଷଣାବେକ୍ଷଣ ସହାୟତା ପାଇଁ ଆବେଦନ କରିଛି। ୨୦୧୬ରେ ଫ୍ରାନ୍ସ ସହିତ ହୋଇଥିବା ସରକାରୀ ଚୁକ୍ତି ଅନୁସାରେ ଭାରତ ୩୬ଟି ରାଫେଲ୍ ବିମାନ କିଣିଥିଲା। ଏହି ଦସ୍ତାବେଜ ସ୍ପଷ୍ଟ କରିଛି ଯେ ସମସ୍ତ ବିମାନ ବର୍ତ୍ତମାନ ମଧ୍ୟ ବାୟୁସେନାର ଅଭିନ୍ନ ଅଙ୍ଗ ହୋଇ ରହିଛି। ଅପରେସନ୍ ସିନ୍ଦୂର ସମୟରେ ଭାରତର ଏକାଧିକ ରାଫେଲ୍ ବିମାନକୁ ନଷ୍ଟ କରିଦେଇଥିବା ନେଇ ପାକିସ୍ତାନ ସରକାର ଓ ସେଠାକାର ସୋସିଆଲ ମିଡିଆ ବାରମ୍ବାର ଦାବି କରିଆସୁଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ତେବେ ବାୟୁସେନାର ଏହି ନୂତନ ଟେଣ୍ଡର ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଯେଉଁ ଟେଲ୍ ନମ୍ବର ଥିବା ବିମାନଗୁଡ଼ିକୁ ନଷ୍ଟ ହୋଇଥିବା କହିଥିଲା, ସେଗୁଡ଼ିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷମ ଅବସ୍ଥାରେ ଉଡୁଥିବାର ଦେଖିବାକୁ ମିଳିଥିଲା।

## ଦିଲ୍ଲୀରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା; ଟ୍ୟାକ୍ସି ଚାଳକ ଗିରଫ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀର ମେହରୌଲି ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ, ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଟ୍ୟାକ୍ସି ଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ନିଜ ପରିବାର ସହ ସିଡିଆର ଛକ ନିକଟସ୍ଥ ଫୁଟପାଥରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୬ଟାରେ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ବବଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଜେରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଛି। ଅଭିଯୁକ୍ତର ସୂଚନା ଆଧାରରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୀଡ଼ିତାଙ୍କ ପରିବାର ମୂଳତଃ ବିହାରର ବାସିନ୍ଦା। ପରିବାରରେ ୪ଟି ସନ୍ତାନ ଥିବାବେଳେ ପିତାମାତା ଦିନମଜୁରିଆ ଭାବେ କାମ କରନ୍ତି ଏବଂ ୧୧ ବର୍ଷର ନାବାଳିକା ଜଣକ ରାସ୍ତାରେ ବେଲୁନ୍ ବିକ୍ରି କରି ପରିବାରକୁ ସାହାଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଥିକ ଅଭାବ ଯୋଗୁଁ ଘରଭଡ଼ା ଦେଇ ନପାରିବାରୁ ସେମାନେ ଫୁଟପାଥରେ ରହିବାକୁ ବାଧ ହୋଇଥିଲେ। ପୁଲିସ ଅନୁଯାୟୀ, ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି।

# ନିଟ୍ ପରୀକ୍ଷା ଜାଲିଆତି ରାକେଟ୍‌ରେ ଲକ୍ଷ ଲକ୍ଷ ଟଙ୍କା କାରବାର



ପାଟନା, ୨୩।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଅନୁଷ୍ଠିତ ପୁନଃ ନିଟ୍ ପରୀକ୍ଷାରେ ପୁଣି ଜାଲିଆତି ଚେଷ୍ଟା ହୋଇଥିବା ଖବର ସାମ୍ନାକୁ ଆସିଛି। ଏମ୍ସ ପାଟନା, ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ (ପିଏମ୍‌ସିଏଚ୍) ଏବଂ ଗୟାର ଅନୁଗ୍ରହ ନାରାୟଣ ମଗଧ ମେଡିକାଲ କଲେଜ (ଏଏନ୍‌ଏମ୍‌ଏମ୍‌ସିଏଚ୍) ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରମାନେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଛଦ୍ମବେଶୀ

**■ ପାଟନା ଏମ୍ସ ଡାକ୍ତରୀ ଛାତ୍ର ସଂପୃକ୍ତ**
**■ ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ ୪୦ ଲକ୍ଷ**

ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ ମେଡିକାଲରେ ଆଡମିସନ କରାଇଦେବା ପାଇଁ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠୁ ପ୍ରାୟ ୪୦ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଧନୀ ପରିବାରର ପିଲାମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କ ବଦଳରେ ପରୀକ୍ଷା ଦେବା ପାଇଁ ମେଧାବୀ ମେଡିକାଲ ଛାତ୍ର ବା 'ସଲଭର' ମାନଙ୍କୁ ନିୟୋଜିତ କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ଆର୍ଥିକ ଅସୁବିଧାରେ ଥିବା ମେଡିକାଲ ଛାତ୍ରମାନଙ୍କୁ ୧୫ ରୁ ୨୦ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଯାଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟରୁ ଛାତ୍ରମାନଙ୍କୁ ଅଣାଯାଇଥିଲା। ତେବେ ଏହି ଜାଲିଆତି ପ୍ରକ୍ରିୟାରେ ବାୟୋମେଟ୍ରିକ୍ ସୁରକ୍ଷା ବ୍ୟବସ୍ଥାକୁ ବାଇପାସ୍ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ବାୟୋମେଟ୍ରିକ୍ ଯାଞ୍ଚ ପାଇଁ ନିୟୋଜିତ ହୋଇଥିବା 'ଇନୋଭେଟିଭ୍ ଭ୍ୟୁ' ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଏହି ଗ୍ୟାଙ୍ଗ ସହ ସାମିଲଥିବା କୁହାଯାଇଛି। ଏହି କମ୍ପାନୀ ପୂର୍ବରୁ ଅନେକ ରାଜ୍ୟରେ ବ୍ଲାକଲିଷ୍ଟେଡ୍ ହୋଇଥିଲା। ତଥାପି ଉକ୍ତ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାୟୋମେଟ୍ରିକ୍ ତଥ୍ୟ ମେଳ ନଖାଇଲେ ମଧ୍ୟ କର୍ମଚାରୀମାନେ ଜାଲ୍ ପରୀକ୍ଷାର୍ଥୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ। ଏହି ସଂକ୍ରାନ୍ତରେ ୧୮ ଜଣ ବାୟୋମେଟ୍ରିକ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପିଏମ୍‌ସିଏଚ୍‌ର ୨୦୨୨ ବ୍ୟାଚର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ଅଶ୍ୱିନୀ କୁମାର ରହିଛନ୍ତି। ସେ ମୟଙ୍କ କାଶ୍ୟପ ନାମରେ ଏକ ଜାଲ୍ ପରିଚୟ ପତ୍ର ବ୍ୟବହାର କରୁଥିଲେ। ପରୀକ୍ଷା କେନ୍ଦ୍ରରେ ବାୟୋମେଟ୍ରିକ୍ ଯାଞ୍ଚ କର୍ମଚାରୀ ଭାବେ ରହି ସେ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ପରୀକ୍ଷା ଦିନ ତାଙ୍କର କଲେଜରେ ଉପସ୍ଥାନ ଥିବା ଦେଖାଯାଇଛି। ଫଳରେ କଲେଜ ଭିତରେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରୁଥିବା ସନ୍ଦେହ ହୋଇଛି। ସେହିପରି ଅନ୍ୟଜଣେ ପଶ୍ଚିମବଙ୍ଗର ଜଳପାଇଗୁଡି ମେଡିକାଲ କଲେଜର ଛାତ୍ର ସଲଭର ମନ୍ତୋଷ କୁମାର ପରୀକ୍ଷା ଦେବାକୁ ଆସି ଧରାପଡ଼ିଥିଲେ। ଲକ୍ଷ୍ମୀସରାଇ ଏସପି ପ୍ରେରଣା କୁମାର କହିଛନ୍ତି ଯେ ଏହି ନେଟୱାର୍କ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସମେତ ଅନେକ ରାଜ୍ୟକୁ ବ୍ୟାପିଛି। ବର୍ତ୍ତମାନ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ମେଡିକାଲ କଲେଜର ଅଧକ୍ଷମାନେ ମଧ୍ୟ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସ୍କାମ୍ ସାମ୍ନାକୁ ଆସିବା ପରେ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ନିର୍ବାଚନ ଫଳାଫଳକୁ ଚାଲେଞ୍ଜ**

# କୋର୍ଟ ଗଲେ ମମତା

କୋଲକାତା, ୨୩।୬(ଏଜେନ୍ସି): ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରାଜୟ ପରେ ନିର୍ବାଚନ ଫଳାଫଳ ନେଇ କଲିକତା ହାଇକୋର୍ଟରେ ମାମଲା ଦାୟର ହୋଇଛି। ଏନେଇ ଭବାନୀପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପ୍ରକ୍ରିୟା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜ୍, ଇଭିଏମ୍ ଏବଂ ଭିଭିପାଟ୍ ମେସିନଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ପାଇଁ ହାଇକୋର୍ଟ

**ସିସିଟିଭି ଫୁଟେଜ୍ ଏବଂ ଇଭିଏମ୍ ସଂରକ୍ଷିତ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ**



ମଙ୍ଗଳବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ନିଜର ପାରମ୍ପରିକ ଆସନ ଭବାନୀପୁରରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫, ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହି ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଏକ ନିର୍ବାଚନ ପିଟିସନ ଦାୟର କରିଥିଲେ। ସେଥିରେ ସେ ଭୋଟ୍ ଗଣତି ସମୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ମମତାଙ୍କ ଓକିଲ କଲ୍ୟାଣ ବାନାର୍ଜୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୧୨ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମମତା ଆଗୁଆ ଥିଲେ। କିନ୍ତୁ ପରେ ପରିଣାମ ହଠାତ୍ ବଦଳି ଯାଇଥିଲା। ଏପରିକି ଟିଏମ୍‌ସିର ଗଣତି ଏଜେଣ୍ଟମାନଙ୍କୁ ମାଡ଼ ମରାଯିବା ସହ ସେମାନଙ୍କୁ ଜୋର ଜବରଦସ୍ତ ଗଣତି କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ବୋଲି ଦାବି କରାଯାଇଛି। ଜଷ୍ଟିସ୍ ଗୌରାଙ୍ଗ କାନ୍ତ ଏହି ମାମଲାର ଶୁଣାଣି କରି ପ୍ରମାଣଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତୁରନ୍ତ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୪ରେ ଗଣତି କେନ୍ଦ୍ର ଏବଂ ଗଣତି ହଲ୍ ଭିତରେ ଓ ବାହାରେ ରେକର୍ଡ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍ ସୁରକ୍ଷିତ ରଖାଯିବ, ନିର୍ବାଚନରେ ବ୍ୟବହୃତ ସମସ୍ତ ଭିଭିପାଟ୍ ମେସିନଗୁଡ଼ିକୁ ମଧ୍ୟ ହେପାଜତରେ ରଖାଯିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହାସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଏହି ସାମଗ୍ରୀଗୁଡ଼ିକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ, ପୁନର୍ବାର ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।


## ବାହାଘର ପୂର୍ବରୁ ଯୁବକଙ୍କୁ ହତ୍ୟା କଲା ପ୍ରେମିକା

ପୁଣେ, ୨୩।୬ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ଐତିହାସିକ ଲୋହଗଡ଼ ଦୁର୍ଗରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଞ୍ଚଲ୍ୟକର ରହସ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏକ ଦୁର୍ଘଟଣା ବୋଲି କୁହାଯାଉଥିବା ଏହି ଘଟଣା ପ୍ରକୃତରେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ୨୫ ବର୍ଷୀୟ କେତନ ବିଶାଳ ଅଗ୍ରୱାଲଙ୍କୁ ତାଙ୍କ ନିର୍ବନ୍ଧ ସରିଥିବା ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି ଦୁର୍ଗରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଉଭୟଙ୍କୁ ଗିରଫ କରିଛି।



ତଦନ୍ତ ଅନୁଯାୟୀ, ୨୦ ବର୍ଷୀୟା ସିୟା ନିଜ ପରିବାର ଦ୍ୱାରା ଠିକ୍ କରାଯାଇଥିବା କେତନଙ୍କୁ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କର ୨୨ ବର୍ଷୀୟ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେଣୁ ଉଭୟ କେତନଙ୍କୁ ସେମାନଙ୍କ ସମ୍ପର୍କର ଏକ ବଡ଼ ପ୍ରତିବନ୍ଧକ ବୋଲି ଭାବୁଥିଲେ। ଶେଷରେ ସେ ଚେତନଙ୍କ ସହ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଜୁନ୍ ୧୮ ରେ ଘଟିଥିବା ଏହି ଘଟଣା ପ୍ରକୃତରେ ହତ୍ୟା ପାଇଁ ସେମାନଙ୍କର ଦ୍ୱିତୀୟ ପ୍ରୟାସ ଥିଲା ବୋଲି ପୁଲିସ କହିଛି। ଏହା ପୂର୍ବରୁ ଜୁନ୍ ୧୪ରେ ମଧ୍ୟ ସେମାନେ ଲୋହଗଡ଼ ଦୁର୍ଗରେ କେତନଙ୍କୁ ସର୍ପାଘାତର ଭୟ ଦେଖାଇ ଖାଇକୁ ଠେଲିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ କେତନ ବଞ୍ଚିଯାଇଥିଲେ। ସିୟା ଏହି ଘଟଣାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ବହୁ ଚେଷ୍ଟା କରିଥିଲେ। ଏପରିକି ବିବାହ ପୂର୍ବରୁ ବାଲି ଯିବାର ଯୋଜନାକୁ ବାତିଲ କରିବାକୁ ସେ ନିଜ ପାସପୋର୍ଟକୁ ହୋଟେଲର ଶୌଚାଳୟରେ ଫୋପାଡ଼ି ଦେଇଥିଲେ। ଘଟଣା ଦିନ ସିୟାଙ୍କ ଜନ୍ମଦିନ ପାଳନ ପାଇଁ ସେମାନେ ଦୁର୍ଗକୁ ଯାଇଥିଲେ। କେତନ ଫଟୋ ଉଠାଉଥିବା ସମୟରେ ଭାରସାମ୍ୟ ହରାଇ ଖସିପଡ଼ିଥିବା ସିୟା ଦାବି କରିଥିଲେ। ମାତ୍ର ପଚରାଉଚରା ସମୟରେ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ମୋବାଇଲ୍ ଫୋନ୍ ରେକର୍ଡ ତଥା ସୋସିଆଲ ମିଡିଆ ଯାଞ୍ଚ ପରେ ହତ୍ୟାକାଣ୍ଡର ରହସ୍ୟ ଖୋଲିଥିଲା। ସିୟା ଏବଂ ଚେତନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟା ଯୋଜନାର ଡିଜିଟାଲ ପ୍ରମାଣ ପୁଲିସକୁ ମିଳିଛି। ବର୍ତ୍ତମାନ ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

# ବୁଝାମଣା ସତ୍ତ୍ୱେ ହର୍ମୁଜ ଅନିଶ୍ଚିତତା



ୱାସିଂଟନ୍, ୨୩।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ବର୍ତ୍ତମାନ ପାଇଁ ଖୋଲା ରଖାଯିବ ଏବଂ କୌଣସି ନୌସେନା ଅବରୋଧ କରାଯିବ ନାହିଁ। ଇରାନ ସହ ଆଣବିକ ଆଲୋଚନା ସକାରାତ୍ମକ ଭାବେ ଆଗକୁ ବଢୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ପ୍ରକାଶ କରିଛନ୍ତି ଯେ, ଇରାନ ଭବିଷ୍ୟତ ପାଇଁ ଉଚ୍ଚସ୍ତରୀୟ ଆଣବିକ ଯାଞ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ରାଜି ହୋଇଛି। ଏହାଦ୍ୱାରା ଆଣବିକ ସ୍ୱଚ୍ଛତା ବଜାୟ ରହିବ। ଇରାନ ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିନଥିଲେ ଆଗକୁ କୌଣସି ଆଲୋଚନା ହୋଇନଥାନ୍ତା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ସହ ହୋଇଥିବା ବୁଝାମଣାକୁ ସେ ଏକ ବଡ଼ କୂଟନୈତିକ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏକ ସହାୟତା ବ୍ୟବସ୍ଥା ବିଷୟରେ ଜଣାଇଛନ୍ତି। ଆମେରିକା ଟ୍ରେଜେରି ଦ୍ୱାରା ମୁକ୍ତ କରାଯାଇଥିବା ଅର୍ଥ ସିଧାସଳଖ ଇରାନକୁ

**■ ସମୁଦ୍ର ପଥ ଖୋଲା ରହିବ: ଟ୍ରମ୍ପ**
**■ ଅବରୋଧ ପାଇଁ ମଧ୍ୟ ପ୍ରସ୍ତୁତ**

ନଯାଇ ଆମେରିକା ପ୍ରଶାସନର ନିୟନ୍ତ୍ରଣରେ ଥିବା ଏକ ଏସ୍କ୍ରୋ ଆକାଉଣ୍ଟରେ ରହିବ। ଏହି ଅର୍ଥ କେବଳ ଆମେରିକୀୟ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ଏବଂ ଔଷଧ କିଣିବା ପାଇଁ ବ୍ୟବହୃତ ହେବ। ଇତିମଧ୍ୟରେ ହର୍ମୁଜ ଦେଇ ଗତ ସୋମବାର ରେକର୍ଡସ୍ତରୀୟ ୧୯ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ ବିଶ୍ୱ ବଜାରରେ ସୁରକ୍ଷା ଭାବନା ବୃଦ୍ଧି ପାଇଛି ବୋଲି ଟ୍ରମ୍ପ କହିଛନ୍ତି। ତଥାପି ଆବଶ୍ୟକ ପଡ଼ିଲେ ନୌସେନା ପୁଣି ଥରେ ଅବରୋଧ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ, ଓମାନ ଏବଂ ଇରାନ ଏକ ମିଳିତ ବିବୃତି ଜାରି କରି ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ଭାବେ ସୁରକ୍ଷିତ ଏବଂ ଖୋଲା ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ଦେଶ ଏହି ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଦାବି କରିବା ସହ ଭବିଷ୍ୟତରେ ଏହାର ପରିଚାଳନା ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

## ଇସ୍ରାଏଲ୍ ସହ ସମ୍ପର୍କ: ଇରାନରେ ୩୨୦୦ରୁ ଅଧିକ ଗିରଫ, ସମ୍ପତ୍ତି ବ୍ୟାଜାପ୍ତ

ତେହେରାନ, ୨୩।୬(ଏଜେନ୍ସି): ଇସ୍ରାଏଲକୁ ସାହାଯ୍ୟ କରିବା ଅଭିଯୋଗରେ ଇରାନ ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶତ୍ରୁ ଦେଶ ପାଇଁ କାମ କରୁଥିବା ଏବଂ ସରକାର ବିରୋଧୀ ଅପପ୍ରଚାର ଚଳାଇଥିବା ଅଭିଯୋଗରେ ୩, ୨୯୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଇରାନର ନ୍ୟାୟିକ ବିଭାଗ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ୬୮୪ ଜଣଙ୍କ ବିରୋଧରେ ଇସ୍ରାଏଲ୍ ପାଇଁ ସାମରିକ ଗତିବିଧିରେ ସହଯୋଗ କରିଥିବାର ଗୁରୁତର ଅଭିଯୋଗ ରହିଛି। ଏଥିସହିତ ୧, ୨୫୮ ଜଣଙ୍କ ଉପରେ ରାଷ୍ଟ୍ର ବିରୋଧୀ ରାଜନୈତିକ ପ୍ରୋପାଗାଣ୍ଡା ବା ଅପପ୍ରଚାର କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ୧, ୦୬୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସରକାର ଶତାଧିକ ସନ୍ଦିଗ୍ଧଙ୍କ ସମ୍ପତ୍ତିକୁ ମଧ୍ୟ ବ୍ୟାଜାପ୍ତ କରିଛନ୍ତି। ଗତ ସପ୍ତାହରେ ଇସଫାହାନ ପ୍ରଦେଶରେ ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କ ସମ୍ପତ୍ତି ସରକାର ନିଜ ଅକ୍ତିଆରକୁ ନେଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଇରାନରେ ବ୍ୟାପକ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା। ଏହାପରେ ଦମନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ହୋଇଥିବା ଗିରଫଦାରି ତାହାର ଅଂଶବିଶେଷ ବୋଲି କୁହାଯାଇଛି। ସେତେବେଳେ ପ୍ରାୟ ୫୦, ୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଇରାନର ବିପ୍ଳବୀ ଗାର୍ଡ ଦାବି କରିଛି ଯେ, ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବିମାନ ଆକ୍ରମଣ ସମୟରେ ଏହି ବ୍ୟକ୍ତିମାନେ ସେମାନଙ୍କୁ ଗୁପ୍ତ ତଥ୍ୟ ଯୋଗାଇ ସହାୟତା କରୁଥିଲେ। ଅନ୍ୟପଟେ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନର ଏହି ପଦକ୍ଷେପକୁ କଠୋର ସମାଲୋଚନା କରିଛି। ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ କହିଛି ଯେ, ଇରାନ ଯୁଦ୍ଧର ଆଳ ଦେଖାଇ ନିଜ ଦେଶର ବିରୋଧୀ ସ୍ୱରକୁ ଚାପିବା ପାଇଁ ବେଆଇନ ଗିରଫଦାରି ଏବଂ କଠୋର ଦଣ୍ଡାଦେଶ ପ୍ରଦାନ କରୁଛି। ନରୱେ ସ୍ଥିତ 'ଇରାନ ହ୍ୟୁମାନ ରାଇଟ୍ସ ଗ୍ରୁପ୍'ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ୮ ସୁଦ୍ଧା ଅତିକମରେ ୪୦ ଜଣ ବନ୍ଦୀଙ୍କୁ ରାଜନୈତିକ ଅଭିଯୋଗରେ ଫାଶୀ ଦିଆଯାଇଛି।







# ଦୁଇ ମିନିଟ୍ ବିଳମ୍ବ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଧୂଳିସାତ୍

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଭାରତର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଅନ୍ୟତମ ନିଟ୍। ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟର ମାସେ ପରେ ପୁନଃ ନିଟ୍ ପରୀକ୍ଷାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ପେପର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ପରୀକ୍ଷା ପରିଚାଳନା ପାଇଁ ଦ୍ୱିତୀୟ ସୁଯୋଗ

**ପୁନଃ ନିଟ୍ ପରୀକ୍ଷା**

ମିଳିଥିବା ବେଳେ, ମାତ୍ର କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଅନେକ ଛାତ୍ରଛାତ୍ରୀଙ୍କୁ କିନ୍ତୁ କୌଣସି ସୁଯୋଗ ଦିଆଯାଇ ନାହିଁ। ଶନିବାର ଏନ୍‌ଟିଏ ପକ୍ଷରୁ ଭାରତ ଓ ବିଦେଶର ୫, ୪୦୦ ରୁ ଅଧିକ କେନ୍ଦ୍ରରେ ପ୍ରାୟ ୨୨.୭ ଲକ୍ଷ ପ୍ରାର୍ଥୀଙ୍କ ପାଇଁ ଏହି ପୁନଃ ପରୀକ୍ଷା ଆୟୋଜିତ ହୋଇଥିଲା। ପେପର ଲିକ୍ ପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଏଥର ଏଆଇ ମନିଟରିଂ, ବାୟୋମେଟ୍ରିକ ଯାଞ୍ଚ ଏବଂ ପ୍ରାୟ ୫୦, ୦୦୦ ଜାମର ବ୍ୟବହାର ସହ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ନିୟମ ଅନୁସାରେ ଦିନ ୧.୩୦ ସୁଦ୍ଧା ଗେଟ୍ ବନ୍ଦ ହେବାର ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷା, ଟ୍ରାଫିକ୍ ଜାମ୍ କିମ୍ବା ଗାଡି ପଙ୍କଚର ଭଳି ଅପ୍ରତ୍ୟାଶିତ କାରଣ ଯୋଗୁଁ ମାତ୍ର ୨ ରୁ ୫ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିନଥିଲା। ମଧ୍ୟପ୍ରଦେଶର ବିଦିଶାରେ ଜଣେ ଛାତ୍ରୀ ବର୍ଷା ଓ ମୋଟରସାଇକେଲ ପଙ୍କଚର ଯୋଗୁଁ ମାତ୍ର ୨ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ପିତା ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶେଷରେ ବାୟୋମେଟ୍ରିକ ଲକ୍ ହୋଇଯିବା କାରଣରୁ ଛାତ୍ରୀଜଣକ ପରୀକ୍ଷା ଦେଇପାରିନଥିଲେ। ସେହିପରି ତେଲେଙ୍ଗାନା ଜଗିତିଆଲ ଜିଲ୍ଲାରୁ ଆସିଥିବା ଏକ ଭିଡିଓରେ ଜଣେ ମା' ନିଜ ଝିଅ ପାଇଁ ସୁରକ୍ଷା କର୍ମୀଙ୍କ ପାଦ ତଳେ ପଡ଼ି ନେହୁରା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁରେ ଟ୍ରାଫିକ୍ ଯୋଗୁଁ ବିଳମ୍ବ ହେବାରୁ କିଛି ଛାତ୍ରୀ ଗେଟ୍ ଡେଇଁ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। ସେହିପରି ମୋରାଦାବାଦରେ ଗୁଗଲ୍ ମ୍ୟାପ୍‌ର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଅନେକ ପରୀକ୍ଷାର୍ଥୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପ୍ରଣାଳୀର ତ୍ରୁଟି ଯୋଗୁଁ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାସେରୁ ଅଧିକ ସମୟ ଅପେକ୍ଷା କରାଯାଇ ପାରିଲା। କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ ମିନିଟ୍ ସମୟ ସହ କୋହଳ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି।

Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA

The Legacy of GOLD Continues ...

UNIV. RANK 1 (BCA) Aradhana Pradhan 9.62 CGPA
UNIV. RANK 1 B.A. PSY. (H) Sanskruti Hota 9.42 CGPA
UNIV. RANK 1 (BBA) N. Jhansi Rani 8.97 CGPA

BCA Final Sambalpur University Results 2026
1st Rank 9.62 CGPA ARADHANA PRADHAN | 2nd Rank 9.48 CGPA ADYASHA RANA | 5th Rank 9.10 CGPA TANMAYA MAHARANA | 8th Rank 8.87 CGPA K SAI MANISHA | 9th Rank 8.84 CGPA KHUSI KUMARI

BBA Final Sambalpur University Results 2026
1st Rank 8.97 CGPA N. JHANSI RANI | 4th Rank 8.76 CGPA ANISHA GUPTA | 5th Rank 8.59 CGPA SIMRAN GUPTA | 7th Rank 8.23 CGPA PALLAVI SHARMA | 7th Rank 8.23 CGPA ROHIT SHARMA | 8th Rank 8.17 CGPA SHRUTI AGRAWAL | 10th Rank 8.12 CGPA PRACHI PANDA

+3 Final Sambalpur University Results 2026

M.Com (2024-26) 8.64 CGPA Priyaranjan Bhoi

MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm

Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com
94393 49333 / 82800 08111 / 92372 70045 / 94380 85817


## ଛତିଶଗଡ଼ରୁ ଆସୁନି ଟୋପେ ବି ପାଣି

# ମୃତ୍ୟୁଶଯ୍ୟାରେ ମହାନଦୀ



ଅମ୍ବାଭୋନା, ୨୩।୬ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି। ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ଜଳ ପ୍ରବାହ ହେଉନଥିବାରୁ ଓଡ଼ିଶା ସୀମାରେ ନଦୀର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ମହାନଦୀ ଦିନେ ଲୋକଙ୍କ ଜୀବିକା, କୃଷି, ମତ୍ସ୍ୟଚାଷ ଓ ପାନୀୟ ଜଳର ପ୍ରମୁଖ ଉତ୍ସ ଥିଲା, ସେହି ନଦୀ ଆଜି ଅନେକ ସ୍ଥାନରେ ଶୁଖିଲା ବାଲୁକା ଶଯ୍ୟାରେ ପରିଣତ ହୋଇଛି।

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭେଁନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି ନିକଟରେ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥାଏ। ଏହି ସ୍ଥାନରେ ବର୍ତ୍ତମାନ ନଦୀର ଜଳସ୍ତର ଅସ୍ୱାଭାବିକ ଭାବରେ ହ୍ରାସ ପାଇଥିବା ଦେଖି ସ୍ଥାନୀୟ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଯେଉଁଠାରେ ୨୦ରୁ ୨୫ ଫୁଟ ପର୍ଯ୍ୟନ୍ତ ପାଣି ରହୁଥିଲା, ସେଠାରେ ଏବେ ବାଲିଚର ଓ ଶୁଖିଲା ନଦୀପଠା ଦେଖିବାକୁ ମିଳୁଛି। ଉପରମୁଣ୍ଡରେ କଳମା, ସାରାଡିହି, ମରୋନି ଓ ବସନ୍ତପୁର ଅଞ୍ଚଳରେ ଏକାଧିକ ବ୍ୟାରେଜ, ଆନିକଟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରି ମହାନଦୀର ସ୍ୱାଭାବିକ ଜଳ ପ୍ରବାହକୁ ଅଟକାଇ ରଖିଛି ଛତିଶଗଡ଼। ଏହି ପ୍ରକଳ୍ପଗୁଡ଼ିକରୁ ଶିଳ୍ପ ପ୍ରତିଷ୍ଠାନକୁ ବ୍ୟାପକ ପରିମାଣରେ ଜଳ ଯୋଗାଣ କରାଯାଉଥିବାରୁ ତଳମୁଣ୍ଡରେ ଥିବା ଓଡ଼ିଶା ଅଞ୍ଚଳ ଜଳ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପ୍ରସଙ୍ଗରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ବେଳେ ମାମଲା ସୁପ୍ରିମକୋର୍ଟ ଏବଂ ମହାନଦୀ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି।

### ଭୂତଳ ଜଳସ୍ତର ହ୍ରାସକୁ ନେଇ ବଢୁଛି ଚିନ୍ତା

ମହାନଦୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଚିଖିଲି, ମହୁଲପାଲି, ପଥରାସେନୀ, ଲାଉନସରା, ତାମଦେଇ, ଜରିମୁଲି, ଗୋବିନ୍ଦପୁର ଏବଂ କୁରୁମକେଲ ଭଳି ନଦୀକୂଳିଆ ଗ୍ରାମଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାନୀୟ ଜଳ ଅଭାବ ସହ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ଯୋଗାଡ଼ କଷ୍ଟସାଧ ହୋଇପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ଏବେ ବିପଦରେ। ନଦୀରେ ପାଣି କମିଯିବାରୁ ମାଛ ସଂଖ୍ୟା ହ୍ରାସ ପାଉଥିବା ବେଳେ ମତ୍ସ୍ୟଜୀବୀ ରୋଜଗାର ହରାଇବାକୁ ବସିଛନ୍ତି। ସେହିପରି ନଦୀ ପଠାରେ ତରଭୁଜ, କାକୁଡ଼ି, ବଙ୍ଗଳା ଓ ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀମାନେ ମଧ୍ୟ ଜଳ ଅଭାବ ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ କେବଳ ନଦୀ ମଧ୍ୟରେ ସୀମିତ ରହିନାହିଁ। ଅମ୍ବାଭୋନା ବ୍ଲକର ଭୂତଳ ଜଳସ୍ତର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ଅନେକ ଗଭୀର ନଳକୂପରେ ଜଳସ୍ତର କମିବା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପାନୀୟ ଜଳ ସଂକଟ ଆହୁରି ଉତ୍କଟ ହେବ।

ଅନ୍ୟପଟେ ମହାନଦୀର ଜଳ ଉପରେ ନିର୍ଭର କରୁଥିବା ଚିଖିଲି, ଜାମପାଲି ଓ ତାମଦେଇ ପାର୍ବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ବଢ଼ିଛି। ସେହିପରି ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା "ହର ଘର ଜଳ' ଯୋଜନାର ଭବିଷ୍ୟତ ଜଳ ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

# ପଦ୍ମଶ୍ରୀ ଗ୍ରହଣ କଲେ ୩ ଓଡ଼ିଆ



ଭୁବନେଶ୍ୱର,୨୩।୬(ସମିସ): ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହରେ ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ସୀମାଞ୍ଚଳ ପାତ୍ର ଏବଂ ଶରତ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚରଣ ହେମ୍ବ୍ରମ ହେଉଛନ୍ତି ସାନ୍ତାଳୀ ଗବେଷକ ଓ ଶିକ୍ଷାବିତ୍। ସାନ୍ତାଳୀ 'ଅଲିଚିକି' ଲିପିର ପ୍ରସାର କ୍ଷେତ୍ରରେ ଅବଦାନ ସହ ଆଦିବାସୀ ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମର ପ୍ରସିଦ୍ଧ ପ୍ରହ୍ଲାଦ ନାଟକର ପ୍ରବୀଣ କଳାକାର ସୀମାଞ୍ଚଳ ପାତ୍ର ପାରମ୍ପରିକ ଲୋକକଳାକୁ ଉଜ୍ଜିବୀତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କଟକ ନୂଆପାଟଣାର ବୁଣାକାର ଓ ବାନ୍ଧକଳାର ମାଷ୍ଟର କାରିଗର ଶରତ କୁମାର ପାତ୍ର ୬ଦଶନ୍ଧି ଧରି ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହି ସମ୍ମାନ ଲାଭ କରିଛନ୍ତି। ନିକଟରେ ଡ. ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ଗ୍ରହଣ କରିଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ୟାଗନିକଙ୍କୁ ପଦ୍ମଭୂଷଣ, ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ପଦ୍ମଭୂଷଣ, ମାଲାୟଲମ ସୁପରଷ୍ଟାର ମାମ୍ମୁଟିଙ୍କୁ ମଧ୍ୟ ପଦ୍ମଭୂଷଣ ସମ୍ମାନ ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଛନ୍ତି।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀ ଜଗିବେ ୨୨୦ ପ୍ଲାଟୁନ୍ ପୁଲିସ




ପୁରୀ,୨୩।୬(ସମିସ): ଆଉ ୨୨ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି। ଗତବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲ୍‌ରୁ ଅନେକ କିଛି ଶିଖି ଏଥର ଜାନୁଆରୀ ମାସରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ। ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।

ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏବର୍ଷ ଗୋଟିଏ ସେଟ୍ ଅଧିକ ଚାରମାଳ ସେଟ୍ ପାଇଁ ତାଳ କାଠ ପହଞ୍ଚିସାରିଛି। ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହିତ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବେଡ୍ କରାଯିବ। ୧୦ ଆଇସିୟୁ ବେଡ୍, ଅସ୍ଥାୟୀ ବର୍ଣ୍ଣ ୱାର୍ଡର ୧୦ଟି ବେଡ୍, ଟ୍ରମାକେୟାରର ୧୦ ବେଡ୍, ୪୬ଟି ଆମ୍ବୁଲାନ୍ସ, ପ୍ରାୟ ୩୦୦ ୟୁନିଟ୍ ରକ୍ତ ମହଜୁଦ୍ ରଖାଯିବ। ରଥଯାତ୍ରା ପାଇଁ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହେବ। କେବଳ ସ୍ନାନଯାତ୍ରା ପାଇଁ ୩୦୦ ଅସ୍ଥାୟୀ ଶୌଚାଳୟ କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ। ପରିବହନ ଅଧିକାରୀ ରଥଯାତ୍ରା ପାଇଁ ପ୍ରାୟ ୨୫୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହେବ ତାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବସ୍, ଅଟୋରେ ରେଟ୍‌ଚାର୍ଟ ଲାଗିବ। ଜାତୀୟ ରାଜପଥରେ ସ୍ପିଡ୍ ଚେକିଂ ହେବ। ତାଳବଣିଆକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଠିବ ବୋଲି ସୂଚନା ଦେଇଥିଲେ।

ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍‌କୁ ମିଶାଇ ପ୍ରାୟ ୧୨୦୦ ଟ୍ରେନ୍ ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ ହେବ। ୨୫ ହଜାର ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ, ୧.୫ ଲକ୍ଷ ଯାତ୍ରୀଙ୍କ ଲାଗି ମାଗଣା ଖାଦ୍ୟ ବ୍ୟବସ୍ଥା କରାଯାଉଛି। ୩୫ଟି ଅତିରିକ୍ତ ଟିକଟ କାଉଣ୍ଟର, ୩୦ଟି ମୋବାଇଲ୍ ଟିକଟ କାଉଣ୍ଟର ଓ ୧୨ଟି ଏଟିଭିଏମ୍ କାର୍ଯ୍ୟ କରିବ। ୮୦୦ ଆର୍‌ପିଏଫ୍, ୧୫୦୦ ଜିଆର୍‌ପି ମୁତୟନ ହେବେ। ସେହିପରି ୨୫୬ଟି କ୍ୟାମେରା, ୧୦ ସ୍ନାଇପର ଡଗ୍, ଫାୟାର ବ୍ରିଗେଡ୍ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ।

**ଚାଲିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**

**୧,୬୦୦ ଅସ୍ଥାୟୀ ଶୌଚାଳୟ**

**୨୩ଟି ସ୍ଥାନରେ ଅସ୍ଥାୟୀ ପାର୍କିଂ**

# ରେଳଧାରଣାରୁ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର



ଝାରସୁଗୁଡ଼ା,୨୩।୬(ସମିସ): ଝାରସୁଗୁଡ଼ାର ପରିଚିତ ବିଜେଡି ନେତା ତଥା ଆଇନଜୀବୀ ତ୍ରିନାଥ ଗୁଆଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦକ୍ଷିଣ ପୂର୍ବ ବମ୍ବେ ହାୱଡା ମୁଖ୍ୟ ରେଳପଥ ତଥା ଝାରସୁଗୁଡ଼ା-ଧୁତ୍ରା ରେଳ ଷ୍ଟେସନ ମଝି ବାଲିଯୋରୀ ରେଳ ଫାଟକ ନିକଟସ୍ଥ ଡାଉନ୍ ରେଳ ଧାରଣାରୁ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ରେଳଧାରଣାରେ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ହୋଇ ଶବ ପଡିଥିବା ଦେଖି କେହି ଜଣେ ଖବର ଦେଇଥିଲେ। ଏହାପରେ ରେଳବାର ପୁଲିସ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଭୋର୍ ସାଢେ ୫ଟାରେ କୋରାପୁଟ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକୋ ପାଇଲଟ ଷ୍ଟେସନରେ ଅବଗତ କରିଥିବା ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କ ଚପଲ, ଧଳା ସାର୍ଟ, ମୋବାଇଲ୍, ସୁଇସାଇଡାଲ ନୋଟ୍ ଜବତ ହୋଇଛି। ସେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ଦୁଇ ଥର ସଭାପତି ଥିଲେ। କାଉନସିଲର ମଧ୍ୟ ଥିଲେ। ବିଜେପି ତରଫରୁ ମଧ୍ୟ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ। ଅବିବାହିତ ତ୍ରିନାଥ ଅଞ୍ଚଳର ଦୁଃଖୀ, ଗରିବ, ନିରୀହ ଲୋକଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପୁତୁରା ଯଦୁମଣି ଗୁଆଲ ଅଭିଯୋଗ କହିଛନ୍ତି। ମାନସିକ ସ୍ତରରେ ସେ ଅତ୍ୟନ୍ତ ଦୃଢ଼ ଥିଲେ। ସେ କେବେ ବି ଆତ୍ମହତ୍ୟା କର ନ ଥିବେ। ଦୁଇ ତିନି ଦିନ ପୂର୍ବରୁ ଏକ ଜମିବାଡ଼ି ମାମଲାକୁ ନେଇ କଥାବାର୍ତ୍ତା ହୋଇଥିଲା; ଯେଉଁଥିରେ ଅନ୍ୟ ପକ୍ଷକୁ ନୋଟିସ୍ ଯାଇଥିଲା। ସେହି ଜମି ବିବାଦ କାରଣରୁ ହିଁ କେହି ଜବରଦସ୍ତ ତାଙ୍କୁ ଏଠାକୁ ଆଣି ହତ୍ୟା କରିଛନ୍ତି କିମ୍ବା ଆତ୍ମହତ୍ୟା କରିବାକୁ ବାଧ କରିଛନ୍ତି। ସେ ପ୍ରତିଦିନ ସକାଳେ କେବଳ ଇକୋ ପାର୍କକୁ ପ୍ରାତଃ ଭ୍ରମଣ ପାଇଁ ଯାଆନ୍ତି। ଏହି ରେଳ ଲାଇନ୍ ଆଡ଼କୁ ସେ କେବେ ଆସନ୍ତି ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ କହିଛନ୍ତି ଯେ, ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଛି। ଘରଠାରୁ ପ୍ରାୟ ୭/୮ କିଲୋମିଟର ଦୂର ଏହି ରେଳ ଟ୍ରାକକୁ ସେ କେମିତି ଓ କାହିଁକି ଆସିଲେ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ବିଧାୟକ ଟଙ୍କଧର ତ୍ରିପାଠି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

# ୧୦ରେ ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର,୨୩।୬(ସମିସ): ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ। ଏହାକୁ ନେଇ ମଙ୍ଗଳବାର ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି।

# ଜୁଲାଇ ୫କୁ ପୁଣି ଘୁଞ୍ଚିଲା ଓଟିଇଟି


■ କଟକ, ୨୩।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ନିଟ ପରୀକ୍ଷା ପାଇଁ ପ୍ରଥମେ ଘୁଞ୍ଚାଯାଇ ଜୁନ ୨୮ରେ ହେବ ବୋଲି ସ୍ଥିର କରାଯାଇଥିଲା। ଜୁନ ୨୮ରେ ଓଏସଏସସି ପକ୍ଷରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ୫ତାରିଖରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଓଟିଇଟି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ଜୁନ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହୋଇସାରିଛି। ଯେଉଁମାନେ ଏହାକୁ ଡାଉନଲୋଡ କରିଛନ୍ତି ଆଉ ଡାଉନଲୋଡ କରିବାକୁ ପଡିବ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ



ସମ୍ବଲପୁର, ୨୩।୬ (ସମିସ): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସମ୍ବଲପୁର ଧନୁପାଲିସ୍ଥିତ କାର୍ଯ୍ୟାଳୟ ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲା। ସମ୍ବଲପୁର ଧନୁପାଲିସ୍ଥିତ ତାଙ୍କ ଭଡ଼ା ଘର, ସେହି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, କଟକ ବିଦ୍ୟାଧରପୁରରେ ୩ ମହଲା ବାସଗୃହ, ବାଲେଶ୍ୱର ବସ୍ତା ଥାନା ଅଧୀନ ମୁଖାଲିସଠାରେ ୨ ମହଲା କୋଠା, କଟକ ସହରରେ ଦୁଇ ସହଯୋଗୀଙ୍କ ବାସଗୃହ ଏବଂ ମାଲକାନଗିରି କାଲିମେଳାରେ ତାଙ୍କ ସହଯୋଗୀଙ୍କ ଘର ଯାଞ୍ଚ କରାଯାଇଛି। ଇଂ. ନାୟକ ଓ ତାଙ୍କ ପରିବାରବର୍ଗଙ୍କ ନାମରେ କଟକ ବିଦ୍ୟାଧରପୁରରେ ୭ ହଜାର ବର୍ଗଫୁଟ୍‌ର ୩ ମହଲା ଆବାସିକ ଘର, ବାଲେଶ୍ୱର ମୁଖାଲିସଠାରେ ୧୪୬୫ ବର୍ଗଫୁଟର ଏକ ଦୁଇ ମହଲା କୋଠା ଏବଂ ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଓ ଡେଲାଙ୍ଗ (ପୁରୀ) ଭଳି ପ୍ରମୁଖ ସହର ଉପକଣ୍ଠରେ ୧୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। କଟକ ବିଦ୍ୟାଧରପୁରର ଏକାଧିକ ମୂଲ୍ୟବାନ ପ୍ଲଟ୍, ଭୁବନେଶ୍ୱରର ନୂଆଗାଁ ଓ କୋଟିଲାପୁଟର ଦୁଇଟି ମୂଲ୍ୟବାନ ପ୍ଲଟ୍, ପୁରୀର ଜମୁନା ଝାରପଡ଼ା, ବାଲେଶ୍ୱର ବସ୍ତାର ଡୁଣ୍ଡା ଏବଂ ଯାଜପୁର ସୁକିନ୍ଦା ଓ କୋରେଇରେ ମଧ୍ୟ ଅନେକ ମୂଲ୍ୟବାନ ଜମି ରହିଛି। ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା ସମସ୍ତ କୋଠାବାଡ଼ି ଓ ଜମିର ମାପଚୁପ ଏବଂ ମୂଲ୍ୟ ନିରୂପଣ କାର୍ଯ୍ୟ ଚାଲିଛି। ଇଂ. ନାୟକଙ୍କଠାରୁ ନଗଦ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସମେତ ଶ୍ରୀଲଙ୍କା, ନେପାଳ, ବାହରିନ୍ ଏବଂ ଆମେରିକାର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ଡାକଘର ଜମା ସହିତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନରେ ହୋଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ସେହିପରି ଗୋଟିଏ ଜେସିବି ସହିତ ଟୟୋଟା ଇନୋଭା, ଟାଟା ଇଣ୍ଡିଗୋ ଓ ୱାଗନଆର ଏବଂ ଗୋଟିଏ ଦୁଇଚକିଆ ଯାନ ଠାବ କରାଯାଇଛି। ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇଙ୍କ ସମେତ ଭିଜିଲାନ୍ସ କର୍ମଚାରୀ ଚଢଉରେ ସାମିଲ ହୋଇଛନ୍ତି।

# ଜାମିନରେ ଆସି ଦୁଷ୍କର୍ମ ଅଭିଯୁକ୍ତ ବିଜେପି ନେତା ଫେରାର



ବ୍ରହ୍ମପୁର,୨୩।୬(ସମିସ): ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର ହୋଇଗଲେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ଅଭିଯୁକ୍ତ ଭବାନୀ ନିଜକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ଜିଲ୍ଲା ସଭାପତି ବୋଲି ପରିଚୟ ଦେଉଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ ବେଳେ ଭବାନୀଙ୍କ ହୋମିଓପାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲି ବୋଲି ଜଣାପଡ଼ିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଜଣେ ନାବାଳିକା(୧୭)ଙ୍କୁ ବିଏସସି ନର୍ସିଂ ସେ ପୁଣି ମାଗଣାରେ ରହିବା ସହ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ଭବାନୀ ତାଙ୍କ କମାପଲ୍ଲୀସ୍ଥିତ ବାଜପେୟୀ ଆରୋଗ୍ୟମ କ୍ଲିନିକରେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ନାବାଳିକା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଭବାନୀ ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ଭବାନୀ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କ ବିରୁଦ୍ଧରେ ମାମଲାକୁ ନେଇ ଚାର୍ଜଫ୍ରେମ୍ ହୋଇଥିଲା। ପରେ ଭବାନୀଙ୍କ ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଗତ ମେ ୭ତାରିଖରେ ସର୍ତ୍ତମୂଳକ ଜାମିନ ମିଳିଥିଲା। ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ଥିବା ଜଣାପଡିଛି। ଏହାକୁ ନେଇ କୋର୍ଟ ପକ୍ଷରୁ ଭବାନୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ଫେରାର ଭବାନୀଙ୍କୁ ନୁହେଁ ବରଂ ତାଙ୍କୁ ଜାମୀନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଆସନ୍ତା ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ପୁଅର ଶ୍ରାଦ୍ଧରେ ଯୋଗ ଦେବାକୁ ହାଇକୋର୍ଟରୁ ମିଳିଥିଲା ଜାମିନ**

ସକାଳ THE SAKALA



www.sakalaepaper.com

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ନରସିଂହ ଖପ୍ପା

ବଲାଙ୍ଗିର, ୨୩।୬(ସମିସ)



ନୂଆ ସରକାରଙ୍କଠାରୁ ଲୋକଙ୍କ ବହୁତ ଆଶା ଥିଲା। ବିଶେଷ କରି ନୂଆ ତିଆରି ହୋଇଥିବା ମେଡିକାଲ କଲେଜ ଓ ସଦର ମହକୁମାରେ ଥିବା ଜିଲ୍ଲା ସଦର ଡାକ୍ତରଖାନା ଏବଂ ତା ସହ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଗୋଷ୍ଠୀ ଚିକିତ୍ସା କେନ୍ଦ୍ରଗୁଡିକରେ ଥିବା ଡାକ୍ତର ଓ କର୍ମଚାରୀ ଅଭାବକୁ ଏ ସରକାର ଗୁରୁତର ସହ ନେଇ ଏ ଅଭାବକୁ ପୂରଣ କରିବ ବୋଲି ଲୋକେ ଭାବିଥିଲେ। ପୁଣି ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟମନ୍ତ୍ରୀ ପାଇଛି। ଏଣୁ ଜିଲ୍ଲାବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାକୁ ଅନେକ ଆଶାବାଦୀ ଥିଲେ; କିନ୍ତୁ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତରଙ୍କ ଘୋର ଅଭାବ ଦେଖାଦେଇଛି। ନୂଆ ସରକାରକୁ ୨ ବର୍ଷ ହେଲାଣି। ଆଉ କେବେ ଡାକ୍ତର ପଦବୀ ପୂରଣ କରାଯିବ, ସ୍ୱାସ୍ଥ୍ୟ ସେବାରେ ବଲାଙ୍ଗିର ଜିଲ୍ଲାର କେବେ ସୁଧାର ଆସିବ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି। ଆଜି ଜିଲ୍ଲା ସଦର ମହକୁମା ହସପିଟାଲ ପରିଦର୍ଶନରେ ଆସି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ବେଳେ ଏହା କହିଛନ୍ତି। ଲୋକେ ବାରମ୍ବାର ଦାବି କଲେ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଚୁପ୍ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ହସ୍‌ପିଟାଲରେ ରେଡିଓଗ୍ରାଫର ନ ଥିବା ଯୋଗୁଁ ଦୂର ଦୂରାନ୍ତରୁ ଆସି ଭର୍ତ୍ତି ହୋଇଥିବା ରୋଗୀ ଅଲଟ୍ରାସାଉଣ୍ଡ କରିବା ପାଇଁ ବହୁତ ଅସୁବିଧା ଭୋଗିବା ବହୁତ ଦୁଃଖଦାୟକ ବୋଲି ନରସିଂହ କହିଥିଲେ। ଶ୍ରୀ ମିଶ୍ର ମେଡିସିନ ୱାର୍ଡ ଯାଇ ରୋଗୀଙ୍କଠାରୁ ଚିକିତ୍ସା ସମ୍ବନ୍ଧରେ ମତାମତ ନେବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ନିରାମୟ ଔଷଧ ବିତରଣ କେନ୍ଦ୍ରରେ ଔଷଧ ଠିକ୍ ଠିକ୍ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ନରସିଂହଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ପୁଷ୍ପରଞ୍ଜନ ମିଶ୍ର, ଡିପିଏମ୍ ରାଜେଶ୍ୱର ପଟ୍ଟନାୟକ, ହସ୍‌ପିଟାଲ ମ୍ୟାନେଜର ବନ୍ଦନା ପ୍ରଧାନ, କଂଗ୍ରେସ ନେତା ମନୀଷ ମିଶ୍ର, ବୁଲୁ ଦାନୀ, ଅସୀତ ମିଶ୍ର, କୈଳାସ ମିଶ୍ର, ସାନନ୍ଦ ମିଶ୍ର, ଲୋପନ ମିଶ୍ର, ଆରତିପ୍ରୀତି ନାଗ, ବିଧୁ କୁମାର, ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ମୁରିବାହାଲ, ୨୩।୬(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ଯାନୀପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାବିତ୍ରୀ ମାଝୀ (୩୦)। ରାତିରେ ସାବିତ୍ରୀ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପ୍ରଥମେ ପରିବାର ଲୋକେ କୌଣସି ପୋକ କାମୁଡ଼ିଥିବା ଭାବିଥିଲେ; କିନ୍ତୁ କିଛି ସମୟ ପରେ ସାପଟି ତାଙ୍କ ସ୍ୱାମୀଙ୍କ ଶରୀର ଉପରକୁ ଚଢ଼ିଯାଉଥିବା ଦେଖି ସାପ କାମୁଡ଼ିଥିବା ନିଶ୍ଚିତ ହୋଇଥିଲା। ସାବିତ୍ରୀଙ୍କ ଶରୀର ଅସୁସ୍ଥ ହେବା ସହ ମୁଣ୍ଡବ୍ୟଥା ବଢ଼ିବାରୁ ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗିର ଭୀମଭୋଇ ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗିର, ୨୩।୬(ସମିସ): କୃଷକଙ୍କ ଆୟ ବୃଦ୍ଧି ଏବଂ ଉନ୍ନତ ମାନର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକ କୁଣ୍ଡାମାଲ ଗ୍ରାମରେ ପୁଇଁତଲା ପ୍ରଗତି ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଡାଲି ଓ ଧାନ ବିହନ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଏଲଟିଆଇ



ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେସନ ସହାୟତାରେ ପ୍ରତିଷ୍ଠା ହୋଇଥିବା ବିଡିଓ ଅମରେନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ନାବାର୍ଡର ଜିଲ୍ଲା ବିକାଶ ପ୍ରବନ୍ଧକ ଡ. ବିବେକ ନାୟକ, ରାଇଟ୍‌ର ପ୍ରିନ୍ସିପାଲ୍ ସୁଧାକର ନନ୍ଦ, ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ମୋଶରାଫ ହୋସେନ, ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ଏବଂ କେଭିକେ ବଲାଙ୍ଗିରର ମୁଖ୍ୟ ଡ. ସତ୍ୟମୟ ଶତପଥୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପୁଇଁତଲା ପ୍ରଗତି ଏଫ୍‌ପିସିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମୋତିଲାଲ ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ପ୍ରଦୀପ ପଧାନ, ସୁରେନ୍ଦ୍ର ମହାକୁର, ବୃନ୍ଦାବନ କ୍ଷେତି, ତ୍ରିନାଥ ମହାକୁର ମଧୁସୂଦନ କ୍ଷେତି, ଯାଜ୍ଞସେନୀ ବଗର୍ତ୍ତୀ, ବସୁଦେବ ବସ୍ତିଆ, ପ୍ରହଲ୍ଲାଦ ଡାଙ୍ଗ, ଲକ୍ଷଣ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଜ୍ଞାନ ଭାରତୀ ନର୍ସିଂ କଲେଜରେ ଅଗ୍ନିଶମ ବିଭାଗର ଯାଞ୍ଚ



କଣ୍ଟାବାଞ୍ଜି, ୨୩।୬(ସମିସ): କୁର୍ଲିସ୍ଥିତ ଜ୍ଞାନ ଭାରତୀ ନର୍ସିଂ କଲେଜରେ ମଙ୍ଗଳବାର କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗ ଅଧିକାରୀ ଶକ୍ତି ପ୍ରସାଦ ନାୟକ ଯାଞ୍ଚ କରିଛନ୍ତି। ଏହି କଲେଜ ଅଗ୍ନିଶମ ବିଭାଗର ନିୟମକୁ ଉଲ୍ଲଂଘନ କରି ଚାଲୁଛି। ଏଠାରେ ବିଦ୍ୟାର୍ଥୀଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ଯେ କୌଣସି ଶିକ୍ଷା ଅନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ଅଗ୍ନିଶମ ବିଭାଗର ନିୟମ ପାଳନ କରି ଫାଏର ସେଫ୍ଟି ସାର୍ଟିଫିକେଟ ନିଆଯାଇଥାଏ; କିନ୍ତୁ ଏହି କଲେଜ ଖୋଲିବା ଦୀର୍ଘ ଦିନ ପରେ ମଧ୍ୟ ଆଜିଯାଏ ଫାଏର ସେଫ୍ଟି ସାର୍ଟିଫିକେଟ ପାଇଁ ଆବେଦନ କରିନାହିଁ। ଏହିଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ନାୟକ କହିଛନ୍ତି। ଏନେଇ ଆମେ କଣ୍ଟାବାଞ୍ଜି ଜ୍ଞାନ ଭାରତୀ ନର୍ସିଂ କଲେଜର ରାମମୋହନ ଦାସଙ୍କୁ ପଚାରିବାରୁ ଫାଏର ସେଫ୍ଟି ସାର୍ଟିଫିକେଟ ନାହିଁ। ସେମିତି ଚାଲିଛି ବୋଲି ସ୍ୱୀକାର କରିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନେତ୍ରାନନ୍ଦ ମହାକୁରଙ୍କ ପରଲୋକ



ମୁରିବାହାଲ, ୨୩।୬(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନେତ୍ରାନନ୍ଦ ମହାକୁର(୬୨)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ଗୁରୁତର ଅସୁସ୍ଥତା ଯୋଗୁଁ ପ୍ରଥମେ ବଲାଙ୍ଗିର ଓ ପରେ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ମୋଜେଶ ମହାକୁର ମୁଖାଗ୍ନି ଦେଇଥିଲେ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଜେଡିର ହେଲ୍ପ ଡେସ୍କ




ବଲାଙ୍ଗିର, ୨୩।୬(ସମିସ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟପରିସରରେ ବିଜୁ ଯୁବ ଜନତା ଦଳ ତରଫରୁ ଏକ ହେଲ୍ପ ଡେସ୍କ ଖୋଲିଛି। ଯତୀନ୍ଦ୍ର ପଟେଲ ଓ ସୁମନ ନନ୍ଦଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ ହେଲ୍ପ ଡେସ୍କକୁ ଉଦ୍‌ଘାଟନ କରିଥିଲେ। ନୂତନ ଶିକ୍ଷାବର୍ଷରେ ନାମଲେଖା ପ୍ରକ୍ରିୟା ସମୟରେ ଛାତ୍ରଛାତ୍ରୀ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସେମାନଙ୍କୁ ଆବଶ୍ୟକ ସୂଚନା, ମାର୍ଗଦର୍ଶନ ଓ ସହଯୋଗ ମିଳିପାରିବ ସେଥିପାଇଁ ଏହି ହେଲ୍ପ ଡେସ୍କ ଆରମ୍ଭ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ଆଡମିଶନ ସମ୍ପର୍କିତ ସମସ୍ତ ପ୍ରକାର ସହାୟତା ଓ ପରାମର୍ଶ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ବଲାଙ୍ଗିର ବିଜୁ ଜନତା ଦଳର ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ବିଧୁ ଭୂଷଣ ତ୍ରିପାଠୀ, ପ୍ରଭାସ ପାଣିଗ୍ରାହୀ, ନରସିଂହ ବାଘ, ସନ୍ତୋଷ ଦନ୍ତା, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହୋତା, ଯୁବ ଜନତା ଦଳର ନଗର ସଭାପତି ମନୋଜ ଦୀପ, ସୁବଳ ମହାକୁର, ବଣ୍ଟି ଚାନ୍ଦ, ଦିଲୀପ ବଗର୍ତ୍ତି, ଲେଙ୍କା ସାହୁ, ଦୀପକ ବେହେରା, ରୋଶନ ପ୍ରଧାନ, ମନୀଷ ସାଏ, ଶ୍ରୀତମ ମିଶ୍ର, ଚିରଞ୍ଜିବୀ ପ୍ରଧାନ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଦନ୍ତା, ଓମ୍‌ପଣ୍ଡା, ଆଦର୍ଶ ପୁରୋହିତ, ରୋଶନ ଦାସ, ପ୍ରତ୍ୟୁଷ ନାଏକ, ପ୍ରତ୍ୟୁଷ ପାଲଟା, ଶେଖର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ



ବଲାଙ୍ଗିର, ୨୩।୬(ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସଦର ବ୍ଲକର କୁଡାସିଂହା ପର୍ଶୁରାମ ହାଇସ୍କୁଲ, ଭୁତିଆରବାହାଲ ସଚ୍ଚିଦାନନ୍ଦ ହାଇସ୍କୁଲ, ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଗୁଡିକର ଶିକ୍ଷାଦାନ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପରୀକ୍ଷା ଫଳାଫଳ ଓ ବିଭିନ୍ନ ଭିତ୍ତିଭୂମିର ସମୀକ୍ଷା କରିଥିଲେ। ଶ୍ରେଣୀଗୃହ ବୁଲି ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ପାଠପଢ଼ା ମାନ ଯାଞ୍ଚ କରିଥିଲେ। ବିଦ୍ୟାଳୟର ପରିମଳ ବ୍ୟବସ୍ଥା, ପାନୀୟ ଜଳ, ଗ୍ରନ୍ଥାଗାର, ବିଜ୍ଞାନ ପ୍ରୟୋଗଶାଳା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ତଦାରଖ କରିଥିଲେ। ଶିକ୍ଷକମାନଙ୍କ ସହ ଆଲୋଚନା ବେଳେ ଡିଇଓ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷଣ ଦକ୍ଷତା ବୃଦ୍ଧି, ନିୟମିତ ଶ୍ରେଣୀ ଶିକ୍ଷାଦାନ ଓ ଶତପ୍ରତିଶତ ଉପସ୍ଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ପର୍ଶୁରାମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ ବେହେରା, ଭୁତିଆରବାହାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସିକତା ପଟେଲ ଓ ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକଳାପ, ପରୀକ୍ଷା ଫଳାଫଳ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିହାରୀ ମଧ୍ୟ ଉପସ୍ଥିତ ଥିଲେ।

● ବଙ୍ଗୋମୁଣ୍ଡାରେ ଜିଲ୍ଲା ଲେଖକ ପରିଷଦର ମହାସମାବେଶ

## କଲମ ଚାଲିଲେ ଅନ୍ଧାର ବି ଆଲୋକିତ ହୋଇଥାଏ

କଣ୍ଟାବାଞ୍ଜି, ୨୩।୬(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲା ଲେଖକ ପରିଷଦ ଏବଂ ଚଉଷଠୀ ଯୁଗନୀ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲ୍ଲା ଲେଖକ ପରିଷଦର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଚଉଷଠୀ ଯୁଗନି ସାହିତ୍ୟ କଳା ପରିଷଦର ସଭାପତି ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ ଖଡ଼ିଆଳର ଆଲୋଚକ ଲୋହିତାକ୍ଷ ଯୋଶୀ, ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି କେଭି କଲେଜର ଅଧ୍ୟାପକ ଡ. ସଞ୍ଜୟ ମିଶ୍ର, ସମ୍ମାନୀୟ ଅତିଥି ଭାବେ ଟିଟିଲାଗଡ଼ ଉପ ସଭାପତି ଭିକାରୀ ଚରଣ ମିଶ୍ର, ଜିଲ୍ଲା ଲେଖକ ପରିଷଦର ସଭ୍ୟ କ୍ଷୀରୋଦ ଷଡଙ୍ଗୀ, ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଦିଲୀପ ପଶାୟତ, ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ସୁଶାନ୍ତ ବାଗ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମି ରଞ୍ଜନ ପୁଟେଲ, ବିଶିଷ୍ଟ ସଙ୍ଗୀତଜ୍ଞ ରେଣୁରଞ୍ଜନ ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲେଖକଙ୍କ କଲମ ଚାଲିଲେ ଅନ୍ଧାର ବି ଆଲୋକିତ ହୋଇଥାଏ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏହି ଅବସରରେ ପଞ୍ଚାୟତ ସମିତି ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ମିନତୀ ରଥ ଓ ବଙ୍ଗୋମୁଣ୍ଡା ବନାଞ୍ଚଳ ଅଧିକାରୀ ପଦ୍ମନାଭ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତିପ୍ରକାଶ ଗଡ଼ତ୍ୟା ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉପଦେଷ୍ଟା ନୀଳମଣି ସାହୁ, ନିର୍ମାଲ୍ୟ ସ୍ୱାଇଁ, ସୁରେଶ ଭୋଇ, ମିନତୀ ରଥ, ଶ୍ରୀପାଳ ପଣ୍ଡା, ମଧୁସୂଦନ ଦାସ ପ୍ରମୁଖଙ୍କ ନେତୃତ୍ୱରେ କବିତା ପାଠ ହୋଇଥିଲା। ଏଥିରେ ଜିଲ୍ଲା ସମେତ ନୂଆପଡ଼ା, କଳାହାଣ୍ଡି, ବରଗଡ଼, ସୋନପୁରର କବିମାନେ ସାମିଲ ହୋଇଥିଲେ।



## ସରପଞ୍ଚଙ୍କ ତାଗିଦ ପରେ ମଣ୍ଡିରୁ ଉଠିଲା ଧାନ

କଣ୍ଟାବାଞ୍ଜି, ୨୩।୬(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ମଣ୍ଡିରେ ଦଲାଲରାଜ ଚାଲଇଛି। ଦାୟିତ୍ୱରେ ଥିବା ମଣ୍ଡି କର୍ତ୍ତୃପକ୍ଷ ଚାଷୀଙ୍କ ଦୁଃଖ ବୁଝିବା ବଦଳରେ ଦଲାଲଙ୍କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ ସରକାରଙ୍କ ପକ୍ଷରୁ ଧାନ ଉଠାଇବାକୁ ମଣ୍ଡିକୁ ଟାର୍ଗେଟ ଆସିଥିଲା; କିନ୍ତୁ ବଙ୍ଗୋମୁଣ୍ଡା ମଣ୍ଡି ଚାଷୀଙ୍କ ଧାନ ନ ଉଠାଇ ଦଲାଲଙ୍କ ଧାନ ଉଠାଇ ଟାର୍ଗେଟ ଶେଷ କରିଥିଲା। ବଙ୍ଗୋମୁଣ୍ଡା ମଣ୍ଡି ସମ୍ପାଦକ ଓ ଏଡିଓ ଏହି କାର୍ଯ୍ୟକଳାପରେ ଚାଷୀ ହତାଶ ହୋଇଛନ୍ତି। ଶହ ଶହ ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ଏନେଇ ଚାଷୀମାନେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ସରପଞ୍ଚ ଅଜିତ୍ ଯୋଶୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ଯୋଶୀ ମଣ୍ଡିରେ ପହଞ୍ଚିଥିଲେ। ନିୟମ ଉଲ୍ଲଂଘନ କରି ଚାଷୀଙ୍କୁ ହରିଆଣ କରୁଥିବା କର୍ମଚାରୀଙ୍କୁ ତାଗିଦ କରିଥିଲେ। ବଲାଙ୍ଗୀର ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ପଡ଼ିଥିବା ଚାଷୀଙ୍କ ୧୦ ହଜାର ବସ୍ତାରୁ ଅଧିକ ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ।



ନଚେତ ଚାଷୀଙ୍କୁ ନେଇ ସେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହାଫଳରେ ଧାନ ଉଠାଇବା ପକ୍ରିୟା ଆରମ୍ଭ ହୋଇଛି। ବିଜେଡି ନେତାଙ୍କ ହସ୍ତକ୍ଷେପ ପରେ ଚାଷୀଙ୍କ ସମସ୍ୟାର ସମାଧାନ ବାଟ ଫିଟିଛି।

## ସାମ୍ବାଦିକ ଅଶୋକ ଭୋଇଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



କଣ୍ଟାବାଞ୍ଜି, ୨୩।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ବିୟୋଗରେ ଆଜି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ୪୨ ନମ୍ବର ରାଜ୍ୟ ରାଜପଥ କୁଦୋଭଟା ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଭିଜିତ ସିଂ ସାଲୁଜା, କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ସଭାପତି ମୋହନ ସୋନି, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ହୁଲେଶ୍ୱର ହଂସ, ଦୀପକ ଯାଦବ, ପୁଷ୍ପକେତୁ ବେହେରା, ସୁରଦାସ ବାଗ, ଅଶୋକ ଖମାରି, ସୁଶାନ୍ତ ବେହେରା, ଡ. ନାରାୟଣ ମିଶ୍ର, ଅନିଲ ତ୍ରିପାଠୀ, ରୋହନ ମହତ, କେଦାର ବଡ଼ଜେନା, ମୋହନ ସୁନା, ଜୟନ୍ତ ସାହୁ, ନବୀନ ତାଣ୍ଡି, ରାଧେଶ୍ୟାମ ମେହେର, ସୁଶାନ୍ତ ଥନାପତି, ଏସ କେ ସମିମ, ପ୍ରମୋଦ ବେହେରା, ବଂଶୀ ବେହେରା, ତ୍ରିନାଥ ସାହୁ, ଶ୍ରୀତମ ରଞ୍ଜନ ପଣ୍ଡା ପ୍ରମୁଖ କଣ୍ଟାବାଞ୍ଜି, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକର ବହୁ ସାମ୍ବାଦିକ ଯୋଗଦେଇ ଅଶୋକଙ୍କ ସ୍ମୃତିଚାରଣ କରିଥିଲେ।

● ଖପ୍ରାଖୋଲରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଲୋକାଭିମୁଖୀ ଯୋଜନା ଉପରେ ସଚେତନତା

ଖପ୍ରାଖୋଲ, ୨୩।୬(ସମିସ): ସ୍ଥାନୀୟ ବ୍ଲକ ସଭା ଗୃହ ସମ୍ମୁଖରେ ବ୍ଲକ ପ୍ରଶାସକ ତରଫରୁ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏଥିରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ ଭଇଁସାଲ, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଉପାଧ୍ୟକ୍ଷ ସୁଖ୍‌ରାମ ଷାଣ୍ଡ, ଏସି ଏଫ୍ ଅରବିନ୍ଦ ନାଏକ ଯୋଗ ଦେଇଥିଲେ। ବିଡ଼ିଓ ସ୍ୱାଗତ ଭାଷଣ ରଖି ବ୍ଲକର ବିଭିନ୍ନ ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ବିଭାଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ରାସନ କାର୍ଡ ହିତାଧିକାରୀଙ୍କୁ ବର୍ଷେ ଯାଏଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅଧିକ ୫ କିଲୋ ଚାଉଳ ପ୍ରଦାନ ଲାଗି କାର୍ଡ ବଣ୍ଟନ କରିଯାଇଥିଲା। ସେହିପରି ନୂତନ ହିତାଧିକାରୀଙ୍କୁ ଭତ୍ତା, ବିଭିନ୍ନ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସଫଳ ମହିଳା ଲକ୍ଷପତି ଦିଦି ବନ୍ଦିନୀ ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନିତା ବରୁଆ, ସିଡ଼ିପିଓ ଅମିତା ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ନାଏକ, ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ବିନୟ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମ୍‌ବିକେ, ସିଆରପି, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।




# ଅସହାୟ ମହିଳାଙ୍କ ଦୁଃଖ ବୁଝିଲେ ବିଡିଓ

ଦେଓଗାଁ, ୨୩।୬(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଜ୍ଜୁନପୁର ପଞ୍ଚାୟତ ଅଇଁଲାପାଲି ଗାଁରେ ଗତ ୪ମାସ ହେଲା ଅସହାୟ ଅବସ୍ଥାରେ ପଡ଼ିଥିବା ଖେତ ବନଛୋର(୪୫)ଙ୍କ ନିକଟରେ ମଙ୍ଗଳବାର ବ୍ଲକ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଛନ୍ତି। ତାଙ୍କ ସ୍ୱାମୀ ଜୟ ମଙ୍ଗଳ ବନଛୋରଙ୍କ ୨୦୨୧ ମସିହାରେ ପରଲୋକ ଘଟିଛି। ଖେତ ଗାଁ ଅଙ୍ଗନବାଡିରେ ପାଚିକା ସହାୟିକା ଭାବେ କାମ କରି ପେଟ ପୋଷୁଥିଲେ। ତେବେ ସ୍ୱାମୀ ଚାଲିଯିବା ପରେ ତାଙ୍କର ଗୋଟିଏ ଗୋଡ୍ ପକ୍ଷାଘାତ ହୋଇଯାଇଥିଲା। ସେଦିନୁ ସେ କାମ କରି ନ ପାରି ଘରେ ପଡ଼ି ରହିଥିଲେ। ତାଙ୍କ ବଡପୁଅ ବାହାରକୁ କାମ ଅନ୍ୱେଷଣରେ ଯାଇଛନ୍ତି। ୧୮ ବର୍ଷର ସାନପୁଅ ପାଠପଢ଼ା ଛାଡି ଦେଇ ମାଁ ସେବାରେ ରହିଛି। ଝାଟିମାଟି ଘର ଭାଙ୍ଗିଯିବାରୁ ଜରି ଘୋଡା ହୋଇଥିବା ଘରେ ଦିନ କାଟୁଛନ୍ତି। ତେବେ ଅନ୍ତ୍ୟୋଦୟ ଯୋଜନାରେ ଗତବର୍ଷ ଘର ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ କାର୍ଯ୍ୟାଦେଶ ଦିଆଯାଇଥିଲା; ହେଲେ ବହୁ କଷ୍ଟରେ ଘର କାମ ଆରମ୍ଭ କରିଥିଲେ ବି ସମ୍ବଳ ଅଭାବରୁ ତାହା ଅଧାରେ ରହିଯାଇଛି। ୪ମାସ ହେଲା ତାଙ୍କ ପୁଅ ମଧ୍ୟ ଠିକ୍ ଭାବେ ଚିକିତ୍ସା କରାଇ ନ ପାରିବାରୁ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଗାଁ ମୁଣ୍ଡ ଏକ ତେନ୍ତୁଳିଗଛ ତଳେ ଆଶ୍ରୟ ନେଇଛନ୍ତି। ଗାଁର ଯିଏ ଯାହା ଖାଇବାକୁ ଦେଲେ ଖାଇ ବଞ୍ଚୁଛନ୍ତି। ସୋମବାର ସ୍କୁଲ ଖୋଲିବା ପରେ ସେ ଖାଦ୍ୟ ଆଶାରେ ଘୋଷାଡି ଘୋଷାଡି ହୋଇ ଆସି ସ୍କୁଲ ପରିସରସ୍ଥ ଏକ ଗଛମୂଳେ ପଡ଼ି ରହିଥିଲେ। ଏ ସମ୍ପର୍କରେ ମଙ୍ଗଳବାର ଗାଁର କିଛି ଲୋକ ଦେଓଗାଁର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରିବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇବା ପରେ ବିଡିଓ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କୁ ନେଇ ତୁରନ୍ତ ସେଠାରେ ପହଞ୍ଚିଥିଲେ। ୫ବର୍ଷ ହେଲା ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଥିଲେ ହେଁ ସେ ଆବେଦନ କରି ନ ପାରିବାରୁ ଏଯାଏଁ ତାଙ୍କ ବିଧବା ଭତ୍ତା ହୋଇପାରିନାହିଁ। ଏଥିସହ ତାଙ୍କ ବାପ ଘରେ ରାସନକାର୍ଡ ରହିଯାଇଥିବାରୁ ଦେଓଗାଁ ବ୍ଲକରୁ ଚାଉଳ ମଧ୍ୟ ପାଇପାରୁନାହାନ୍ତି। ଏସବୁ ବିଷୟରେ ବିଡିଓ ତଦନ୍ତ ସମୟରେ ଜାଣିବା ପରେ ତୁରନ୍ତ ଆବଶ୍ୟକ କାଗଜପତ୍ର ନେଇ ଭତ୍ତା ବ୍ୟବସ୍ଥା କରି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାସନକାର୍ଡ ମଧ୍ୟ ଗୁଡଭେଲା ବ୍ଲକରୁ ଦେଓଗାଁ ବ୍ଲକକୁ ଟ୍ରାନ୍ସଫର କରିବା ପାଇଁ କହିବା ସହ ତାଙ୍କ ଆବାସ ଘରକୁ ସମ୍ପୂର୍ଣ୍ଣ କରିବାରେ ସହଯୋଗ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ଦାୟିତ୍ୱ ଦେଇଥିଲେ। ଏକ ପାଇଖାନା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ତାଙ୍କ ଚିକିତ୍ସା କେମିତି ହୋଇପାରିବ ସେ ଉପରେ ତାଙ୍କ ବଡ଼ପୁଅ ସହ ବିଡିଓ ଆଲୋଚନା କରିଥିଲେ।

# ଅସାମାଜିକ ଆଡ୍ଡାସ୍ଥଳରେ ଚାଲିଲା ବୁଲ୍‌ଡୋଜର



**ରାଉରକେଲା,୨୩।୬(ସମିସ)**

ରାଉରକେଲାରେ ଉତ୍ତରପ୍ରଦେଶ ଷ୍ଟାଇଲରେ ଚାଲିଲା ବୁଲ୍‌ଡୋଜର। ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଗୋଲଘର ବସ୍ତିରେ ତୋଫାନ ବିନ୍ଧାଣୀଙ୍କ ବର୍ବୋରଚିତ ହତ୍ୟାକାଣ୍ଡ ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ବଡ଼ ପଦକ୍ଷେପ। ସହରରେ ରହିବାକୁ ଦିଆଯିବନି ଅସାମାଜିକ ବ୍ୟକ୍ତିଙ୍କୁ କି ସେମାନଙ୍କ ଆଡ୍ଡାସ୍ଥଳୀକୁ। 'ଯଦି ଶାନ୍ତିରେ ରହିବ ରୁହ ନଚେତ୍ ରାଉରକେଲା ଛାଡ' ଏହା ହେଉଛି ଏବେ ରାଉରକେଲା ସହରର ଅସାମାଜିକ ତଥା ଅପରାଧୀମାନଙ୍କୁ ରାଉରକେଲା ଏସପିଙ୍କ ଚେତାବନୀ।

ଏହି କ୍ରମରେ ଆଜି ସେକ୍ଟର-୬ ସ୍ଥିତ ଗୋଲଘର ବସ୍ତିରେ ରାଉରକେଲା ପୁଲିସ ପକ୍ଷରୁ ଅସାମାଜିକ ତଥା ଅପରାଧୀମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଏକ ପରିତ୍ୟକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଲଡୋଜର ଲଗାଇ ମାଟିରେ ମିଶାଇ ଦିଆଯାଇଛି। ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୫୦ ବର୍ଷ ପୂର୍ବେ ନିର୍ମିତ ହୋଇଥିବାବେଳେ କାର୍ଯ୍ୟକ୍ଷମ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଫଳରେ ଏଠାରେ ସହରର ବିଭିନ୍ନ ଅଞ୍ଚଳରୁ ଅପରାଧୀମାନେ ଆସି ଅପରାଧ ଯୋଜନା କରୁଥିଲେ। ଏହାସହ ମଦ, ଗଂଜେଇ, ଅଫିମ, ବ୍ରାଉନ୍‌ସୁଗର ଆଦି ନିଶା ସେବନ କରୁଥିଲେ। ବସ୍ତି ଲୋକ ଭୟରେ ମୁହଁ ଖୋଲୁନଥିଲେ। ତେବେ ବସ୍ତିର ଯୁବକ ତୋଫାନ ଓ ତାଙ୍କ ସାଙ୍ଗ ବିରୋଧ କରିଥିଲେ।

ତେବେ ନିକଟରେ ଘଟିଥିବା ବହୁ ଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡ ପୂର୍ବରୁ ଅଭିଯୁକ୍ତ ହତ୍ୟାକାରୀମାନେ ଉକ୍ତ ପରିତ୍ୟକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ହତ୍ୟାକାଣ୍ଡର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ବୋଲି ଏସ୍‌ପିଙ୍କ ନିକଟରେ ସୂଚନା ଥିଲା। ଏହି କ୍ରମରେ ଆଜି ବୁଲଡୋଜର ଦ୍ୱାରା ଉକ୍ତ ପରିତ୍ୟକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଧରାଶାୟୀ କରି ଦିଆଯାଇଛି। ଆରଏସପିର ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ଟି ଗୃହ ଥିବା ଜଣାପଡିଛି। ସମସ୍ତ ଘରଗୁଡିକୁ ସମ୍ପୂର୍ଣ୍ଣ ଭାବେ ଧରାଶାୟୀ କରି ଦିଆଯାଇଛି। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ବସ୍ତିବାସିନ୍ଦାଙ୍କ ସମେତ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

**ଗୋଲଘର ବସ୍ତିରେ ପରିତ୍ୟକ୍ତ ହସ୍ପିଟାଲକୁ ଧରାଶାୟୀ କଲା ପୁଲିସ**

# ନାତିକୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ଜେଜେ ମୃତ

**ରାଉରକେଲା,୨୩।୬(ସମିସ):** ବିଦ୍ୟୁତ୍ ଆଘାତରୁ ନାତିକୁ ବଞ୍ଚାଇବାକୁ ଯାଇ ସାନ ଜେଜେବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ ଜେଜେବାପା ଗୁରୁତର ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅନ୍ତର୍ଗତ ମଝାପଡ଼ା ପଞ୍ଚାୟତ ଜୟକୁଦର ଗୀର୍ଜାଟୋଲି ବସ୍ତିରେ। ମୃତକ ହେଲେ ଇଶଦର୍ କୁସୁମା।

ସୂଚନା ମୁତାବକ, ଏକ ନିର୍ମାଣାଧୀନ କୋଠାକୁ ଯାଇଥିବା ବିଦ୍ୟୁତ୍ ତାର ତଳେ ପଡ଼ିଥିବା ବେଳେ ଖେଳୁ ଖେଳୁ ଅଜାଣତରେ ୩ ବର୍ଷର ଶିଶୁ ଅସ୍ୱିକ୍ କୁସୁମା ଏହା ସଂସ୍ପର୍ଶରେ ଆସିଯାଇଥିଲା। ନାତିକୁ ଉଦ୍ଧାର କରିବାକୁ ପ୍ରଥମେ ବଡ଼ ଜେଜେବାପା ମିଖେଲ୍ କୁସୁମା ଯାଇଥିବାବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଲାଖି ରହିଥିଲେ। ଏହା ଦେଖି ସାନ ଜେଜେବାପା ଇଶଦର ଉଦ୍ଧାର କରିବାକୁ ଦୌଡ଼ି ଯାଇଥିଲେ। ସମସ୍ତ ୩ଜଣ ବିଦ୍ୟୁତ୍ ଝଟ୍‌କାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ଅଣ୍ଡାଳି ଜାମବାହଲ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡ଼ାକ୍ତର ଇଶଦରଙ୍କୁ ମୃତ ଘୋଷଣା କରିଥଲେ। ଅନ୍ୟପଟେ ଶିଶୁ ଅସ୍ୱିକ୍ ଓ ବଡ଼ ଜେଜେବାପା ମିଖେଲ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୀରମିତ୍ରପୁର ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୋଠା ନିର୍ମାଣ କରୁଥିବା ଠିକାଦାରଙ୍କ ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ଓ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

**ନୃଶଂସ ପୁଅ**

# ଛୁରୀରେ ବାପାର ତଣ୍ଟି କାଟି ହତ୍ୟା

**ଲହୁଣୀପଡ଼ା/କୋଇଡ଼ା,୨୩।୬(ସମିସ):** ବାପ-ପୁଅଙ୍କ ମଧ୍ୟରେ ଝଗଡ଼ା ପରେ ପରିବା କଟା ଛୁରୀରେ ତଣ୍ଟି କାଟି ବାପାକୁ ହତ୍ୟା କରିଛି ପୁଅ। ଘଟଣା ଘଟିଛି ଲହୁଣୀପଡ଼ା ବ୍ଲକ ବାରସୁଆଁ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାବ୍ରିୟାଲ ସାହିରେ। ମୃତକ ହେଲେ ଅଷାଢୁ ନାଏକ। ହତ୍ୟା କରିବା ପରେ ପୁଅ ରମେଶ ନାଏକ (ଫାଡୁ) ଫେରାର ହୋଇଯାଇଥିବାବେଳେ ବିଳମ୍ବିତ ରାତିରେ ପୁଲିସ ଧରି ଅଟକ ରଖିଛି।

ପ୍ରକାଶ ଯେ, ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ଅଷାଢୁ ଶାଗ କାଟୁଥିବାବେଳେ ପୁଅ ଫାଡୁ ସହ କୋ÷ଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ର ରୂପ ନେବାରୁ ଅଷାଢୁ ଟାଙ୍ଗିଆ ଧରି ପୁଅ ଫାଡୁକୁ ହାଣିବାକୁ ଗୋଡ଼ାଇ ଥିଲେ। ଫାଡୁ ବାପା ଶାଗ କାଟୁଥିବା ଛୁରୀ ଆଣି ବେକ କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ଅଷାଢୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଫାଡୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଲହୁଣୀପଡ଼ା ଥାନା ଅଧିକାରୀ ପହଞ୍ଚି ଶବ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇଥିବା ବେଳେ ସନ୍ଧ୍ୟା ହେବା କାରଣରୁ ଶବ ବ୍ୟବଚ୍ଛେଦ ହୋଇ ନପାରି ଶବାଗାରରେ ପଡ଼ିରହିଛି। ପୁଲିସ ଅଭିଯୁକ୍ତ ରମେଶ ନାଏକ (ଫାଡୁ)କୁ ଅଟକ ରଖି ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ରାଜଗାଙ୍ଗପୁର ବ୍ଲକ୍ ପରିସରରେ ଅଭିଯୋଗ ଶୁଣାଣି



**ରାଉରକେଲା,୨୩।୬(ସମିସ) :** ରାଜଗାଙ୍ଗପୁର ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଏସ୍‌ପି ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୧୨୫ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୫୦ଟି ବ୍ୟକ୍ତିଗତ ଓ ୬୭ ଗୋଟି ସାମୂହିକ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରୁ ୯ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଅଭିଯୋଗ ଶୁଣାଣିରେ ବିଧାୟକ, ରାଜଗାଙ୍ଗପୁର ଡ଼ା ସି ଏସ ରାଜେନ ଏକ୍କା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ ସ୍କୁଲରେ ଯୋଗ ଦିବସ

**ରାଉରକେଲା,୨୩।୬(ସମିସ):** ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଥିବା ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏଲ୍‌ଏମ୍‌ସି ମେମ୍ବର ଯୋଶୀ ଯୋଗ ଦେଇଥିଲେ। ଦୁଇଜଣ ଯୋଗ ପ୍ରଶିକ୍ଷକଙ୍କ ସହଯୋଗରେ ସମସ୍ତ ଶିକ୍ଷକ ତଥା ଶିକ୍ଷୟିତ୍ରୀ ବିଭିନ୍ନ ଯୋଗାସନ କରିଥିଲେ। ଖେଳ ଶିକ୍ଷକ ଦୁଷ୍ମନ୍ତ ବେହେରା ଏବଂ ଖେଳ ଶିକ୍ଷୟିତ୍ରୀ ମିନତୀ ପାତ୍ର ତଥା ବରିଷ୍ଠ ଶିକ୍ଷକ ପ୍ରବୀର କୁମାର ମିଶ୍ର ଏବଂ ମନୋରଞ୍ଜନ ସ୍ୱାଇଁ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ବିଶ୍ୱନାଥ ଥାନାପତି ପରିଚାଳନା କରିଥିଲେ।

# 'ଆମ ପରମ୍ପରାରେ ରଜ ଉତ୍ସବ' ଆଲୋଚନାଚକ୍ର

**ରାଉରକେଲା,୨୩।୬(ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖା ତରଫରୁ ମାସିକ ସାରସ୍ୱତ ସମାବେଶରେ ଆମ ପରମ୍ପରାରେ ରଜ ଉତ୍ସବ ଆଲୋଚନାଚକ୍ର ଓ ରଜମଉଜ କବିତା ପାଠୋତ୍ସବ ସାରନଗରୀ ସ୍ଥିତ ଚିନ୍ମୟ ଏକାଡେମୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର କାର୍ଯ୍ୟକାରୀ ସଭାପତି ତଥା ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହିନୀଙ୍କ ସଭାପତିତ୍ୱ ଓ ସହ ସମ୍ପାଦିକା ଶ୍ୱେତାଲିନା ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ରୁକ୍ମିଣୀ ସାହୁ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ବିଷୟ ବିଶେଷଜ୍ଞ ଓ ଶିକ୍ଷାବିତ ବିଜୟ କୁମାର ମିଶ୍ର ଓ ଶ୍ରୀନାଥ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ କହିଥିଲେ।ପ୍ରାରମ୍ଭରେ ଉପସଭାପତି ସୁବାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସଭାପତି ଶ୍ରୀ ମୋହିନୀ ସଭାପତିତ୍ୱ ଅଭିଭାଷଣ ସହ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସହ ସମ୍ପାଦିକା ଶୁଚିସ୍ମିତା ପଣ୍ଡାଙ୍କ ସଂଯୋଜନାରେ ରଜ ମଉଜ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଦେବବ୍ରତ ପଟ୍ଟନାୟକ,ପ୍ରତ୍ୟୁଷା ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ, ଆରତୀ ବେହେରା, ବୀଣାପାଣି ସାହୁ,ପ୍ରଭାତୀ ନାୟକ, ସୌଦାମିନୀ ମହାକୁଳ, ବିଜୟ କୁମାର ମିଶ୍ର, ଶ୍ରୀନାଥ ଚନ୍ଦ୍ର ନାୟକ, ରୁକ୍ମିଣୀ ସାହୁ, କୁଞ୍ଜବିହାରୀ ରାଉତ,ଶ୍ୱେତଲିନା ଶତପଥୀ ଓ ଶୁଚିସ୍ମିତା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ସହାୟତା କେନ୍ଦ୍ର ଉଦ୍‌ଘାଟିତ



ରାଉରକେଲା, ୨୩।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସୁନ୍ଦରଗଡ ସଦର ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂହଙ୍କ ସହଯୋଗରେ ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ତିନି ଦିନିଆ 'ଛାତ୍ର ସହାୟତା କେନ୍ଦ୍ର' ସୁନ୍ଦରଗଡ଼ ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜୁ ଜନତା ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ବିଗତ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ସୁବିଧା ଓ ସେବାକୁ ପ୍ରାଥମିକତା ଦେଇ ସୁନ୍ଦରଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ପ୍ରୟାସ କରାଯାଇଛି। କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ନାମ ଲେଖା, ସରକାରୀ ସ୍କଲାରସିପ୍ ଏବଂ ଉଚ୍ଚଶିକ୍ଷା ତଥା କ୍ୟାରିୟର ସମ୍ବନ୍ଧୀୟ ବିଭିନ୍ନ ଦ୍ୱନ୍ଦ୍ୱର ସରଳ ସମାଧାନ ପାଇଁ ଏହି କେନ୍ଦ୍ରର ଆରମ୍ଭ କରାଯାଉଛି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ବିଧାୟକ ପ୍ରତିନିଧି ଏବଂ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ, ଜିଲ୍ଲା ଛାତ୍ର ସଭାପତି ଆଦିତ୍ୟ ନାଥ ଗିରି, ଜିଲ୍ଲା ଛାତ୍ର ଉପ ସଭାପତି ସାର୍ଥକ ଜେନା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠନେତା ଓ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବୈକୁଣ୍ଠ ନାଏକ, କାଉନସିଲର ସୁମନ୍ତ ସାହୁ, ସୁମନ୍ତ ପଣ୍ଡା, ଶିବାଜି ନାଏକ, ମୁକେଶ ପୁରୋହିତ, ଅଶୋକ ମହାନ୍ତି, ଲେଫ୍ରିପଡା ବ୍ଲକ୍ ଛାତ୍ର ସଭାପତି ଜନ୍ମ ପୃଷେଠ, ସଦର ବ୍ଲକ ଛାତ୍ର ସଭାପତି ଅଙ୍କିତ ଗୁପ୍ତା, ଟାଙ୍ଗରପାଲି ବ୍ଲକ୍ ଛାତ୍ର ସଭାପତି ସୁବ୍ରତ ନାଏକ, ସୁଶାନ୍ତ ଦେବ୍, ସିଭାଙ୍ଗି ପାଣ୍ଡେ, ପଙ୍କଜ ଯାଦବ, ରୋସନ ସିଂହ ସହଯୋଗ କରିଥିଲେ।

# ବିଶ୍ୱର ଶୀର୍ଷ ୫% ବୈଜ୍ଞାନିକଙ୍କ ତାଲିକାରେ ଏନ୍‌ଆଇଟି ରାଉରକେଲାର ୬୭ ଅଧ୍ୟାପକ

**ରାଉରକେଲା,୨୩।୬(ସମିସ):** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ୬୭ ଜଣ ଅଧ୍ୟାପକ ପ୍ରତିଷ୍ଠିତ "ସାଇର୍ଯ୍ୟାଙ୍କ ଗ୍ଲୋବାଲ୍ ୱାର୍ଲ୍ଡସ୍ ଟପ୍ ୫ ପ୍ରତିଶତ ସାଇଣ୍ଟିଷ୍ଟସ୍' ତାଲିକାରେ ସ୍ଥାନ ପାଇ ବିଶ୍ୱସ୍ତରରେ ନିଜ ଗବେଷଣା ଦକ୍ଷତାର ସ୍ୱୀକୃତି ହାସଲ କରିଛନ୍ତି।



ସୂଚନାଯୋଗ୍ୟ ଯେ, ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇଏଣ୍ଟୋମେଟ୍ରିକ୍ସ ପକ୍ଷରୁ ପ୍ରତିବର୍ଷ ପ୍ରକାଶିତ ଏହି ତାଲିକାରେ ସେହି ଗବେଷକମାନଙ୍କୁ ସ୍ଥାନ ଦିଆଯାଏ, ଯେଉଁମାନଙ୍କର ଗବେଷଣା ବିଶ୍ୱ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି।

ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି ଯେ, ୬୭ ଜଣ ଅଧ୍ୟାପକଙ୍କର ବିଶ୍ୱର ଶୀର୍ଷ ବୈଜ୍ଞାନିକମାନଙ୍କ ମଧ୍ୟରେ ସ୍ଥାନ ପାଇବା ସମଗ୍ର ଏନ୍‌ଆଇଟି ରାଉରକେଲା ପରିବାର ପାଇଁ ଗୌରବର ବିଷୟ।

ଏହି ତାଲିକାରେ ଏନ୍‌ଆଇଟି ରାଉରକେଲାର ରସାୟନ ବିଭାଗର ସର୍ବାଧିକ ଅଧ୍ୟାପକ ସ୍ଥାନ ପାଇଥିବା ବେଳେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ, ଜୀବ ବିଜ୍ଞାନ ଏବଂ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗର ଅଧ୍ୟାପକମାନେ ମଧ୍ୟ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ଇଞ୍ଜିନିୟରିଂ, ବିଜ୍ଞାନ ଓ ମାନବିକ ବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାନର ଦୃଢ଼ ଗବେଷଣା କ୍ଷମତାକୁ ପୁଣିଥରେ ପ୍ରମାଣିତ କରିଛି।

# ଟିପ୍ପର ବୋଝେଇ ହାଇୱା ଦୁର୍ଘଟଣା; ଖଲାସୀ ମୃତ

**ବଣାଇ,୨୩।୬(ସମିସ):** ବଣାଇଗଡ଼ ବ୍ଲକ ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ବଲାଙ୍ଗ ଘାଟିରେ ମଙ୍ଗଳବାର ପ୍ରାୟ ଗୋଟାଏ ବେଳେ ଏକ ଟିପ୍ପର ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଖଲାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି।



ସୂଚନା ଅନୁଯାୟୀ, ଓଡି-୨୩ୟୁ-୪୫୬୩ ନମ୍ବର ବିଶିଷ୍ଟ ଟିପ୍ପର ବୋଝେଇ ହାଇୱା କୁଚିଣ୍ଡାରୁ ରାଜାମୁଣ୍ଡା ଅଭିମୁଖେ ଯାଉଥିବା ବେଳେ ସରସରା ବଲାଙ୍ଗ ଘାଟି ତଳେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଅଞ୍ଚଳ ଭାଲୁମୁଣ୍ଡା ଗ୍ରାମର ଖଲାସୀ ଦେବାଶିଷ ଏକ୍କା (୩୦) ଗାଡ଼ି ତଳେ ଚାପି ହୋଇ ପ୍ରାଣ ହରାଇଥିଲେ।

ଅନ୍ୟପକ୍ଷରେ, ହେମଗିରି ଅଞ୍ଚଳର ବାସିନ୍ଦା ତଥା ହାଇୱା ଚାଳକ ସୁମନ୍ତ ମାଝୀ (୨୯) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କରି ଆହତ ଚାଳକଙ୍କୁ ରାଉରକେଲାସ୍ଥିତ ଏକ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଟିକାୟତପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରାଉରକେଲା କଲେଜରେ ଯୋଗ ଦିବସ



**ରାଉରକେଲା,୨୩।୬(ସମିସ):** ସେକ୍ଟର -୪ସ୍ଥିତ ରାଉରକେଲା କଲେଜ ପରିସରରେ ଏକ ଯୋଗ କାର୍ଯ୍ୟକ୍ରମ ଯୋଗ ମହୋତ୍ସବ ସମିତି, ଓଡ଼ିଶା, ପତଞ୍ଜଳି ଯୋଗ କେନ୍ଦ୍ର, ସେକ୍ଟର -୨୦, ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲା ଏବଂ ରାଉରକେଲା କଲେଜ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପିକା ଭାରତୀ ବରୁଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ଜେନା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ସହ ଏ ବର୍ଷର ଥିମ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗଗୁରୁ ହେମନ୍ତ କୁମାର ଜେନା, ଶିକ୍ଷିକା ସସ୍ମିତା ବେହେରା, ପୁଷ୍ପିତା ମହାପାତ୍ର ଯୋଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୁତ୍ରାରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**କୁତ୍ରା,୨୩।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଦର ମହକୁମା କୁତ୍ରାଠାରେ ପ୍ରଥମ ଥର ପାଇଁ ଶୀତଳଶଷ୍ଠୀ ଆଡ଼ମ୍ବର ସହିତ ସମ୍ପନ୍ନ ହୋଇଛି। ଗୁରୁବାର ବାବା ଆଶୁତୋଷଙ୍କ ମନ୍ଦିର ଦିନତମାନ ମାଟିକୋଡା, ମଙ୍ଗନ, ତୈଳଭିଷେକ ଓ ହଳଦୀ ନୀତି ଅନୁଷ୍ଠିତ ହୋଇଥିଲା। ଗ୍ରାମର ଦୁର୍ଗାପୂଜା ମଣ୍ଡପ ଠାରେ ଜଗତ ଜନନୀ ମାତା ପାର୍ବତୀଙ୍କ ମାଟିକୋଡା, ମଙ୍ଗନ, ତୈଳାଭିଷେକ ଓ ହଳଦୀ ନୀତି ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଉଭୟ ଜାଗାରେ ଦେବ ଦମ୍ପତିଙ୍କୁ ହଳଦୀ ଲଗାଇବା ପରେ ହଳଦୀ ଖେଳ ଅନୁଷ୍ଠିତ ହୋଇଥିଲା। ରାତିରେ ବାବା ଆଶୁତୋଷ ପାଟ ପଟୁଆରେ ବରଯାତ୍ରୀ ଧରି ବାହାରିଥିଲା। ହଜାର ହଜାର ଶ୍ରଦ୍ଧାଳୁମାନେ ଡିଜେ ଓ ଦୁଲଦୁଲି ବାଜାରେ ନାଚି ନାଚି ଗ୍ରାମରେ ଥିବା ଦୁର୍ଗାପୂଜା ମଣ୍ଡପକୁ ଆସିଥିଲେ। ଦୁର୍ଗାପୂଜା ମଣ୍ଡପଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବିଳମ୍ବିତ ରାତ୍ରୀରେ ବ୍ରହ୍ମ ମୁହୂର୍ତ୍ତରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭଲଗ୍ନରେ ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କନ୍ୟାପକ୍ଷ ଭାବରେ ପଙ୍କଜ କୁମାର ସାହୁ ଓ ଶାନ୍ତିଲତା ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ବରପକ୍ଷ ଭାବରେ ଗୋପୀନାଥ ଖାଖା ଓ ଶୀଖା ଓରାମ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଦିନ ପୂର୍ବାହ୍ନ ୧୦ଟା ସମୟରେ ଡିଜେ ବାଜା ବଜାଇ ଦେବଦମ୍ପତିଙ୍କ ଗ୍ରାମ ପରିକ୍ରମା ହେବା ସହିତ ବାବା ଆଶୁତୋଷ ମନ୍ଦିରକୁ ଆସିଥିଲେ। ଶୁକ୍ରବାର ଦିନ ଦେବଦମ୍ପତିଙ୍କୁ ସାଜସଜ୍ଜା କରି ବାବା ଆଶୁତୋଷଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ଶୁକ୍ରବାର ଦିନ ମଧ୍ୟ କୁତ୍ରା ବ୍ଲକ କଲୋନୀରେ ଥିବା ବାବା ଆଶୁତୋଷଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



**ପ୍ରଥମ କରି ଅନୁଷ୍ଠିତ ହେଲା ଶୀତଳଶଷ୍ଠୀ**

# ଆର୍‌ଏସ୍‌ପି ପ୍ରକଳ୍ପ ନିଶ୍ଚୟ ମାଧ୍ୟମରେ ସୁରକ୍ଷା ସଂସ୍କୃତିର ରୂପାନ୍ତରଣ

**ରାଉରକେଲା,୨୩।୬(ସମିସ)**

ରାଉରକେଲା ଇସ୍ପାତ କାରଖାନା ଏହାର ସୁରକ୍ଷା ସଂସ୍କୃତି ରୂପାନ୍ତରଣ ପଦକ୍ଷେପ ସ୍ୱରୂପ, ପ୍ରକଳ୍ପ ନିଶ୍ଚୟ ମାଧ୍ୟମରେ ଏକ ଦୁର୍ଘଟଣା-ମୁକ୍ତ କାର୍ଯ୍ୟସ୍ଥଳ ସୃଷ୍ଟି କରିବା ଲାଗି ନିଜର ପ୍ରତିବଦ୍ଧତାକୁ ମଜଭୁତ କରି ଚାଲିଛି। ପ୍ରକଳ୍ପ ନିଶ୍ଚୟକୁ ସମଗ୍ର କାରଖାନାରେ ସୁରକ୍ଷା ସଂସ୍କୃତିକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖି ଏକ ବ୍ୟାପକ ପଦକ୍ଷେପ ଭାବେ ଆରମ୍ଭ କରାଯାଇଥିଲା। ଜୁଲାଇ ୨୦୨୨ରେ କରାଯାଇଥିବା ବେସଲାଇନ୍ ସୁରକ୍ଷା ସଂସ୍କୃତି ପରିପକ୍ୱତା ସର୍ଭେ ଇଙ୍ଗିତ କରିଥିଲା ଯେ ଆର୍.ଏସ୍.ପି.ର ସୁରକ୍ଷା ସଂସ୍କୃତି ପ୍ରତିକ୍ରିୟାଶୀଳ ସ୍ତରରୁ ପ୍ରଗତିଶୀଳ ସ୍ତର ଆଡ଼କୁ ଅଗ୍ରଗତି କରୁଛି। ଏହି ଅଗ୍ରଗତିକୁ ତ୍ୱରିତ କରି 'ଦୁର୍ଘଟଣା-ମୁକ୍ତ ଇସ୍ପାତ'ର ଲକ୍ଷ୍ୟ ନିକଟତର ହେବାର ଉଦ୍ଦେଶ୍ୟରେ ଉକ୍ତ ପ୍ରକଳ୍ପକୁ ପରବର୍ତ୍ତୀ ସମୟରେ ଡିଜାଇନ କରାଯାଇଥିଲା।



ପ୍ରକଳ୍ପ ନିଶ୍ଚୟ ଅଧୀନରେ ଚାଲିଥିବା ନିରବଚ୍ଛିନ୍ନ ପ୍ରୟାସର ଅଂଶ ରୂପେ, ସେଫ୍ଟି ଇଞ୍ଜିନିୟରିଂ ବିଭାଗ କାରଖାନା ମଧ୍ୟରେ କର୍ମଚାରୀଙ୍କ ଲାଗି କ୍ଷମତା ଏବଂ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରୁଅଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କ୍ଷେତ୍ର ଯଥା ଉଚ୍ଚତାରେ କାର୍ଯ୍ୟ, ସୀମିତ ସ୍ଥାନ ସୁରକ୍ଷା, ବିଦ୍ୟୁତ ସୁରକ୍ଷା, ସଡ଼କ ସୁରକ୍ଷା, କାର୍ଯ୍ୟ ଅନୁମତି, ସାମଗ୍ରୀ ପରିଚାଳନା, ଘଟଣା ରିପୋର୍ଟିଂ ଏବଂ ବ୍ୟବହାରିକ ସୁରକ୍ଷା ଉପରେ ଧ୍ୟାନ ଦେଇଥାଏ। ଏଯାବତ ଅଧିକାରୀଙ୍କ ସମେତ ସମୁଦାୟ ୯୬୩୩ କର୍ମଚାରୀ ଏହି ପ୍ରଶିକ୍ଷଣ ଅଧୀନରେ ପ୍ରଶିକ୍ଷିତ।

ଏହି ପ୍ରଶିକ୍ଷଣ ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତା ହେଉଛି ଆଗମେଣ୍ଟେଡ୍ ରିଆଲିଟି (ଏ ଆର) ଏବଂ ଭର୍ଚୁଆଲ ରିଆଲିଟି (ଭିଆର) ପ୍ରଯୁକ୍ତିର ବ୍ୟବହାର, ଯାହା କର୍ମଚାରୀମାନଙ୍କୁ ଏକ ସୁରକ୍ଷିତ ଓ ନିୟନ୍ତ୍ରିତ ପରିବେଶରେ ସିମୁଲେଟେଡ୍ ଉଚ୍ଚ-ବିପଦ ପରିସ୍ଥିତିକୁ ଅନୁଭବ କରିବା ଏବଂ ପ୍ରତିକ୍ରିୟା ଦେବାର ସୁବିଧା ଦେଇଥାଏ। ବ୍ୟବହାରିକ ପ୍ରଦର୍ଶନ, କେସ ଷ୍ଟଡି, ପାରସ୍ପରିକ ଅଧିବେଶନ ଏବଂ ନିୟମିତ ମୂଲ୍ୟାୟନ ମାଧ୍ୟମରେ, କର୍ମଚାରୀମାନଙ୍କୁ ବିପଦ ଚିହ୍ନଟ, ବିପଦ ମୂଲ୍ୟାୟନ ଏବଂ ସ୍ଥାପିତ ସୁରକ୍ଷା ପ୍ରୋଟୋକଲ ଅନୁସରଣ କରିବା ଲାଗି ଆବଶ୍ୟକ ଜ୍ଞାନ ଓ କୌଶଳରେ ସୁସଜ୍ଜିତ କରାଯାଉଅଛି। ଏହି ପଦକ୍ଷେପ ସମଗ୍ର କାରଖାନା ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ମଜଭୁତ କରିବା ଏବଂ କାର୍ଯ୍ୟସ୍ଥଳ ସୁରକ୍ଷା ମାନକକୁ ନିରନ୍ତର ଉନ୍ନତ କରିବା ଉପରେ ଆର୍.ଏସ୍.ପି.ର ଧ୍ୟାନକୁ ପ୍ରତିଫଳିତ କରୁଛି।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

## କୋଚିଂକେନ୍ଦ୍ରର କାରୁଣ୍ୟ

ଐତିହାସିକ ଲକ୍ଷ୍ନୌ ସହରସ୍ଥିତ ଏକ ଘରୋଇ କୋଚିଂ କେନ୍ଦ୍ରରେ ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୫ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କ ସଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ଏହାପରେ ଏବେ ପୁଣି ଥରେ ଦେଶରେ ପ୍ରତିଦିନ ଅନିୟନ୍ତ୍ରିତ ଓ ଅଶୃଙ୍ଖଳିତ ଭାବେ ଗଢ଼ି ଉଠୁଥିବା କୋଚିଂ ସେଣ୍ଟରର ବୈଧତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲାଗିଛି। ଏଭଳି ଅବାଞ୍ଛିତ ଅଘଟଣାମାନଙ୍କର ପୁନରାବୃତ୍ତିକୁ ସମୂଳେ ନିୟନ୍ତ୍ରଣ କରିବା ବଦଳରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା, ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଗରିଫ୍ ପରୱାନା, କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆଦି ତାଲିପକା ଉଦ୍ୟମ ଓ ଆଲୋଚନା ଆମ ଦେଶରେ ଏକ ଗତାନୁଗତିକ ଧାରାରେ ପରିଣତ ହୋଇସାରିଛି।

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ସମୟ ସହିତ ପୁରୁଣା ହୋଇଚାଲିଛି। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଅନେକ ବାଦବିବାଦ, ଅଭିଯୋଗ ଓ ସମାଲୋଚନା ପରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୪ ମସିହାରେ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରୀ ଦାୟିତ୍ୱ ରାଜ୍ୟ ସରକାରମାନ ଉପରେ ଛାଡ଼ିଦିଆଯାଇଥିବାରୁ ଏବେ ଲକ୍ଷ୍ନୌ ଅଘଟଣ ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତରଦାୟୀ ହେବା କଥା। କିନ୍ତୁ ଡବଲ୍‌ଇଞ୍ଜିନ୍ ସରକାରରେ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ସଂସ୍କୃତି ଆଦୌ ନଥିବାରୁ ଏହି ଘଟଣା ମଧ୍ୟ କେବଳ ଶୋକପ୍ରକଟ, ତଦନ୍ତ ଟିମ୍ ଗଠନ, ଅନୁକମ୍ପା ରାଶି ବଣ୍ଟନରେ ସୀମିତ ରହିଯିବା ଭଳି ଲାଗୁଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି' ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି' ଢାଞ୍ଚା ରହିବ। ସଂପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀ କିମ୍ବା ଅଭିଭାବକଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟମକ ଗଠନ ଲାଗି ମଧ୍ୟ ସେଥିରେ ପରାମର୍ଶ ରହିଛି। କିନ୍ତୁ ତାହା କେତେଦୂର ପାଳନ ହେଉଛି ଆମେ ସମସ୍ତେ ଅଳ୍ପେବହୁତ ଜ୍ଞାତ ଏବଂ ନିକଟରେ ଲକ୍ଷ୍ନୌ ଅଘଟଣ ଉଦାସୀନତାର ସଦ୍ୟତମ ଉଦାହରଣ।

ମେଧାଶକ୍ତି ଏକ ବିରଳ ସାମଗ୍ରୀ। ଏହା ବିଭୁଦତ୍ତ ହୋଇଥିବାରୁ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବାରେ କିଛି ଆପତ୍ତି ନାହିଁ। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁଦୂରରେ ରହି ବାପ ମା'ଙ୍କ ଅର୍ଥଶ୍ରାଦ୍ଧ କରି ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା' ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟର ମୁହାଁ। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା'କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ।

ବିଡ଼ମ୍ବନାର ବିଷୟ ଏହା ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡ଼ୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି' ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ଆଜିର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏକ ଅବିଚ୍ଛେଦ୍ୟ ଓ ଅଲିଖିତ ନିୟମ ହୋଇଯାଇଛି। କିନ୍ତୁ କୋଚିଂକେନ୍ଦ୍ରର ତାଡ଼ନାରେ ସନ୍ତାନ ଓ ଅଭିଭାବକମାନଙ୍କ କୋହ ତା'ର ଚାରିକାନ୍ଥ ଭିତରେ ହିଁ ଲୁଚି ରହିଯାଉଛି। କୋହର ସ୍ୱର ଯେତେବେଳେ ଅତ୍ୟଧିକ ତୀବ୍ର ହୋଇ ବହୁତଳ କୋଠାର କାନ୍ଥ ଓ ପାଚେରି ଡେଇଁ ରାଜରାସ୍ତାରେ ପହଞ୍ଚୁଛି ସେତେବେଳେ ଯାଇ କାରୁଣ୍ୟ ଉଦ୍ରେକ ହେଉଛି। କିନ୍ତୁ କୋହର ସ୍ୱର ନିରବ ହେବା ସହିତ କାରୁଣ୍ୟ ମଧ୍ୟ ସମାଧି ନେଉଛି। ●

## ପାଠ୍ୟପୁସ୍ତକରେ ତ୍ରୁଟି: ଏକ ଗୁରୁତର ଆହ୍ୱାନ

ଡ. ପଦ୍ମଲୋଚନ ରାଉତ

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେକୌଣସି ସମାଜର ଉନ୍ନତି, ସଂସ୍କୃତିର ସଂରକ୍ଷଣ ଏବଂ ଆଗାମୀ ପିଢ଼ିର ଚରିତ୍ର ଗଠନ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ପାଠ୍ୟପୁସ୍ତକ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର। ଜଣେ ଛାତ୍ର କୌଣସି ବିଷୟରେ ପ୍ରଥମ ଜ୍ଞାନ ଓ ଧାରଣା ପାଠ୍ୟପୁସ୍ତକରୁ ହିଁ ପାଇଥାଏ। ତେଣୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ତଥ୍ୟ ଯଦି ଭୁଲ, ଅସମ୍ପୂର୍ଣ୍ଣ କିମ୍ବା ବିଭ୍ରାନ୍ତିକର ହୁଏ, ତେବେ ଏହା କେବଳ ଶିକ୍ଷାର ଗୁଣବତ୍ତାକୁ ନଷ୍ଟ କରେ ନାହିଁ, ବରଂ ଏକ ପିଢ଼ିର ଚିନ୍ତାଧାରା ଓ ଜ୍ଞାନ ଭିତ୍ତିକୁ ମଧ୍ୟ ଦୁର୍ବଳ କରିଦିଏ।

ସମ୍ପ୍ରତି ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସରକାରୀ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ବୈଜ୍ଞାନିକ ତଥ୍ୟ ଭୁଲ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଓଡ଼ିଶାର ଇତିହାସ, ଭୌଗୋଳିକ ପରିଚୟ ଏବଂ ସାମାଜିକ ତଥ୍ୟ ସମ୍ପର୍କରେ ଗୁରୁତର ତ୍ରୁଟି ରହିଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଓଡ଼ିଶାର ଆତ୍ମପରିଚୟ, ଇତିହାସ ଓ ଭବିଷ୍ୟତ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ଏକ ଜାତିର ଚିନ୍ତାଧାରା, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ। ଯେଉଁ ପାଠ୍ୟପୁସ୍ତକକୁ ଆଧାର କରି ଆଜିର ଶିଶୁମାନେ ଜ୍ଞାନ ଆହରଣ କରୁଛନ୍ତି, ସେହି ପୁସ୍ତକ ଯଦି ଭୁଲ୍ ତଥ୍ୟରେ ପରିପୂର୍ଣ୍ଣ ହୁଏ, ତେବେ ତାହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ସମଗ୍ର ଜାତି ପ୍ରତି ଏକ ଗୁରୁତର ଅବହେଳା।

ସାର୍ ଆଇଜକ ନିଉଟନଙ୍କ ଭଳି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ଜଣେ ପାଇଲଟ ବୋଲି ଉଲ୍ଲେଖ କରାଯାଇଛି, ନିୟମଗିରି ପର୍ବତକୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି, ବ୍ରହ୍ମପୁରକୁ ଏକ ଜିଲ୍ଲା ବୋଲି ଲେଖାଯାଇଛି। ଏହା କେବଳ କିଛି ଉଦାହରଣ ମାତ୍ର। ଏପରି ଅସଂଖ୍ୟ ଭୁଲ୍ ତଥ୍ୟକୁ ଆଧାର କରି କୋଟି କୋଟି ଟଙ୍କା ବ୍ୟୟରେ ପାଠ୍ୟପୁସ୍ତକ ପ୍ରକାଶ କରାଯାଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ହାତରେ ଦିଆଯିବା ଘଟଣା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଯେଉଁ ବୟସରେ ପିଲାମାନେ ପୁସ୍ତକର ପ୍ରତ୍ୟେକ ଶବ୍ଦକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବୟସରେ ଭୁଲ୍ ଇତିହାସ, ଭୁଲ୍ ଭୌଗୋଳିକ ତଥ୍ୟ ଓ ଭୁଲ୍ ବୈଜ୍ଞାନିକ ସୂଚନା ଦେଇ ସେମାନଙ୍କ ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ଏକ ଅକ୍ଷମଣୀୟ ଅପରାଧ ସଦୃଶ। ଏହି ସମସ୍ତ ଘଟଣାକୁ କେବଳ ଦାୟିତ୍ୱହୀନତା କିମ୍ବା ଅସାବଧାନତା ବୋଲି କହିଦେଲେ ହୁଏତ ଘଟଣାର ଗମ୍ଭୀରତାକୁ ଛୋଟ କରିଦେବା ହେବ।

ନିଜ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିବା ଓଡ଼ିଶାର ପିଲାମାନଙ୍କୁ ଯଦି ନିଜ ରାଜ୍ୟର ସଠିକ୍ ପରିଚୟ ଦିଆଯାଇପାରୁନାହିଁ, ତେବେ ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଇତିହାସ କୌଣସି ଜାତିର ସ୍ମୃତି ଏବଂ ଭୌଗୋଳିକ ପରିଚୟ ହେଉଛି ତାହାର ଅସ୍ତିତ୍ୱର ଆଧାର। ଏହି ଦୁଇଟିକୁ ଯଦି ଭୁଲ୍ ତଥ୍ୟ ମାଧ୍ୟମରେ ବିକୃତ କରାଯାଏ, ତେବେ ଆଗାମୀ ପିଢ଼ି ନିଜ ମୂଳ ପରିଚୟ ସମ୍ପର୍କରେ ବିଭ୍ରାନ୍ତ ହୋଇପଡ଼ିବ। ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ବଡ଼ ଭୁଲ୍ ଧରାପଡ଼ିବା ପରେ ମଧ୍ୟ ସରକାର କାହିଁକି ନିଜ ଭୁଲ୍ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ? କାହିଁକି ତ୍ରୁଟି ସଂଶୋଧନ ପରିବର୍ତ୍ତେ ନିରବତା ଅବଲମ୍ବନ କରାଯାଉଛି? ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏପରି ଅବହେଳା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ।

ଏହାଠାରୁ ମଧ୍ୟ ଅଧିକ ଦୁଃଖର ବିଷୟ ହେଉଛି ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି, ସେମାନେ ଆଜି କାହିଁକି ନିରବ? କାହିଁକି ଏହି ଗୁରୁତର ପ୍ରସଙ୍ଗକୁ ନେଇ ସମାଜରେ ବ୍ୟାପକ ଆଲୋଚନା ଓ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ? ଆମେ କ'ଣ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଗଲୁ ଯେଉଁଠାରେ ସ୍ୱାର୍ଥ ସବୁକିଛି ଉପରେ ଭାରି ପଡ଼ୁଛି? ଓଡ଼ିଆ ଜାତିର ଇତିହାସ, ପରିଚୟ ଓ ଗୌରବକୁ ଯଦି ଧୀରେ ଧୀରେ କ୍ଷୟ କରାଯାଉଛି, ତେବେ ତାହା ବିରୁଦ୍ଧରେ ସ୍ୱର ଉଠାଇବା କି ଆମର ନୈତିକ ଦାୟିତ୍ୱ ନୁହେଁ? ଆଜି କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ କିମ୍ବା ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି, ଯେଉଁମାନେ ଭାଷା, ଶିକ୍ଷା ଓ ଜାତୀୟ ସ୍ୱାଭିମାନ ପାଇଁ ନିର୍ଭୀକ ଭାବେ ସଂଗ୍ରାମ କରିଥିଲେ। କିନ୍ତୁ ସେମାନଙ୍କ ଆଦର୍ଶ ଆଜି ମଧ୍ୟ ବଞ୍ଚି ରହିଛି। ସେହି ଆଦର୍ଶ ଆମକୁ ଶିଖାଏ ଯେ, ଜାତିର ସ୍ୱାର୍ଥ ଓ ଭବିଷ୍ୟତ ପ୍ରତି କୌଣସି ବିପଦ ଆସିଲେ ନିରବ ରହିବା ଉଚିତ ନୁହେଁ।

ଦେଶର ଆଗାମୀ ଭବିଷ୍ୟତ ହେଉଛନ୍ତି ଆଜିର କୋମଳମତି ଛାତ୍ରଛାତ୍ରୀ। ସେମାନଙ୍କ ହାତରେ ଭୁଲ୍ ତଥ୍ୟ ଭର୍ତ୍ତି ପାଠ୍ୟପୁସ୍ତକ ଧରାଇ ଦେବା ପିଲାଖେଳ ନୁହେଁ। ଏହା ଏକ ଗୁରୁତର ସାମାଜିକ ଓ ଶିକ୍ଷାଗତ ଦାୟିତ୍ୱର ପ୍ରଶ୍ନ। ଜଣେ ଛାତ୍ର ଯାହା ଆଜି ପଢ଼ିବ, ସେହି ଜ୍ଞାନକୁ ଆଧାର କରି ସେ ଆସନ୍ତାକାଲି ନିଜର ବିଚାରଧାରା ଗଠନ କରିବ। ତେଣୁ ଶିକ୍ଷାରେ ଭୁଲ୍ ତଥ୍ୟର ପ୍ରବେଶ କେବଳ ଏକ ପୁସ୍ତକର ତ୍ରୁଟି ନୁହେଁ, ଏହା ଏକ ପିଢ଼ିର ଚିନ୍ତାଧାରାକୁ ପ୍ରଭାବିତ କରିବାର ପ୍ରକ୍ରିୟା। ଏହି କାରଣରୁ ସମାଜର ପ୍ରତ୍ୟେକ ସଚେତନ ନାଗରିକ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ ଭାବେ ରଖନ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ସଂଶୋଧନ ପାଇଁ ଦାବି କରନ୍ତୁ। କାରଣ ଏହା କୌଣସି ଦଳ, ସରକାର କିମ୍ବା ବ୍ୟକ୍ତିବିଶେଷର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭବିଷ୍ୟତ, ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆଗାମୀ ପିଢ଼ିର ସଠିକ୍ ଶିକ୍ଷା ଅଧିକାର ସହ ଜଡ଼ିତ ଏକ ଜାତୀୟ ପ୍ରସଙ୍ଗ। ଯଦି ଆଜି ଆମେ ନିରବ ରହିବା, ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ। ଯଦି ଆମେ ସଚେତନ ହୋଇ ସତ୍ୟ, ତଥ୍ୟ ଓ ଶିକ୍ଷାର ସୁରକ୍ଷା ପାଇଁ ଏକତ୍ରିତ ହେବା, ତେବେ ନିଶ୍ଚିତ ଭାବରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଦିଗରେ ନେଇପାରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼, ସତ୍ୟଭିତ୍ତିକ ଓ ଗୌରବମୟ ଭବିଷ୍ୟତ ଗଢ଼ିପାରିବା।

ଆଜି ଅନେକ ଶିକ୍ଷାବିତ୍ ଓ ସଚେତନ ନାଗରିକ ଆଶଙ୍କା କରୁଛନ୍ତି ଯେ ଇତିହାସକୁ ନୂଆ ଢଙ୍ଗରେ ବ୍ୟାଖ୍ୟା କରିବା ନାମରେ କେଉଁଠି ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନାକୁ ଦୁର୍ବଳ କରିବାର ପ୍ରୟାସ ଚାଲିନାହିଁ ତ? ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ ଚିନ୍ତା, ବୈଜ୍ଞାନିକ ମନୋଭାବ ଓ ସମାନତାର ଚେତନା ସୃଷ୍ଟି କରିବା। କିନ୍ତୁ ଯଦି ଛାତ୍ରଛାତ୍ରୀଙ୍କ ମନରେ ଅନ୍ଧ ଆନୁଗତ୍ୟ, ଏକପାଖିଆ ଚିନ୍ତାଧାରା କିମ୍ବା ସାମାଜିକ ବିଭାଜନକୁ ପ୍ରୋତ୍ସାହନ ଦେବା ଭଳି ଧାରଣା ପରୋକ୍ଷ ଭାବରେ ପ୍ରବେଶ କରାଯାଏ, ତେବେ ତାହା ଗଣତାନ୍ତ୍ରିକ ସମାଜ ପାଇଁ ଅଶୁଭ ସଙ୍କେତ। ଆଜି ଆବଶ୍ୟକ ହେଉଛି ପାଠ୍ୟପୁସ୍ତକ ପ୍ରସ୍ତୁତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାର୍ବଜନୀନ ସମୀକ୍ଷା ପାଇଁ ଖୋଲା ରଖିବା, ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ତୁରନ୍ତ ସଂଶୋଧନ କରିବା ଏବଂ ଓଡ଼ିଶାର ଇତିହାସ, ଭାଷା ଓ ସଂସ୍କୃତି ସମ୍ପର୍କରେ ଯେକୌଣସି ବିକୃତିକୁ ଦୂର କରିବା। କାରଣ ଶିକ୍ଷା କୌଣସି ସରକାରର ସମ୍ପତ୍ତି ନୁହେଁ; ଏହା ଜାତିର ଭବିଷ୍ୟତ, ଏବଂ ସେହି ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

ମନୋରମା ନନ୍ଦ (ମିଶ୍ର)

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। କିନ୍ତୁ ଏବେ ମଧ୍ୟ ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶକ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍ଭାସିତ ହୋଇଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ସେଥିରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନେଇଥିଲେ ପଣ୍ଡିତ ନାରାୟଣ ମିଶ୍ର।

ଦିନେ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି ଶିବିରରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ୫ ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ 'ବାନରସେନା' ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣାକ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୂଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି।

ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୬ରେ ଖ୍ୟାତନାମା କବି ଡ.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣକ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ୮୬ ବର୍ଷ ବୟସରେ ପହଞ୍ଚିଥିବା 'ସୈନିକ ସଦନ' ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି। ●

ବାଜପୁର, ମୋ: ୯୭୭୮୫-୨୨୮୮୨

## ଶବରୀ ନାରାୟଣ ତୀର୍ଥ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ତ୍ରେତୟା ଯୁଗରେ ବାଳୀକୁ ବଧ କରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ବାଳୀଙ୍କ ପତ୍ନୀ ତାରାଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହେଲେ। ଅଭିଶାପ ଅନୁଯାୟୀ ଦ୍ୱାପର ଯୁଗରେ ଜାରା ଶବର ରୂପେ ଜନ୍ମ ନେଇଥିବା ବାଳୀଙ୍କ ପୁତ୍ର ଅଙ୍ଗଦଙ୍କ ଶରାଘାତରେ ଶ୍ରୀକୃଷ୍ଣ ମୃତ୍ୟୁବରଣ କଲେ। ଏହି ଜାରା ଶବର ହେଲେ ଶବରମାନଙ୍କର ଆଦି ପୁରୁଷ। ଶବର ସଂପ୍ରଦାୟର ଲୋକମାନେ ଓଡ଼ିଶା ଓ ଛତିଶଗଡ଼ରେ ବହୁସଂଖ୍ୟାରେ ବାସ କରନ୍ତି। କେତେକ ଅଞ୍ଚଳରେ ସେମାନେ ଶଉରା ବା ଶଅର ଭାବେ ଜଣା ଯାଆନ୍ତି।

ଜୋଙ୍କ ନାମକ ଏକ ନଦୀ ଓଡ଼ିଶାର କଳାହାଣ୍ଡି ନୂଆପଡ଼ା ଅଞ୍ଚଳରୁ ବାହାରି ଛତିଶଗଡ଼ରେ କିଛିଦୂର ପ୍ରବାହିତ ହୋଇ ମହାନଦୀ ସହ ସଂଯୁକ୍ତ ହୋଇଛି। ଏହି ସଙ୍ଗମ ସ୍ଥଳର ନାମ 'ଶବରୀ ନାରାୟଣ ତୀର୍ଥ'। ଶବରୀ ନାରାୟଣ ବର୍ତ୍ତମାନ ଅପଭ୍ରଂଶ ହୋଇ 'ଶେଓରୀ ନାରାୟଣ' ରୂପେ ଜଣାଯାଉଛି। ସେତେବେଳର ଓଡ଼ିଶାର ରାଜା କୌଣସି ସୂତ୍ରରୁ ଖବର ପାଇଲେ ଯେ ଶବରୀ ନାରାୟଣରେ ପରମାତ୍ମା ପୂର୍ଣ୍ଣବ୍ରହ୍ମ ନିଗଞ୍ଜ ଜଙ୍ଗଲର ଏକ ଗୁମ୍ଫାରେ ଜଣେ ଶବର ଦ୍ୱାରା ଆରାଧିତ ହେଉଛନ୍ତି। ସେ ପୁରୁଷୋତ୍ତମ କ୍ଷେତ୍ରରେ ଏକ ଭବ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଆରାଧନା କରିବା ପାଇଁ ସଙ୍କଳ୍ପ କଲେ। ତେଣୁ ଶବରୀ ନାରାୟଣରୁ ମହାପ୍ରଭୁଙ୍କୁ ଆଣିବା ପାଇଁ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କୁ ପଠେଇଲେ।

ଅନେକଦିନ ଯାତ୍ରା ପରେ ବ୍ରାହ୍ମଣ ଶବରୀ ନାରାୟଣରେ ପହଞ୍ଚିଲେ। ମହାପ୍ରଭୁଙ୍କ ସନ୍ଧାନ ପାଇଁ ବ୍ରାହ୍ମଣ ଶବର ସହ ବନ୍ଧୁତା ସ୍ଥାପନ କଲେ। ଶବର ବ୍ରାହ୍ମଣଙ୍କୁ ଆତିଥେୟ ଦେଲେ। ଏହି ସମୟରେ ବ୍ରାହ୍ମଣ ଶବର କନ୍ୟାର ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ। ଝିଅଜୋଇଁଙ୍କର ଅନେକ ଅନୁନୟ ବିନୟ ପରେ ଶବର ବ୍ରାହ୍ମଣଙ୍କୁ ଠାକୁରଙ୍କ ବିଜେସ୍ଥଳୀକୁ ନେଇଯିବା ପାଇଁ ଏକସର୍ତ୍ତରେ ରାଜି ହେଲେ। ସର୍ତ୍ତ ହେଲା ଯେ ଯିବା ଆସିବା ବେଳେ ବ୍ରାହ୍ମଣଙ୍କ ଆଖିରେ ପୁଟୁଳି ବନ୍ଧା ଯିବ। ବ୍ରାହ୍ମଣ ରାଜି ହେଲେ ଏବଂ ଶବରଙ୍କ ଅଲକ୍ଷ୍ୟରେ ନିଜ ଅଣ୍ଟିରେ କିଛି ସୋରିଷ ଲୁଚେଇ ନେଇଗଲେ। ଗଲା ବେଳେ ବ୍ରାହ୍ମଣ ଅଣ୍ଟିରୁ ସୋରିଷ ବାହାର କରି ବାଟ ସାରା ପକେଇ ପକେଇ ଗଲେ। ବ୍ରାହ୍ମଣ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଆସିଲେ। କିଛିଦିନ ପରେ ବର୍ଷା ହୋଇ ସୋରିଷ ଗଜା ହେଲା। ଦିନେ ସମସ୍ତଙ୍କ ଅଜ୍ଞାତରେ ବ୍ରାହ୍ମଣ ସୋରିଷ ଗଛ ଦେଖି ଦେଖି ମହାପ୍ରଭୁଙ୍କ ଗୁମ୍ଫାରେ ପହଞ୍ଚି ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ତାଙ୍କ ସଙ୍ଗରେ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ କହିଲେ- 'ବ୍ରାହ୍ମଣ, ମୁଁ ତୁମ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଛି। ନିତ୍ୟବୈକୁଣ୍ଠ ନୀଳାଚଳରେ ବିଜେ ହୋଇ ମୁଁ ପତିତମାନଙ୍କୁ ଉଦ୍ଧାର କରିବି। ଏହା ବିଧିନିର୍ଦ୍ଦିଷ୍ଟ। ମୁଁ ଦାରୁସ୍ୱରୂପରେ ପବିତ୍ର ମହାନଦୀରେ ଭାସିଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବି। ରାଜା ସେ ଦାରୁରେ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ କରି ଏକ ଭବ୍ୟମନ୍ଦିରରେ ପ୍ରତିଷ୍ଠା କରି ମୋର ପୂଜାର୍ଚ୍ଚନା କରିବେ।'

ମହାପ୍ରଭୁଙ୍କଠାରୁ ଆଶ୍ୱସନା ପାଇ ବ୍ରାହ୍ମଣ ନୀଳାଚଳକୁ ଫେରି ଆସିଲେ। ମହାପ୍ରଭୁ ଏକ ଶଙ୍ଖଚକ୍ର ଶୋଭିତ ଦିବ୍ୟଦାରୁ ସ୍ୱରୂପରେ ମହାନଦୀ, କାଠଯୋଡ଼ି, କୁଆଖାଇ ଓ ଭାର୍ଗବୀ ନଦୀରେ ଭାସି ଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ରାଜା ସେ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ମନ୍ଦିରରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ଶବରୀ ନାରାୟଣରେ ଜଗନ୍ନାଥଙ୍କ ଅନ୍ତର୍ଦ୍ଧାନ ହେବା ପରେ ଶବର ପାଗଳପ୍ରାୟ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମହାପ୍ରଭୁ ଶବରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ତୁ ମୋର ଅନନ୍ୟ ଭକ୍ତମାନଙ୍କ ଭିତରୁ ଜଣେ। ସାରା ସଂସାରର କଲ୍ୟାଣ ସାଧନ ପାଇଁ ମୁଁ ବର୍ତ୍ତମାନଠାରୁ ଉତ୍କଳ ଦେଶର ସମୁଦ୍ର ତଟବର୍ତ୍ତୀ ନୀଳାଚଳ ଧାମରେ ଦାରୁ ସ୍ୱରୂପରେ ଆରାଧିତ ହେବି। ମୁଁ ପ୍ରଥମେ ପ୍ରକଟ ହୋଇଥିବା ଏହି ସ୍ଥାନ ଏକ ତୀର୍ଥସ୍ଥଳର ମାନ୍ୟତାପ୍ରାପ୍ତ ହେବ। ବ୍ରାହ୍ମଣ ତୁମ କନ୍ୟାର ସହାୟତା ନେଇ ମୋତେ ଆବିଷ୍କାର କରି ଥିବାରୁ ତା'ର ସ୍ମୃତିରକ୍ଷା ପାଇଁ ଏ ତୀର୍ଥ 'ଶବରୀ ନାରାୟଣ' ରୂପେ ପ୍ରସିଦ୍ଧି ଲାଭ କରିବ। ତୋର ଉତ୍ତରପୁରୁଷମାନେ ଦଇତା ସେବକ ନାମରେ ମୋର ଅଙ୍ଗଲାଗି ସେବକ ରୂପେ ମୋର ସେବାର ସୁଯୋଗ ପାଇବେ। ସାରା ସଂସାର ସେମାନଙ୍କୁ ମୋର କୁଟୁମ୍ବୀ ରୂପେ ଜାଣିବେ।' କାଳକ୍ରମେ ଶବରୀ ନାରାୟଣ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ ହେଲା। ବର୍ତ୍ତମାନ ଏହା ଛତିଶଗଡ଼ର ଏକ ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ●

(ଆଧାର- ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ପଣ୍ଡିତ ସୂ. ନା. ଦାଶ)

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

# ଏନଆଇଆରଏଲ୍-ଓରେଡା ଚୁକ୍ତିନାମା




ଭୁବନେଶ୍ୱର, ୨୩।୬ (ସମିସ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେନଚର) ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ୨୫୦ ମେଗାୱାଟ ପବନ ଶକ୍ତି (ୱିଣ୍ଡୋ ପାୱାର) ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି (ଫ୍ଲୋଟିଂ ସୋଲାର ପାୱାର)) ପ୍ରକଳ୍ପ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଏବଂ ଏନଆଇଆରଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଚାକିରି ଅପେକ୍ଷାରେ ମେଧାବୀ; ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି**

# ସରକାରଙ୍କୁ ଘେରିଲା ଛାତ୍ର ବିଜେଡି

ଭୁବନେଶ୍ୱର, ୨୩।୬ (ସମିସ): ଦୀର୍ଘ ୨ ବର୍ଷ ହେଲା ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ନିଯୁକ୍ତି ଯୋଗ୍ୟତା ନେଇ ହାଇକୋର୍ଟରେ ମାମଲା ଥିବାବେଳେ ସରକାର ନିଜର ପକ୍ଷ ରଖୁନାହାନ୍ତି। ଫଳରେ ପ୍ରାୟ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଛନ୍ତି ଯେ ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ହୋଇଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ହସ୍ତକ୍ଷେପ କରି ୧୦୬୫ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୨୪ ମାର୍ଚ୍ଚରେ ପୁନର୍ବାର ଅଧ୍ୟାପକ ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା।



ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ ମାମଲା ରୁଜୁ କଲେ। ମାତ୍ର ଏ କ୍ଷେତ୍ରରେ ଦୀର୍ଘ ୨ ବର୍ଷ ହେଲା ବିଜେପି ସରକାର ତତ୍ପରତା ଦେଖାଉ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିଲେ ମଧ୍ୟ ସରକାରୀ ଓକିଲ ପକ୍ଷ ରଖୁନାହାନ୍ତି। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହି କେସ୍‌ର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହି ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଆଶାୟୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବିସିଜେଡି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଅନ୍ୟଥା ମେଧାବୀଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ଶ୍ରୀ ପରିଡ଼ା କହିଛନ୍ତି ଯେ, ରାଜ୍ୟରେ ହଜାର ହଜାର ଉଚ୍ଚଶିକ୍ଷିତ ମେଧାବୀ ଚାକିରି ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ସରକାର ପଦାଘାତ କରି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ପାଇଁ ୨୦୨୫ ଅକ୍ଟୋବର ୨୩ ରେ ବିଜ୍ଞପ୍ତି ପ୍ରକାଶ କଲେ। ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କୁ ସରକାର ପ୍ରତାରଣା କରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ସାରା ଓଡ଼ିଶା ଛୁଇଁଲା ମୌସୁମୀ; ୨୭ ଯାଏଁ ବର୍ଷା

ଭୁବନେଶ୍ୱର, ୨୩।୬ (ସମିସ): ଗତ ୧୨ ତାରିଖରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଏହା ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁ ଆଗକୁ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୩ ତାରିଖରୁ ଆସନ୍ତା ୨୬ ତାରିଖ ଯାଏଁ ମୌସୁମୀ ଅଧିକ ଶକ୍ତିଶାଳୀ ରହିବାକୁ ଥିବାବେଳେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିଣାମ ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବୁଧବାର କଟକ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡ଼ା, କଟକ, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଟିଏମ୍‌ସି ପାଇଁ...

ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ଋତବ୍ରତଙ୍କ ଗୋଷ୍ଠୀ ଦାବି କରିଛି ଯେ ବିଧାୟକ ଦଳର ସଂଖ୍ୟାଗରିଷ୍ଠ ସମର୍ଥନ ସେମାନଙ୍କ ପାଖରେ ରହିଛି। ନୂତନ କମିଟି ରିପୋର୍ଟ ୧୫ ଦିନ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଦିଆଯିବ ବୋଲି ଋତବ୍ରତ କହିଛନ୍ତି। ଏହା ପୂର୍ବରୁ ମମତାଙ୍କ ଶିବିର ତତ୍ପରତା ଦେଖାଇ ନିଜର ପକ୍ଷ ରଖିସାରିଛି। ଦୁଇଟି ପୃଥକ ଗୋଷ୍ଠୀ ଗୋଟିଏ ଦଳ ଉପରେ ଦାବି କରୁଥିବାରୁ ଏହି ବିବାଦର ସମାଧାନ ଏବେ ନିର୍ବାଚନ କମିସନଙ୍କ ହାତରେ ରହିଛି।

### ଓଡ଼ିଶା ଫେରିଲା...

ଏକାଧିକ ବିଧାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମସ୍ତଙ୍କ ମରଶରୀରକୁ ଶ୍ରମ ବିଭାଗ ପକ୍ଷରୁ ସରକାରୀ ବ୍ୟବସ୍ଥାରେ ସେମାନଙ୍କର ପୈତୃକ ଗ୍ରାମକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେଠାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ ଯେ ତିରିଭଲ୍ଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁ ଏମାନଙ୍କର ମୃତ୍ୟୁ ଘଟିଥିଲା।

### ବିଜେପି ରାଜନୀତି...

ଯାହାକୁ ନେଇ ବିଜେପିରେ ହଲଚଲ ସୃଷ୍ଟି ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିତିନ ନବୀନଙ୍କ ନୂଆ ଟିମ୍‌ରେ ଓଡ଼ିଶାର କିଛି ବିଜେପି ନେତାଙ୍କୁ ସ୍ଥାନ ମିଳିପାରେ । ଏପରିକି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀ ଓ ରାଜ୍ୟରୁ ନିର୍ବାଚିତ ଜଣେ ସାଂସଦଙ୍କୁ ଦଳ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ । ଯେହେତୁ ବିଜେପି ଏବେ ଜଣେ ବ୍ୟକ୍ତି, ଗୋଟିଏ ପଦ ଉପରେ ବିଶ୍ୱାସ କରୁଛି; ତେଣୁ ସମ୍ପୃକ୍ତ ମନ୍ତ୍ରୀ ମୋହନଙ୍କ କ୍ୟାବିନେଟ୍‌ରୁ ବାଦ ପଡ଼ିବା ନିଶ୍ଚିତ । ଏ ସମ୍ପର୍କରେ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଗତ ଗସ୍ତ ସମୟରେ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ବିଜେପିର କୋର କମିଟି ସହ ଆଲୋଚନା କରିଥିଲେ । ଏହା ସହ ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ସରକାରଙ୍କ କାର୍ଯ୍ୟ, ଲୋକଙ୍କ ମଧ୍ୟରେ ଦଳର ବିଶ୍ୱନୀୟତା ଆଦି ପ୍ରସଙ୍ଗକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ କୋର କମିଟି ସହ ନିତିନ ନବୀନ ଆଲୋଚନା କରିଛନ୍ତି । ତେଣୁ ଓଡ଼ିଶାରେ ଦଳର ସାଂଗଠନିକ ସଂରଚନା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ପୁନଶ୍ଚ କେନ୍ଦ୍ର ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣ ସମୟରେ ଏନ୍‌ଡ଼ିଏର ଅଂଶୀଦାର, ବିଜେପିରେ ସାମିଲ ହୋଇଥିବା ଆପ୍ ସାଂସଦ, ଏନ୍‌ଡ଼ିଏକୁ ସମର୍ଥନ ଜଣାଇଥିବା ଟିଏମ୍‌ସି ଓ ଶିବସେନା (ଉଦ୍ଧବ)ର ବିଭାଜିତ ଗୋଷ୍ଠୀର ସଦସ୍ୟଙ୍କୁ କିଛି ମନ୍ତ୍ରୀ ପଦ ଦିଆଯିବ। ତେଣୁ ପୂର୍ବରୁ ବିଜେପି କୋଟାରେ ଥିବା ମନ୍ତ୍ରୀ ପଦ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଭାଗରେ କେନ୍ଦ୍ରରେ ଅଧିକ ମନ୍ତ୍ରୀପଦ ମିଳିବାର ସମ୍ଭାବନା ଆଦୌ ନଥିବାରୁ ମନ୍ତ୍ରୀ ଆଶାୟୀମାନଙ୍କୁ କିପରି ସନ୍ତୁଷ୍ଟ କରାଯିବ ସେ ସମ୍ପର୍କରେ ହୁଏତ ଦଳୀୟ ନେତାଙ୍କ ସହ ଶ୍ରୀ ଶାହା ଆଲୋଚନା କରିପାରନ୍ତି । ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି । ସରକାରରେ ୬ଟି ମନ୍ତ୍ରୀ ପଦ ଖାଲି ଥିବା ଯୋଗୁଁ ଅନେକ ଆଶାୟୀ ମନ୍ତ୍ରୀ ହେବାକୁ ପାଗବାନ୍ଧି ବସିଛନ୍ତି । ନିଗମ ଓ ବୋର୍ଡ଼୍‌ଗୁଡ଼ିକରେ ନିଯୁକ୍ତି ହୋଇ ପାରିନାହିଁ । ତେଣୁ ଶ୍ରୀ ଶାହାଙ୍କ ଆଗାମୀ ଗସ୍ତ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି ।

ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେବେ। ଏହାସହ ବଡ଼ମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିପାରନ୍ତି। ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ଭୁବନେଶ୍ୱରର ପାଣ୍ଡରାଠାରେ ୫୯ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଆନୁଷ୍ଠାନିକ ସୂଚନା ଆସିଛି। ତେବେ ଓଡ଼ିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

### ଅକଳରେ ୧୧...

ଯାଇଥିଲେ ସେମାନଙ୍କ ମନବୋଧ ହୋଇ ଗଲାଣି ଓ ଯିବା ପାଇଁ ଯେଉଁମାନେ ଗୋଡ଼ଟେକି ବସିଛନ୍ତି; ସେମାନେ ବିଜେପି ଯିବା ପରେ ସବୁ ବୁଝିଯିବେ ବୋଲି ଶ୍ରୀ ସାହୁ କହିଛନ୍ତି ।

ଅପରପକ୍ଷରେ କ୍ରସ ଭୋଟିଙ୍ଗ ବିଧାୟକମାନଙ୍କର ଆଉ ଦଳରେସ୍ଥାନ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ରାଜନ ଏକ୍କା। ସେ କହିଛନ୍ତି ଯେ ରାଜ୍ୟସଭାରେ କ୍ରସ ଭୋଟିଙ୍ଗ କରିଥିବା ୩ଜଣ କଂଗ୍ରେସ ବିଧାୟକ ଦଳରୁ ବିଦା ହେବା ନିଶ୍ଚିତ । ସେମାନଙ୍କର ସଭ୍ୟପଦ ରଦ୍ଦ ହେବ ଓ ସେମାନେ କେବେ ବି ଦଳକୁ ଫେରି ପାରିବେ ନାହିଁ। କ୍ରସ ଭୋଟିଂ କରିବା ପରେ ବି ସେମାନେ ଅନୁତପ୍ତ ନୁହନ୍ତି, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । କୌଣସି ସଫେଇ ଦଳ ଶୁଣିବ ନାହିଁ । ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ କୋର୍ଟକୁ ଯିବ ବୋଲି ଶ୍ରୀ ଏକ୍କା କହିଛନ୍ତି ।

### କୀଟନାଶକ ପିଇ...

୨୮ ପର୍ଯ୍ୟନ୍ତ ୩୬ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଧାନ ବିକିବାକୁ ନେପାଳଙ୍କ ପାଖକୁ ଟୋକନ୍ ଆସିଥିଲା। ମଣ୍ଡିରୁ ଧାନ ଉଠୁନଥିବାରୁ ଗତକାଲି ଗାଁର ଶତାଧିକ ଚାଷୀଙ୍କ ସହ ନେପାଳ ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେଠାରୁ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଆଜି ଦିନ ୧୧ଟାରେ ନେପାଳଙ୍କ ଶବ ଗାଁରେ ପହଞ୍ଚିଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦାବିରେ ଗାଁ ଲୋକେ ଶ୍ମଶାନରୁ ଶବକୁ ଆଣି ଜାତୀୟ ରାଜପଥ ନଂ.୩୫୩ ଉପରେ ରଖି ଅବରୋଧ କରିଥିଲେ। ପରେ ନୂଆପଡ଼ା ଉପ ଜିଲ୍ଲାପାଳ, ଅତିରିକ୍ତ ଏସପି, କୋମନା ତହସିଲଦାର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ଫଣ୍ଡରୁ ୫୦ ହଜାର ଟଙ୍କା ସହାୟତା ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନାର୍କୋ କୋର୍ଡିନେସନ ସେଣ୍ଟର ବୈଠକରେ ନିଶା ଚିନ୍ତା

ଭୁବନେଶ୍ୱର, ୨୩।୬ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆର୍‌ଡି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବ÷ଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନେ ନିଜର ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱର୍କର ୭ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦିଆଯାଇଛି।

# ବାଲିଅନ୍ତା ଭିଡ଼ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଭୁତି ଭୂଷଣ ପରିଡା ଓରଫ ହାପିକୁ କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ଗିରଫ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତି ରହିଥିଲା ବୋଲି ଅଭିଯୋଗ ହୋଇଥିଲା। ତା ଘର ବେଣୁପୁରୁ କୁମ୍ଭାର ସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି। ହାପିକୁ କଟକ ବିଡ଼ାନାସୀ ଅଞ୍ଚଳରୁ ଗିରଫ କରାଯାଇଛି। ହାପିକୁ ଗିରଫ କରିବା ପରେ ମୋଟ୍ ଗିରଫଦାରି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୮ ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି।

### 'ଇଚ୍ଛାମୃତ୍ୟୁ' ମାଗିଲେ...

ଘରେ ବାକି ରହିଥିବା ଧାନତକ ସରକାରୀ ମଣ୍ଡିରେ ବିକ୍ରି କରିବା ଆଶାରେ ଗୋପାଳ ଦୀର୍ଘ ଦିନ ହେବ ଟୋକନ୍‌କୁ ଅପେକ୍ଷା କରି ରହିଥିଲେ। ଏଥିପାଇଁ ସେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଜର ଗୁହାରି ଜଣାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୁଫଳ ମିଳିନଥିଲା। ଶେଷରେ କେହି ତାଙ୍କ ଦୁଃଖ ନଶୁଣିବାରୁ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚାଷ କାର୍ଯ୍ୟ ପାଇଁ କରିଥିବା ଧାର-କରଜର ବୋଝ ଗୋପାଳଙ୍କ ମୁଣ୍ଡ ଉପରେ ଚାପ ସୃଷ୍ଟି କରିଥିବାବେଳେ ପ୍ରଶାସନର ନିରବତା ତାଙ୍କୁ ମାନସିକ ସ୍ତରରେ ମାରିଦେଇଛି।ଅନ୍ୟ କୌଣସି ଉପାୟ ନପାଇ ଆଜି ଅପରାହ୍ନରେ ଯୁବଚାଷୀ ଗୋପାଳ ସାହୁ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଚରମ ପଦକ୍ଷେପ ସ୍ୱରୂପ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ସେ ଜିଲ୍ଲାପାଳଙ୍କ ଜରିଆରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚାଷୀ କୂଳ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ଆଉ କେତେ ଦିନ ଏଭଳି ଚାଷୀଙ୍କୁ ନିଜ ଜୀବନ ହାରିବାକୁ ବା ମୃତ୍ୟୁ ମାଗିବାକୁ ପଡ଼ିବ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି।

**AFFIDAVIT**

I, Abhisek Nayak, aged about 44 years, S/o- Nirmal Chandra Nayak, resident of At- Railway Station Road, Balangir, Ps- Town Bolangir, Balangir, Pin-767001, Odisha do hereby declare for my minor daughter Anrwita Abhisek Nayak by this affidavit No.1288, dtd- 22.06.2026, that now onwards she shall be known as **ANWITA ABHISEK NAYAK** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Banapur Vide No-1966 Dated 29/05/2026, I, DAKA BARIK aged about 54 years, S/o- Maguni Barik permanent resident of Village- Paladhuapali, P.O.- Ayatapur, P.S.- Nachuni of Khordha Dist. Odisha do hereby declare that I have changed my name from KABULA BARIK to DAKA BARIK. Henceforth I shall be known as **DAKA BARIK** for all purposes.

**DAKA BARIK**

**AFFIDAVIT**

By virtue of an affidavit no- 2148, dated- 11/6/2026 sworn before Executive Magistrate, Banpur, declare that I, Nityananda Muduli, aged about- 44 years, S/o- Trinath Muduli of Address At- Muktadeipur, Po- Balidihi, PS- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Madhumita Muduli to Madhusmita Muduli. Henceforth, he shall be known as **Madhusmita Muduli** for all purposes.

**Madhusmita Muduli**

**AFFIDAVIT**

By virtue of an affidavit sworn before the Notary Public, Sunabeda vide no 1086, dated 22/06/2026, I, Shek Rosan, S/o- Sak Mahamad, Vill - Patrapandi, PO - Thuba, PS - Nandapur, Dist - Koraput, declare that I have changed my Daughter's name from Simran to Simran Begam. Henceforth, my daughter shall be known as **Simran Begam** for all purpose.

**Sd/- Shek Rosan**

**LOST**

I Susma Acharya, W/o- Nirmal Kumar Acharya, of Vill.- Birmal. Ps.- Sadar, Dist.- Bargarh state that, I have lost original Electricity money receipt of Maa Fly Ash Bricks on 07.06.2026 bearing No. SD.A 1620002, Consumer A/C No. 515001110966 in the name of Susma Acharya of Rs.36,946.00 towards Security Deposit. Inspite of my several effort the same could not found.

**AFFIDAVIT**

By virtue of an affidavit before the Executive Magistrate Bhubaneswar I, **Malka Tarannum,** the mother of **Daraksha Tarannum** declared that my daughter's new name is **Daraksha Tarannum** and old name is **Daraksan Taranum.** Hence from today she will be known as **Daraksha Tarannum.**

**AFFIDAVIT**

By virtue of an affidavit no. 1788, sworn before the executive Magistrate Champua on dtd- 03/06/2026, I Falguni Kumari Rout, D/o- Rabi Rout, permanent resident of Vill- Maricha, P.o/Ps- Ghagarbeda, Dist- Mayurbhanj, Pin- 757035, Odisha, declare that I have changed my name from **Phalguni Rout** (Old Name ) to **Falguni Kumari Rout** (New Name), Henceforth she shall be known as **FALGUNI KUMARI ROUT** for all future purposes.

**Falguni Kumari Rout**

**AFFIDAVIT**

I, Sachinkumar Jachindranath Patra, aged about 32 years, S/O- Jachindranath Jairam Patra, resident of At/Po- Rambhadeipur, Ps- Jagatsinghpur, Dist- Jagatsinghpur, Odisha, PIN- 754102, do hereby declare by this affidavit No.1287, dtd- 22.06.2026, that now onwards I shall be known as **SACHIN JACHINDRANATH PATRA** for all future purposes.

**AFFIDAVIT**

I, **Anoop Kumar Pera,** aged about 45 years, S/o- Ballav Pera, resident of At: Flat No-202, Block-C, PDN Horizon, Jagamara, Ps- Khandagiri, Bhubaneswar, Pin-751030, Odisha do hereby declare for my minor daughter Digna Anoop Pera by this affidavit No.1286, dtd- 22.06.2026, that now onwards she shall be known as **DIGNA DARSHEE PERA** for all future purposes.

**PANCHAYAT SAMITI OFFICE**
**LEPHRIPARA, DIST: SUNDARGARH**
19001/118/2627

No.: 1809 — Date: 23/06/2026

**e-Procurement Notice Bid Identification No. 02/2026-27**

The Block Development Officer, Lephripara on behalf of Governor of Odisha invites Percentage Rate bids online mode for Construction of the work detailed below.

1. **Name of the work** : Construction of Building works
2. **Total no. of work** : 1 (One) no.
3. **Class of Contractor** : C & B Class
4. **Period of completion** : Six Calendar Months

The bidders have to participate in online bidding only. The details will be available in the website www.tenderodisha.gov.in from **11.00 AM of 25.06.2026** to **5.00 PM of 08.07.2026**.

**Block Development Officer**
**Lephripara**

OIPR-19001/19486/1/26-27/0001

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି **ସମ୍ପୃକ୍ତ ଶାଖା**ର ନିମ୍ନଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସମ୍ପୂର୍ଣ୍ଣ ଭାବେ ପଇଠ କରିବାକୁ କହିଥିଲେ । କଥିତ ଡିମାଣ୍ଡ ନୋଟିସ୍ ନିମ୍ନ ଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଏହି ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ ବର୍ତ୍ତମାନ ସୁଦ୍ଧା ଥିବା ସମସ୍ତ ବକେୟା ଦେୟ ରାଶି ସହିତ ତତ୍‌ପରବର୍ତ୍ତୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସୁରକ୍ଷିତ ଋଣଦାତାଭାବେ ଆମକୁ ପଇଠ କରନ୍ତୁ ଅନ୍ୟଥା ଆମେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଆମକୁ ପ୍ରାପ୍ତ ଅଧିକାର ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ବାଧ ହେବୁ। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ପ୍ରାକ୍ ଲିଖିତ ଅନୁମତି ବିନା ନିମ୍ନଲିଖିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ନିଷେଧାଦେଶ/ଅବରୋଧର କୌଣସି ପ୍ରକାର ଉଲଂଘନ ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ଏକ ଅପରାଧ ଅଟେ। ଏହି ନୋଟିସ୍‌ଟି ସରଫେଶୀ ଆକ୍ଟ ୨୦୦୨ ଏବଂ / କିମ୍ବା ଅନ୍ୟ କୌଣସି ଆଇନଗତ ଅଧିକାରକୁ ପ୍ରତିହତ ନକରି ଜାରି କରାଯାଇଅଛି।

**ଏତଦ୍‌ଦ୍ୱାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର/ଋଣ ରାଶି / ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଦେୟ | ସମ୍ପତ୍ତି(ଗୁଡ଼ିକ)ର ବିବରଣୀ |
|---|---|---|---|
| **ପଳାଶପଲ୍ଲୀ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତୀ ବାଳା ନାୟକ, ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ୨) ଶ୍ରୀ କ୍ଷୀରୋଦ କୁମାର ନାୟକ, ପିତା: ଶ୍ରୀ ଅଚ୍ୟୁତାନନ୍ଦ ନାୟକ, ଉଭୟଙ୍କ ଠିକଣା- ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସିଂ,** ପିତା: ୰ ଘସିରାମ ସିଂ, ସା: ବଡବିଲ ମ୍ୟୁନିସିପାଲିଟି ୱାର୍ଡ ନଂ.: ୭, ପୋ: ବଡବିଲ, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୩୫ / **ବନ୍ଧକଦାତା: ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ | ସେଣ୍ଟ ହୋମ୍ ଡବଲ୍ ପ୍ଲସ୍ > ୨୫ ଲକ୍ଷ / ଟ.୬୮,୦୦,୦୦୦/- / ୨୦.୦୫.୨୦୨୬ | ୧୯.୦୫.୨୦୨୬ ସୁଦ୍ଧା ଟ.୯୩,୫୮,୮୧୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୯୨୯/୨୦୮୭, ମ୍ୟୁଟେସନ୍ ଖାତା ନଂ.: ୯୨୯/୩୫୩୮, ପ୍ଲଟ୍ ନଂ.: ୩୭୬/୯୧୬୫, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ତୁରଙ୍ଗ, ତହସିଲ: ବଣ୍ଟରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ଦାସ, ଉତ୍ତର: ରତ୍ନାକର ବିଶ୍ୱାଳ, ଦକ୍ଷିଣ: ଲକ୍ଷ୍ମୀଧର ପାଣି |
| **ପୁରୀ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ମିସ୍ ନିରୁପମା ପ୍ରଧାନ, ପିତା: ୰ ରାଧାମୋହନ ପ୍ରଧାନ, ୨) ସୂର୍ଯ୍ୟମଣୀ ପ୍ରଧାନ, ସ୍ୱାମୀ: ୰ ରାଧାମୋହନ ପ୍ରଧାନ, ଉଭୟଙ୍କ ଠିକଣା ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧ / **ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନେ:** ୧) ମିସ୍ ମମତା ପ୍ରଧାନ, ପିତା: ୰ ରାଧାମୋହନ ପ୍ରଧାନ, ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧, ୨) ଶ୍ରୀମତୀ ତନୁଜା ପ୍ରଧାନ, ସ୍ୱାମୀ: ସୁଧୀର କୁମାର ପ୍ରଧାନ, ସା: ଝୋଲା ସାହି ପିଠାପୁର, ପୋ: ଦୋଳମୁଣ୍ଡାଇ, ଜିଲ୍ଲା: କଟକ, ପିନ୍ - ୭୫୩୦୦୧ | ସେଣ୍ଟ ମଡଗେଜ୍ / ଟ.୩,୫୦,୦୦୦/- / ୧୪.୦୫.୨୦୨୬ | ୧୩.୦୫.୨୦୨୬ ସୁଦ୍ଧା ଟ.୩୫,୫୨,୪୫୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ସୂର୍ଯ୍ୟମଣୀ ପ୍ରଧାନ, ମିସ୍ ନିରୁପମା ପ୍ରଧାନ, ମିସ୍ ମମତା ପ୍ରଧାନ, ଶ୍ରୀମତୀ ତନୁଜା ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବିକ ଖାତା ନଂ.: ୩୫୭/୧୬, ମ୍ୟୁଟେସନ୍ ଖାତା ନଂ.: ୧୮୬, ହାଲ୍ ପ୍ଲଟ୍ ନଂ.: ୧୧୬୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୪୩, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୌଜା: ବାଲିସାହି, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ହରେକୃଷ୍ଣ ବାରିକ, ପଶ୍ଚିମ: ବାବନ ଚନ୍ଦ୍ର ଖଡ଼ିରତ୍ନ, ଉତ୍ତର: ରାସ୍ତା, ଦକ୍ଷିଣ: ହାଡି ଗୋହାଳି |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୩.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୬୮ ● ପାଉଣ୍ଡ ୧୨୫.୪୦
- ୟୁରୋ ୧୦୮.୨୦ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୨,୫୫୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୬,୨୦୦.୦୦
- ନିଫ୍ଟି ୨୩,୮୨୪.୧୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଭାରତରେ କମୁଛି ଆଖୁ ଚାଷ

# ବିଶ୍ୱରେ ବଢ଼ିପାରେ ଚିନି ଦର

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)



ବିଶ୍ୱ ତୈଳ ସଙ୍କଟର ଆଶଙ୍କା ମଧ୍ୟରେ ଏବେ ଚିନି ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତାର ସଙ୍କେତ ମିଳିଛି। ଦୁର୍ବଳ ମୌସୁମୀ ଏବଂ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଦେଶର ଆଖୁ ଫସଲ ଏବେ ବିପଦରେ। ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ପ୍ରତିକୂଳ ପାଣିପାଗର ଆଖୁ ଉତ୍ପାଦନ ଉପରେ ପ୍ରଭାବ ଚିନି ଉତ୍ପାଦନରେ ହ୍ରାସ ଘଟାଇପାରେ, ଯାହା ଫଳରେ

- ■ ଘରୋଇ ବଜାରରେ ଚାହିଦା ପୂରଣ ଏବେ ବଡ଼ ଆହ୍ୱାନ
- ■ ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ
- ■ ଚିନି ରପ୍ତାନି ଉପରେ ଲାଗିପାରେ ଲମ୍ବା ବ୍ରେକ୍

ଆଗକୁ ବିଶ୍ୱ ସ୍ତରରେ ଚିନି ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିପାରେ। ରିପୋର୍ଟ ଅନୁଯାୟୀ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଚଳିତ ବର୍ଷ ମୌସୁମୀ ପ୍ରବାହ ଦୁର୍ବଳ ହେବାର ସମ୍ଭାବନା ରହିଛି, ଯାହା ସିଧାସଳଖ ଆଖୁ ଚାଷକୁ ପ୍ରଭାବିତ କରିପାରେ। ଅନ୍ୟପକ୍ଷରେ, ପେଟ୍ରୋଲ ସହିତ ମିଶ୍ରଣ ପାଇଁ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଆଖୁ ବ୍ୟବହାର ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଏହି ଦୁଇଟି କାରଣ ଚିନି ଉତ୍ପାଦନ ଉପରେ ଚାପ ବୃଦ୍ଧି କରିଛି। ଏମିତିକି ଘରୋଇ ବଜାରରେ ମଧ୍ୟ ଚିନି ଚାହିଦା ପୂରଣ ଚଳିତଥର ବଡ଼ ଆହ୍ୱାନ ପାଲଟିପାରେ।

ଭାରତ ବିଶ୍ୱର ପ୍ରମୁଖ ଚିନି ଉତ୍ପାଦକ ଏବଂ ରପ୍ତାନିକାରୀଙ୍କ ମଧ୍ୟରୁ ଅନ୍ୟତମ। ତେଣୁ, ଘରୋଇ ଆବଶ୍ୟକତାକୁ ବିଚାରକୁ ନେଇ ସରକାର ଆଗାମୀ ତିନି ବର୍ଷ ପାଇଁ ଚିନି ରପ୍ତାନି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ଯଦି ଏହା ହୁଏ, ତେବେ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଚିନି ଉପଲବ୍ଧତା ପ୍ରଭାବିତ ହୋଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଶିଳ୍ପ ଆକଳନ ଅନୁଯାୟୀ, ଚଳିତ ଋତୁରେ ଭାରତର ଚିନି ଉତ୍ପାଦନ ପ୍ରାୟ ୩୦.୯୫ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଥିଲା, କିନ୍ତୁ ଏହା ଏବେ ପ୍ରାୟ ୨୭.୯ ନିୟୁତ ଟନ୍‌କୁ ହ୍ରାସ ପାଇପାରେ। ଦେଶର ବାର୍ଷିକ ବ୍ୟବହାର ପ୍ରାୟ ୨୮.୫ ନିୟୁତ ଟନ୍। ଫଳସ୍ୱରୂପ, ପରବର୍ତ୍ତୀ ଋତୁ ଆରମ୍ଭ ସୁଦ୍ଧା ଦେଶରେ ଚିନି ଷ୍ଟକ୍ ମାତ୍ର ୩.୫ ନିୟୁତ ଟନ୍‌କୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି, ଯାହା ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତର ବୋଲି ବିଶ୍ୱାସ କରାଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ୨୦୧୫ ରେ ଏଲ୍-ନିନୋ ଯୋଗୁଁ ଆଖୁ ଫସଲ ପ୍ରଭାବିତ ହୋଇଥିଲା, ଯାହା ଫଳରେ ଭାରତ ୨୦୧୬-୧୭ରେ ଚିନି ଆମଦାନୀ କରିବାକୁ ବାଧ୍ୟ କରାଯାଇଥିଲା। ଯଦି ପାଗ ପରିସ୍ଥିତିରେ ଉନ୍ନତି ନ ହୁଏ ଏବଂ ଇଥାନଲ୍ ଚାହିଦା ବୃଦ୍ଧି ପାଇଥାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଚିନି ବଜାର ଉପରେ ଚାପ ଆହୁରି ବଢ଼ିପାରେ। ଆଖୁ ଚାଷୀ, ଚିନି ମିଲ୍ ଏବଂ ଶିଳ୍ପ ଏବେ ମୌସୁମୀର ଅଗ୍ରଗତି ଏବଂ ସରକାରଙ୍କ ରପ୍ତାନି ନୀତି ଉପରେ ନଜର ରଖିଛନ୍ତି, କାରଣ ଏହି ଦୁଇଟି କାରଣ ଭବିଷ୍ୟତରେ ଚିନିର ଉପଲବ୍ଧତା ଏବଂ ମୂଲ୍ୟ ନିର୍ଣ୍ଣୟ କରିବ। ଉଲ୍ଲେଖ କରାଯିବା ଉଚିତ ଯେ ଭାରତ ପୂର୍ବରୁ ବିଶ୍ୱର ଦ୍ୱିତୀୟ ବୃହତ ଚିନି ରପ୍ତାନିକାରୀ ଦେଶ ଥିଲା, କିନ୍ତୁ ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି। ଯଦି ଆଖୁ ଉତ୍ପାଦନ ଆହୁରି ହ୍ରାସ ପାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଚିନି ଆମଦାନି କରିବାକୁ ପଡ଼ିପାରେ। ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଏବଂ ଜଟିଳ ଜଳବାୟୁ ଘଟଣା ଯାହା ବିଷୁବୀୟ ପ୍ରଶାନ୍ତ ମହାସାଗରରେ ଅସ୍ୱାଭାବିକ ଉଷ୍ମ ସମୁଦ୍ର ପୃଷ୍ଠ ତାପମାତ୍ରା ଯୋଗୁଁ ସୃଷ୍ଟି ହୁଏ। ଏହା ସାରା ବିଶ୍ୱରେ ପାଗ, ବର୍ଷା ଏବଂ ତାପମାତ୍ରା ଢାଞ୍ଚାକୁ ଗୁରୁତର ଭାବରେ ପ୍ରଭାବିତ କରେ।

ପାଣିପାଗ ବିଶେଷଜ୍ଞଙ୍କ ମତରେ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଭାରତରେ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ଅପେକ୍ଷା ଦୁର୍ବଳ ହୋଇପାରେ। ଜୁନ୍ ମାସରେ ଦେଶର ଅନେକ ଅଞ୍ଚଳରେ ହାରାହାରି ତୁଳନାରେ ଯଥେଷ୍ଟ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚାଷୀଙ୍କ ଚିନ୍ତା ବଢାଇଦେଇଛି। କମ ବର୍ଷା ଯୋଗୁଁ ଅନେକ ଚାଷୀ ଆଖୁ ଚାଷକୁ ସ୍ଥଗିତ ରଖିଛନ୍ତି ଏବଂ ଏହା ବଦଳରେ ସୋୟାବିନ୍, ହରଡ଼ ଏବଂ ଅନ୍ୟ କମ୍ ଜଳ ଲାଗୁଥିବା ଫସଲ ଆଡକୁ ମୁହାଁଇଛନ୍ତି। ଏହା ଆଗାମୀ ବର୍ଷଗୁଡ଼ିକରେ ଆଖୁ ଚାଷ ଏବଂ ଉତ୍ପାଦନ ଉଭୟକୁ ପ୍ରଭାବିତ କରିପାରେ। ଏହା ଦେଶରେ ଉତ୍ପାଦନ ଏବଂ ବ୍ୟବହାର ମଧ୍ୟରେ ବ୍ୟବଧାନ କ୍ରମାଗତ ଭାବେ କୁ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ, ଚିନି ମିଲ୍‌ଗୁଡ଼ିକ ପାଖରେ ରଖିଥିବା ଷ୍ଟକ୍ ମଧ୍ୟ ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତରକୁ ହ୍ରାସ ପାଇପାରେ।

## ଏନ୍‌ଏସ୍‌ଇ, ବିଏସ୍‌ଇରେ ବେଦାନ୍ତ ଆଲୁମିନିୟମ୍ ତାଲିକାଭୁକ୍ତ ସ୍ୱାଧୀନ ସଂସ୍ଥା



ଭୁବନେଶ୍ୱର, ୨୩।୬(ସମିସ): ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ ୧୫ ଜୁନ୍ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଏକ ସ୍ୱାଧୀନ ତାଲିକାଭୁକ୍ତ ସଂସ୍ଥା ଭାବରେ ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଆରମ୍ଭ କରିଛି। ବେଦାନ୍ତ ଗ୍ରୁପର ଐତିହାସିକ ଡିମର୍ଜରର ସଫଳ ସମାପ୍ତି ପରେ, ଗତ ମେ ' ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ବିଶ୍ୱର ପ୍ରମୁଖ ସମନ୍ୱିତ ଆଲୁମିନିୟମ କମ୍ପାନୀ ମଧ୍ୟରୁ ଗୋଟିଏ ଭାବରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ ଉଭା ହେବାକୁ ପ୍ରସ୍ତୁତ। ବିଦ୍ୟମାନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬୦ ଲକ୍ଷ ଟନକୁ ଦ୍ୱିଗୁଣିତ କରିବା, ଏବଂ ସଂରଚନାତ୍ମକ ମୂଲ୍ୟ ସୁବିଧା ସହିତ, ଏହା ବିଶ୍ୱ ସ୍ତରରେ ଉତ୍ପାଦନର ସର୍ବନିମ୍ନ ଖର୍ଚ୍ଚ ମଧ୍ୟରୁ ଗୋଟିଏ ହାସଲ କରିବାକୁ ସ୍ଥିର ହୋଇଛି, ଗୁଣବତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି, ପ୍ରମୁଖ ବିଶ୍ୱ ବଜାରରେ ଚାହିଦା ପୂରଣ କରି ଏବଂ ଭିତିଭୂମି, ଅଟୋମୋଟିଭ୍, ବିଦ୍ୟୁତୀକରଣ, ମହାକାଶ ଏବଂ ଉନ୍ନତ ଉତ୍ପାଦନରେ ଦୀର୍ଘକାଳୀନ ଟେଲୱାଇଣ୍ଡରୁ ଲାଭ ପାଇଛି। ଡିମର୍ଜରର ଗୁରୁତ୍ୱ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ, ଭବିଷ୍ୟତର ଧାତୁ, ଆଲୁମିନିୟମର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଧାତୁ କମ୍ପାନୀ ଗଠନ କରିବାର ଆମର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରୁଛି। ଆମର ଧ୍ୟାନ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତା ସହିତ ସମନ୍ୱିତ ଏକ ସ୍ଥିର, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ମୂଲ୍ୟ-ଦକ୍ଷ ବ୍ୟବସାୟ ସୃଷ୍ଟି କରିବା ଉପରେ। ବିଶ୍ୱ ଶକ୍ତି ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ନବସୃଜନର ମୂଳରେ ଆଲୁମିନିୟମ ସହିତ, ଆମେ ଏକ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟକୁ ଯୋଗଦାନ ଦେବା ସହିତ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ପାଇଁ ଅସାଧାରଣ ଭାବରେ ଭଲ ସ୍ଥିତିରେ ଅଛୁ।

## ଇମ୍ଫା 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୨୩।୬(ସମିସ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍) ମାଧ୍ୟମରେ 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି 'କାଟାଲିଟିକ୍ କ୍ୟାପିଟାଲ୍' (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି,ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ।




ଏହି କାର୍ଯ୍ୟକ୍ରମ ଏକ ଦକ୍ଷ ପରାମର୍ଶଦାତା ବୋର୍ଡ ଦ୍ୱାରା ପରିଚାଳିତ। ଏଥିରେ ଫ୍ରଣ୍ଟିୟର ମାର୍କେଟର ପ୍ରତିଷ୍ଠାତା ଓ ସିଇଓ ଏବଂ ଫ୍ରଣ୍ଟିୟର ଇନୋଭେସନ୍ସ ଫାଉଣ୍ଡେସନର ସଭାପତି ଅଜାଇତା ଶାହ; ମାନ୍ ଦେଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ଚେତନା ଗାଲା ସିହ୍ନା;ବିଆଇପିଏଫ୍‌ର ପ୍ରତିଷ୍ଠାତା ଓ ସିଇଓ ଶୈଫାଳିକା ପଣ୍ଡା; ଇଣ୍ଡିଆ ପି୨ ପିର ସହ-ପ୍ରତିଷ୍ଠାତା ଓ ସିଇଓ ନେହା ଜୁନେଜା ଏବଂ ସିଏନ୍‌ବିସି ଟିଭି୧୮ର ମ୍ୟାନେଜିଂ ଏଡିଟର ଶିରିନ୍ ଭାନ୍ ସାମିଲ ଅଛନ୍ତି। ଏହି ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ଏହା ଜୁଲାଇ ୨୦ ପର୍ଯ୍ୟନ୍ତ ଚାଲିବ।

## ୧୫୭ଟି ଔଷଧ ନମୁନା ପରୀକ୍ଷାରେ ବିଫଳ

**ସୂଚୀରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ**

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଦ୍ୱାରା ସାରା ଦେଶରେ ନିର୍ମିତ ୧୫୭ଟି ଔଷଧର ନମୁନା ବିଫଳ ହୋଇଛି। ଏଥିରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ, ଥଣ୍ଡା ଔଷଧ ଏବଂ ହୃଦରୋଗ, ଏବଂ କିଛି ଲୋସନ୍, ସାବୁନ, ସାନିଟାଇଜର ଏବଂ ଅନ୍ୟାନ୍ୟ ବିଫଳତା ନମୁନା ଅନ୍ତର୍ଭୁକ୍ତ। ଲୁହା ଏବଂ ଭିଟାମିନ୍ ଟାବଲେଟ୍, ଜେଲ୍ ଏବଂ ଫୋଲିକ୍ ଏସିଡ୍ ମଧ୍ୟ ଅନ୍ତର୍ଭୁକ୍ତ। ବିଫଳ ଔଷଧ ମଧ୍ୟରେ ହିମାଚଳ ପ୍ରଦେଶରେ ସର୍ବାଧିକ ସଂଖ୍ୟକ ଔଷଧ ଅନ୍ତର୍ଭୁକ୍ତ ହୋଇଛି। ୧୧ଟି ବିଭିନ୍ନ ଶିଳ୍ପରେ ନିର୍ମିତ ୨୦ଟି ଇଞ୍ଜେକ୍ସନ୍ ଏବଂ କାଶ ସିରପର ନମୁନା ମଧ୍ୟ ଔଷଧ ସତର୍କତାରେ ବିଫଳ ହୋଇଛି। ଏଥିରେ ହିମାଚଳର ୪୩ଟି, ଉତ୍ତରାଖଣ୍ଡର ୨୭ଟି, ଗୁଜରାଟର ୨୫ଟି, ମଧ୍ୟ ପ୍ରଦେଶର ୧୦ଟି, ରାଜସ୍ଥାନର ସାତଟି, ହରିୟାଣାର ଛଅଟି, ଉତ୍ତର ପ୍ରଦେଶ, ସିକିମ ଏବଂ ତାମିଲନାଡୁର ପାଞ୍ଚଟି, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶର ଚାରିଟି, ମହାରାଷ୍ଟ୍ର ଏବଂ କେରଳର ତିନୋଟି, ପୁଡୁଚେରୀ, ଦିଲ୍ଲୀ, ତେଲେଙ୍ଗାନା ଏବଂ ପଞ୍ଜାବର ଦୁଇଟି ଔଷଧ ଅନ୍ତର୍ଭୁକ୍ତ।

● ୟୁଆଇଡିଏଆଇର ବଡ଼ ଘୋଷଣା

## ଇ-ମେଲ୍ ଅପଡେଟ୍‌ରେ ଲାଗିବନି ଫି'

**ଡିସେମ୍ବର ୩୧ ଯାଏ ସୁବିଧା ଉପଲବ୍ଧ**

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଆଧାର କାର୍ଡରେ ଅପଡେଟ୍ ହୋଇଥିବା ଇ-ମେଲ୍ ଆଇଡି ନାହିଁ କିମ୍ବା ପୁରୁଣା ଇ-ମେଲ୍ ଆଇଡି ଏଣିକି ବିନା ଶୁଳ୍କରେ ପରିବର୍ତ୍ତନ କରିହେବ। ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି'କୁ ଅସ୍ଥାୟୀ ଭାବରେ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛି। ୟୁଆଇଡିଏଆଇ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆଧାର ମୋବାଇଲ୍ ଆପ୍ ମାଧ୍ୟମରେ ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି' ଆସନ୍ତା ଜୁଲାଇ ପହିଲାରୁ ଚଳିତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଛାଡ଼ କରାଯାଉଛି। ଏହି ସମୟ ମଧ୍ୟରେ, ବ୍ୟବହାରକାରୀମାନେ କୌଣସି ଶୁଳ୍କ ବିନା ସେମାନଙ୍କର ଆଧାର ଇ-ମେଲ୍ ଆଇଡି ଅପଡେଟ୍ କରିପାରିବେ। ୟୁଆଇଡିଏଆଇର ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଆଧାର ଉପଭୋକ୍ତାଙ୍କୁ ସେମାନଙ୍କର ଆଧାରରେ ସେମାନଙ୍କର ଇ-ମେଲ୍ ଆଇଡି ଯୋଡିବା କିମ୍ବା ଅପଡେଟ୍ କରିବାକୁ ଅନୁମତି ଦେବ।ଆଧାର କାର୍ଡରେ ଇ-ମେଲ୍ ଆଇଡି ଅପଡେଟ୍ ଏବଂ ପରିବର୍ତ୍ତନ କରିବା ସମ୍ପର୍କରେ ସୂଚନା ସିଧାସଳଖ ବ୍ୟବହାରକାରୀଙ୍କ ଇ-ମେଲ ଆକାଉଣ୍ଟକୁ ପଠାଯାଇଥାଏ।

## ମୌସୁମୀ ଋତୁରେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସୁରକ୍ଷାକୁ ଟିପିସିଓଡିଏଲ୍‌ର ପ୍ରାଥମିକତା

ଭୁବନେଶ୍ୱର,୨୩।୬(ଏଜେନ୍ସି): ମୌସୁମୀ ଋତୁରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ହେଉଥିବାରୁ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ମିଳିତ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ), ସମସ୍ତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଏବଂ ବିଦ୍ୟୁତ ସରଞ୍ଜାମ ଗୁଡ଼ିକ ଆଖପାଖରେ ସତର୍କ ଏବଂ ସଜାଗ ରହିବାକୁ ପରାମର୍ଶ ଦେଇଛି। ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଖୁଣ୍ଟ , ଟ୍ରାନ୍ସଫର୍ମର, ଫିଡର ପିଲାର ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ନିକଟରେ ଥିବା ଜଳବନ୍ଦୀ ସ୍ଥାନଗୁଡିକରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଯଦି କେଉଁଠି ବିଦ୍ୟୁତ ତାର ଛିଣ୍ଡି ପଡ଼ିଥାଏ, କଣ୍ଡକ୍ଟର ଭାଙ୍ଗିଯାଇଥାଏ କିମ୍ବା ବିଦ୍ୟୁତ ଭିତିଭୂମି ନଷ୍ଟ ହୋଇଯାଇଥାଏ, ତେବେ ସେଠାରୁ ନିରାପଦ ଦୂରତା ବଜାୟ ରଖିବା ସହିତ ତୁରନ୍ତ ଏ ବିଷୟରେ ଟିପିସିଓଡିଏଲ୍‌କୁ ଖବର ଦିଅନ୍ତୁ। କୌଣସି ପରିସ୍ଥିତିରେ ବି କୌଣସି ବୈଦ୍ୟୁତିକ ଉପକରଣ ବା କେବୁଲ୍‌କୁ ଛୁଇଁବାକୁ କିମ୍ବା ଘୁଞ୍ଚାଇବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସମସ୍ତ ପରିବାର ନିଜ ଘରର ଆର୍ଥିଙ୍ଗ ଠିକ୍ ଅଛି କି ନାହିଁ ତାହା ନିଶ୍ଚିତ କରିବା ଉଚିତ, ଘର ଭିତରର ୱାୟରିଂକୁ ସୁରକ୍ଷିତ ରଖିବା ଉଚିତ ଏବଂ ବଜ୍ରପାତ କିମ୍ବା ପ୍ରବଳ ବର୍ଷା ସମୟରେ ଅନାବଶ୍ୟକ ବୈଦ୍ୟୁତିକ ଉପକରଣଗୁଡ଼ିକର ପ୍ଲଗ୍ ବାହାର କରିଦେବା ଉଚିତ। ଉପଭୋକ୍ତାମାନେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଟିପିସିଓଡିଏଲ୍‌ର ୨୪ ଘଣ୍ଟିଆ ଟୋଲ୍-ଫ୍ରି ହେଲ୍ପଲାଇନ ନମ୍ବର ୧୯୧୨ ମାଧ୍ୟମରେ ତୁରନ୍ତ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ ଆମର ଟିମ୍‌ଗୁଡ଼ିକ ଉପଭୋକ୍ତା ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ଏବଂ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

## ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ରିଲାଏନ୍ସ ଫାଉଣ୍ଡେସନ ଆଥଲେଟ୍

ଭୁବନେଶ୍ୱର,୨୩।୬(ସମିସ): ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ସମର୍ଥିତ ମୋଟ ୫୦ ରୁ ଅଧିକ ଆଥଲେଟ ଚଳିତ ବର୍ଷ ଶେଷ ଭାଗରେ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡାରେ ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ, ଯେତେବେଳେ ସେମାନେ ୨୪ ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମରେ ୬୫ ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ଏହି ଆଥଲେଟମାନଙ୍କ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେସନର ଆଥଲେଟିକ୍ସ ନିର୍ଦ୍ଦେଶକ ଜେମ୍ସ ହିଲିଅର କହିଛନ୍ତି, ଆନ୍ତଃରାଜ୍ୟ ଚାମ୍ପିଅନସିପ୍ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଭାବରେ ପରିଗଣିତ ହୁଏ ଏବଂ ଆମର ଅନେକ ଖେଳାଳି ପୂର୍ବରୁ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିସାରିଛନ୍ତି। ସେହି ଖେଳାଳିମାନେ ଶ୍ରେଷ୍ଠ ଦୁଇ ସ୍ଥାନରେ ରହିବା ଏବଂ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବା ଉପରେ ଧ୍ୟାନ ଦେବେ। ଆମେ କିଛି ବ୍ୟକ୍ତିଗତ ଶ୍ରେଷ୍ଠ ଏବଂ ଏହି କ୍ରୀଡା ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଆଶା କରୁଛୁ କାରଣ ଆମେ ଏପରି ଭାବରେ ତାଲିମ ନେଇଛୁ ଯାହା ଆମର ଅଧିକାଂଶ ଖେଳାଳିଙ୍କୁ ଏହି ପ୍ରତିଯୋଗିତାରେ ଶୀର୍ଷରେ ପହଞ୍ଚିବାକୁ ସକ୍ଷମ କରିବ। ଆମର ଅଭୟ ସିଂହ, ହରିତା ଭଦ୍ରା ଏବଂ ଉନ୍ନାଥୀ ଆୟାପାଙ୍କ ଭଳି କିଛି ଅତ୍ୟନ୍ତ ଉତ୍ସାହଜନକ ଯୁବ ସ୍ପ୍ରିଣ୍ଟର ଅଛନ୍ତି, ଯେଉଁମାନଙ୍କ ପାଖରେ ଏସୀୟ କ୍ରୀଡ଼ା ପାଇଁ ଆଗକୁ ବଢ଼ିବାର ସାମାନ୍ୟ ସମ୍ଭାବନା ଅଛି।



**ଆମେରିକା ହଟାଇଲା ନିଷେଧାଦେଶ**

## ତେଲ ବିକିବାକୁ ଚାହୁଁଛି ଇରାନ୍, କିଣିବ କି ଭାରତ ?

**ଟ୍ରମ୍ପଙ୍କୁ କରିପାରୁନାହାନ୍ତି ଭରସା**



ନୂଆଦିଲ୍ଲୀ,୨୩।୬(ଏଜେନ୍ସି):

ଚୁକ୍ତି ଅନୁଯାୟୀ, ଆମେରିକା ପକ୍ଷରୁ ୬୦ ଦିନର ପ୍ରତିବନ୍ଧକ କୋହଳ କରାଯିବା ପରେ ଇରାନ ଏବେ ତେଲ ବିକିବାକୁ ତରବର ହେଉଛି। ଇରାନ୍‌ର ନଜରରେ ବର୍ତ୍ତମାନ ଏସିଆର ଗ୍ରାହକମାନଙ୍କ ଉପରେ। ଭାରତ ମଧ୍ୟ ଇରାନ୍ ତେଲକୁ ଚାହିଁବସିଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଘୋଷଣା ପୂର୍ବରୁ ହିଁ ଇରାନର ବିକ୍ରେତା, ମଧ୍ୟସ୍ଥି ଏବଂ 'ନ୍ୟାସନାଲ ଇରାନୀ ଅଏଲ କମ୍ପାନୀ'ର ପ୍ରତିନିଧିମାନେ ଭାରତ, ଜାପାନ, ଦକ୍ଷିଣ କୋରିଆ ଭଳି ଏସୀୟ ଦେଶର ରିଫାଇନାରୀଗୁଡ଼ିକ ସହ ଯୋଗାଯୋଗ ଆରମ୍ଭ କରିଦେଇଥିଲେ। ଏସିଆର ବଡ଼ ବଡ଼ ତୈଳ ଗ୍ରାହକଙ୍କ ସହ ପୁଣିଥରେ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା ଚଳାଇଛି। ଏହି ଦୌଡ଼ରେ ଭାରତ ମଧ୍ୟ ସାମିଲ ଅଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ହେଲେ ଇରାନ୍ ତେଲ ବିକିବାକୁ ଚାହୁଁଥିବାବେଳେ ଇରାନ୍ ତେଲ ଭାରତ କିଣିବ କି ନାହିଁ ତାହା ଏବେ ବଡ଼ ଚର୍ଚ୍ଚାର ବିଷୟ। କାରଣ ଖାଲି ଭାରତ କାହିଁକି ଏସୀୟ ଦେଶଗୁଡିକୁ ଆମେରିକା ଆଉ ଇରାନ୍ ଉପରେ ପୁନର୍ବାର କଠୋର ପ୍ରତିବନ୍ଧକ ଭୟ ଘାରିବାରେ ଲାଗିଛି।

ଇରାନର ଏହି ବ୍ୟାକୁଳତା ପଛର ମୁଖ୍ୟ କାରଣ ହେଉଛି, ସମୁଦ୍ରରେ ଭାସୁଥିବା ତା'ର ବିପୁଳ ପରିମାଣର ଅଶୋଧିତ ତୈଳ। ଆନାଲିଟିକ୍ସ ସଂସ୍ଥା ଭୋର୍ଟେକ୍ସାର ସୂଚନା ଅନୁଯାୟୀ, ଜୁନ୍ ୨୨ ସୁଦ୍ଧା ସମୁଦ୍ରରେ ଥିବା ଟ୍ୟାଙ୍କରଗୁଡ଼ିକରେ ପ୍ରାୟ ୬.୮ କୋଟି ବ୍ୟାରେଲ୍ ଇରାନୀ ତେଲ ମହଜୁଦ ରହିଛି। ଏହି ମୋଟ ତେଲର ପ୍ରାୟ ୮୦%ରୁ ଅଧିକ ଅଂଶର କୌଣସି ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳ ସ୍ଥିର ହୋଇନାହିଁ। ଏହି ତୈଳ ଗ୍ରାହକମାନଙ୍କ ପାଇଁ ତୁରନ୍ତ ଉପଲବ୍ଧ ହୋଇପାରିବ। ଅନେକ ତୈଳବାହୀ ଜାହାଜ ଏସିଆ ଆଞ୍ଚଳିକ ଜଳସୀମାରେ ଥିବାରୁ, ଭାରତ ଚାହିଁଲେ ଖୁବ୍ କମ୍ ସମୟ ମଧ୍ୟରେ ଏହି ତେଲ ଆମଦାନୀ କରିପାରିବ। ବର୍ଷ ବର୍ଷ ଧରି ଭାରତ, ଇରାନର ସବୁଠାରୁ ବଡ଼ ତୈଳ କ୍ରେତାମାନଙ୍କ ମଧ୍ୟରୁ ଏକ ପ୍ରମୁଖ ଦେଶ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆମେରିକାର କଠୋର ପ୍ରତିବନ୍ଧକ ଯୋଗୁଁ ଭାରତୀୟ ରିଫାଇନରୀଗୁଡ଼ିକ ଇରାନ ଠାରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଯଦିଓ ବର୍ତ୍ତମାନ ଆମେରିକା ତରଫରୁ ସାମୟିକ କୋହଳ ମିଳିଛି, ତଥାପି ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏଥିପାଇଁ ବିଶେଷ ଆଗ୍ରହ ଦେଖାଉ ନାହାନ୍ତି। ହର୍ମୁଜ ପ୍ରଣାଳୀ ରେ ଗତ କିଛି ମାସ ଧରି ଲାଗି ରହିଥିବା ଅନିଶ୍ଚିତତା ଯୋଗୁଁ ଅଧିକାଂଶ ଏସୀୟ ଦେଶ ବିକଳ୍ପ ବ୍ୟବସ୍ଥା କରିସାରିଛନ୍ତି। ଭାରତୀୟ ରିଫାଇନରୀଗୁଡ଼ିକ ମଧ୍ୟ ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ନିଜର ଆବଶ୍ୟକୀୟ ତୈଳ ଚାହିଦା ଅନ୍ୟ ବିକଳ୍ପ ମାଧ୍ୟମରେ ପୂରଣ କରିସାରିଛନ୍ତି। ତେଣୁ ବର୍ତ୍ତମାନ ସେମାନଙ୍କର ତୁରନ୍ତ ଇରାନ ତେଲର କୌଣସି ଆବଶ୍ୟକତା ନାହିଁ।

ଅନ୍ୟପଟେ ଏସିଆର ଦେଶଗୁଡ଼ିକ ଇରାନ ଠାରୁ ତେଲ କିଣିବା ପୂର୍ବରୁ ଅନେକ ଦିଗ ପ୍ରତି ସତର୍କତା ଅବଲମ୍ବନ କରୁଛନ୍ତି । ଆମେରିକାର ଇରାନ ପ୍ରତି ଥିବା ବୈଦେଶିକ ନୀତି ବାରମ୍ବାର ବଦଳୁଛି। ଏହି ୬୦ ଦିନର ରିହାତି ପରେ ପୁଣି କଠୋର ପ୍ରତିବନ୍ଧକ ଲାଗିବାର ଭୟ ରହିଛି। ତେଣୁ କୌଣସି ଦେଶ ଦୀର୍ଘକାଳୀନ ଚୁକ୍ତି କରିବାକୁ ଚାହୁଁନାହାନ୍ତି। ଆମେରିକା ପ୍ରତିବନ୍ଧକ କୋହଳ କରିଥିଲେ ମଧ୍ୟ ବ୍ରିଟେନ ଏବଂ ୟୁରୋପୀୟ ୟୁନିଅନର ପ୍ରତିବନ୍ଧକ ଏବେ ବି ବଳବତ୍ତର ରହିଛି। ଏହାଦ୍ୱାରା ତୈଳ ପରିବହନ ପାଇଁ ଆବଶ୍ୟକ ହେଉଥିବା ବୀମା ଏବଂ ବ୍ୟାଙ୍କିଙ୍ଗ୍ କାରବାର କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି ହେଉଛି। ପ୍ରତିବନ୍ଧକ ସମୟରେ ଇରାନୀ ତେଲ ପରିବହନ କରୁଥିବା ଗୁପ୍ତ ଜାହାଜଗୁଡ଼ିକୁ ନିଜ ବନ୍ଦରରେ ପ୍ରବେଶ ଅନୁମତି ଦେବା ପାଇଁ ଅନେକ ଅନ୍ତର୍ଜାତୀୟ ବନ୍ଦର ଅନିଚ୍ଛା ପ୍ରକାଶ କରୁଛନ୍ତି। ଇରାନକୁ ନେଇ ଆମେରିକା ବାରମ୍ବାର ନିଜ ନୀତିରେ ପରିବର୍ତ୍ତନ କରୁଥିବାରୁ ଭାରତ ଭଳି ଦେଶ ଏବେ ଇରାନ ତେଲ କିଣିବାକୁ ଇଚ୍ଛା ପ୍ରକାଶ କରୁନଥିବା ରିପୋର୍ଟରୁ ଜଣାପଡ଼ିଛି ।



ମଣ୍ଡିରେ ଧାନ ପଡ଼ିଥିବାବେଳେ କୀଟନାଶକ ପିଇ ଜୀବନ ହାରିଥିବା କୋମନା ବ୍ଲକ ଜଡ଼ାମୁଣ୍ଡା ଗ୍ରାମର ଚାଷୀ ନେପାଳ ମାଝୀଙ୍କ ସମ୍ପର୍କୀୟ



କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଶବ ରଖି ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ଡହଗାଁ ମଣ୍ଡିରେ ଅବ୍ୟବସ୍ଥା
# ଟଙ୍କା ଦେଲେ ଶୀଘ୍ର ଉଠୁଛି ଧାନ

କୋକସରା,୨୩।୬(ସମିସ)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡହଗାଁ ଧାନ ମଣ୍ଡିରୁ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ମଣ୍ଡିରେ ଧାନ ବିକ୍ରି ପାଇଁ ଆସିଥିବା ଜଣେ ଚାଷୀଙ୍କ କହିବା ପ୍ରକାରେ, ଯିଏ ପକେଟ ଗରମ ବା ଟଙ୍କା ଦେଉଛି, ତାଙ୍କ ଧାନ ଆଗ ଉଠାଣ କରାଯାଉଛି। ଅନ୍ୟପଟେ, ଗତକାଲିର ମୌସୁମୀ ବର୍ଷାରେ ଖୋଲା ଆକାଶ ତଳେ ପଡ଼ିରହିଥିବା ହଜାର ହଜାର କ୍ୱିଣ୍ଟାଲ ଧାନ ଭିଜିଯାଇଛି। ମଣ୍ଡିରେ ପର୍ଯ୍ୟାପ୍ତ ତାରପୋଲିନ ବ୍ୟବସ୍ଥା ନଥିବାରୁ ଧାନ ଗଜା ହେବା ସହ ଏହାର ଗୁଣବତ୍ତା ନଷ୍ଟ ହେବାର ଆଶଙ୍କା ପ୍ରକାଶ କରି ଚାଷୀକୂଳ ଏବେ ଚିନ୍ତାରେ।



ସୂଚନା ଅନୁସାରେ, ଡହଗାଁ ପାକ୍ସ ଅଧୀନରେ ମୋଟ ୧୯ ଶହ ଚାଷୀ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୮୬ ଚାଷୀଙ୍କ ଠାରୁ ୪୭ ହଜାର ୧ ଶହ ୬ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ମାତ୍ର ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ଯୋଗୁ ଚାଷୀଙ୍କ ପ୍ରାୟ ୨୦ ହଜାର କ୍ୱିଣ୍ଟାଲ ଧାନ ଏବେ ମଧ୍ୟ ଖୋଲା ଆକାଶ ତଳେ ପଡ଼ି ରହିଛି। ଚାଷୀମାନେ ନିଜ ଟୋକନ ଅନୁଯାୟୀ ସପ୍ତାହ ସପ୍ତାହ ଧରି ମଣ୍ଡିରେ ଧାନ ଆଣି ଜଗି ରହିଥିଲେ ମଧ୍ୟ ସେମାନଙ୍କ ଦୁଃଖ ଶୁଣିବାକୁ କେହି ନାହିଁ। ଜିଲ୍ଲା ବାହାରର ମିଲର୍ସ ଏଠାରେ ଟ୍ୟାଗ୍ ହୋଇଥିବାରୁ ଗାଡ଼ି ଆସିବାରେ ବ୍ୟାପକ ବିଳମ୍ବ ହେଉଛି, ଯାହାଫଳରେ ଠିକ୍ ସମୟରେ ଧାନ ଉଠିପାରୁ ନାହିଁ। ସପ୍ତାହ ସପ୍ତାହ ଧରି ଖରା, ବର୍ଷାରେ ଦୌଡ଼ି ଦୌଡ଼ି ହତାଶ ହୋଇପଡ଼ିଥିବା ଚାଷୀଙ୍କ ମଧ୍ୟରେ ଏବେ ଅସନ୍ତୋଷ ଲାଗି ରହିଛି।

### ମଣ୍ଡିରେ ପଡ଼ିଛି ୨୦ ହଜାର କ୍ୱିଣ୍ଟାଲ ଧାନ

ଅନ୍ୟପଟେ, ଟଙ୍କା ଦେଲେ ଶୀଘ୍ର ଧାନ ଉଠାଣ ହେଉଥିବା କଥାକୁ ଡହଗାଁ ପାକ୍ସ ସମ୍ପାଦକ କ୍ଷମାନିଧି ବାଗ ଖଣ୍ଡନ କରିଛନ୍ତି। ଜିଲ୍ଲା ବାହାରର ମିଲର୍ସ ଯୋଗୁଁ ହିଁ ଗାଡ଼ି ଆସିବାରେ ବିଳମ୍ବ ହେଉଛି ଏବଂ ସମସ୍ତ ଚାଷୀଙ୍କ ଧାନ ସୁରକ୍ଷିତ ଭାବେ ଉଠାଣ କରାଯିବ ବୋଲି ସେ ସଫେଇ ଦେଇଛନ୍ତି।

## ● ଏସ୍ଆଇଆର୍ କାର୍ଯ୍ୟରେ ଅବହେଳା ୬ ବିଏଲ୍ଓଙ୍କ ଦରମା ବନ୍ଦ ନିର୍ଦ୍ଦେଶ

କେସିଙ୍ଗା,୨୩।୬(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ଏସ୍ଆଇଆର୍ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୬ ଜଣ ବିଏଲଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଦରମା ବନ୍ଦ ପାଇଁ କେସିଙ୍ଗା ବିଡିଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ୬ ଜଣ ଶିକ୍ଷକଙ୍କ ଦରମା ଆଗାମୀ ଆଦେଶ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ବିଡିଓଙ୍କ ନିର୍ଦ୍ଦେଶ ଆସିଛି। ତାହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସେମିତି ଦୁଇଦିନ ତଳେ ଏସ୍ଆଇଆର କାର୍ଯ୍ୟରେ ଅବହେଳା ଯୋଗୁଁ ନର୍ଲା ବ୍ଲକ ଅନ୍ତର୍ଗତ ବାଲସିଙ୍ଗା ଗ୍ରାମ ପଞ୍ଚାୟତ ବୋରିଙ୍ଗପଦର ବିଦ୍ୟାଳୟର ସହକାରୀ ଶିକ୍ଷକ ମଧୁସୂଦନ ବେହେରାଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଥିଲେ।

### ମାନବିକତା ଦେଖାଇଲା 'ବିନ୍ଦୁମିନା ସେବା ଫାଉଣ୍ଡେସନ'
## ବୁର୍ଲାରୁ ଜନ୍ମମାଟିକୁ ଆଣିଲା ମୃତଦେହ

ଗୋଲାମୁଣ୍ଡା,୨୩।୬(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟିଙ୍ଗିପଦର ଗାଁର ପୁରୁଷୋତ୍ତମ ମଲ୍ଲିକଙ୍କ ମୃତ୍ୟୁ ପରେ ଅର୍ଥ ଅଭାବରୁ ବୁର୍ଲା ମେଡିକାଲରୁ ଶବ ଗାଁକୁ ଆସିପାରୁନଥିଲା। 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ସହାୟତାରେ ଶେଷରେ ମରଶରୀର ନିଜ ଗାଁ ମାଟିକୁ ଫେରିଛି। ସୂଚନା ଅନୁଯାୟୀ, ପୁରୁଷୋତ୍ତମଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଧର୍ମଗଡ଼ ହସ୍ପିଟାଲ ପରେ ଭବାନୀପାଟଣା ଓ ଶେଷରେ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା। ଅର୍ଥ ଅଭାବରୁ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ତଥା ଘର ମୁଖ୍ୟଙ୍କ ମରଶରୀରକୁ ନିଜ ଗାଁକୁ ଆଣିବା ପରିବାର ପକ୍ଷେ ଅସମ୍ଭବ ଥିଲା। ସମାଜସେବୀ ପୁରୁଷୋତ୍ତମ ମାଝୀ, ଜଗୁଜୀବନ ସେଠିଆ ଏବଂ ସ୍ଥାନୀୟ ଗ୍ରାମବାସୀ ସହାୟତା ପାଇଁ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଯୋଗାଯୋଗ କରିଥିଲେ। ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ଗାଡ଼ିର ବ୍ୟବସ୍ଥା କରାଯାଇ ଶବକୁ ବୁର୍ଲାରୁ ଟିଙ୍ଗିପଦର ଗାଁକୁ ଅଣାଯାଇଥିଲା।

## ବିସିଜେଡି ପକ୍ଷରୁ ସହାୟତା ଡେସ୍କ ସ୍ଥାପନ




ଖଡ଼ିଆଳ,୨୩।୬(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜୁ ଯୁବ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ସ୍ୱୟଂଶାସିତ କଲେଜ ସମ୍ମୁଖରେ ସହାୟତା ଡେସ୍କ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ କଲେଜ ଯୁକ୍ତ ତିନି (+୩) ଶ୍ରେଣୀର ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟକୁ ଆସୁଥିବା ନୂତନ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ସହଯୋଗ କରିବାକୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କଲେଜ ସମ୍ମୁଖରେ ଏକ ସହାୟତା ଡେସ୍କ ପ୍ରତିଷ୍ଠା କରାଯାଇଛି। ଆସନ୍ତା ୨୪ରୁ ଏହି ସେବାକୁ ଅଧିକ କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ନିଷ୍ପତ୍ତି ଦିଆଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ଯୁବ ସଭାପତି ମନୋଜ ଦୀପ, ଜିଲ୍ଲା ଛାତ୍ର ସଭାପତି ସୁବେର ସିଂ ଦେଓ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଯୋଗ ଦେଇଥିଲେ।

**ଭବାନୀପାଟଣା:** ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟାକୁ ସରଳ ଓ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ସମ୍ମୁଖରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ନୂତନ ଶିକ୍ଷା ବର୍ଷ ପାଇଁ +୩ ନାମଲେଖା ଛାତ୍ର ଛାତ୍ରୀଙ୍କୁ ସହଯୋଗ କରିବା ନିମନ୍ତେ ଏକ ସହାୟତା କେନ୍ଦ୍ର ଆରମ୍ଭ କରାଯାଇଛି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ଆଗାମୀ ୨୫ ଜୁନ ପର୍ଯ୍ୟନ୍ତ ଚାଲିବ ବୋଲି ଯୁବ ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନୀନ୍ଦ୍ର ନାଏକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଯୁବ ନେତା ଶିବା ସାହୁ, ଛାତ୍ର ନେତା ପ୍ରବୀଣ କୁମାର, ମାନସ ସିନ୍ଦୁର, ଭୋଳାନାଥ ନାଗ, ବିଭୁତି ମଲ୍ଲିକ, ସିଦ୍ଧାର୍ଥ ନାଏକ, ରବି ଚନ୍ଦ୍ର ନାଏକ, ଆକାଶ ପଟ୍ଟନାୟକ, ଯୁବ ନେତା ଅମିତ ଯାଦବ, ନବୀନ ନାୟକ, ଶୁଭମ ପ୍ରଧାନ, ଶ୍ରୀଚନ୍ଦନ ନାଏକ, ନିମସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




## ଶିଶୁ ଶ୍ରମିକ ନିରୋଧ ଆଲୋଚନାଚକ୍ର ଓ ଶୋଭାଯାତ୍ରା




କୋମନା,୨୩।୬(ସମିସ): କୋମନା ବ୍ଲକ ଶୁକ୍ଲିମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ଆନୁକୂଲ୍ୟରେ ଶିଶୁ ଶ୍ରମିକ ନିଷେଧ ଓ ସଚେତନତା ସମ୍ପର୍କିତ ଏକ ସ୍ୱେଚ୍ଛାସେବୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସରକାରୀ କର୍ମଚାରୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ନଭନୀତା ଦାସ ଯୋଗଦେଇ ଶିଶୁମାନଙ୍କୁ ଘରେ କିମ୍ବା ବାହାରେ କୌଣସି ପ୍ରକାର ଶ୍ରମରେ ନ ଲଗାଇବାକୁ ଅଭିଭାବକମାନଙ୍କୁ ସଚେତନ କରିଥିଲେ।

ଏହାସହ ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପ୍ରବାସୀ ଶ୍ରମିକମାନଙ୍କ ଆଇନଗତ ସୁରକ୍ଷା ପାଇଁ ପ୍ରାଧିକରଣ ତରଫରୁ ଉପଲବ୍ଧ ଥିବା ନିଶୁଳ୍କ ସହଯୋଗ ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ସେହିପରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ନୂଆପଡାର ରବିନ୍ଦ୍ର କୁମାର ବରାଳ ୬ ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଶିଶୁ ଶ୍ରମିକ ଭାବେ କାମରେ ନ ଲଗାଇ ବିଦ୍ୟାଳୟକୁ ପଠାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ଶବର ଓ ମଞ୍ଜୁଲତା ମାଝୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ସଚେତନତା ସଭାରେ ଠିକପାଲି ସିଆରସିସି ଦିଲୀପ ଶବର, ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ସୁନା, ପିଇଓ ପ୍ରଦୀପ ବାଗ, ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବୃନ୍ଦ, ଏମବିକେ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସିଆରପି, ସ୍ୱାସ୍ଥ୍ୟମିତ୍ର, ଶିକ୍ଷାମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସ୍ଥାନୀୟ ମାତା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏକ ''ପ୍ଲାଷ୍ଟିକ ମୁକ୍ତ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ଏହାପରେ ସମସ୍ତେ ଶିଶୁ ଶ୍ରମିକ ବିରୋଧୀ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ।

## ଦୁର୍ଘଟଣାରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟଣା | ମାଲିକ ଘର ଆଗରେ ଶବ ରଖି କ୍ଷତିପୂରଣ ଦାବି

ଲାଞ୍ଜିଗଡ଼,୨୩।୬(ସମିସ): ମୁନିଗୁଡ଼ା ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚାଳକ ଜିଲୁ ମାଝୀଙ୍କ ଶବକୁ ପରିବାର ଓ ଗ୍ରାମବାସୀ ଟ୍ରାକ୍ଟର ମାଲିକଙ୍କ ଘର ସମ୍ମୁଖରେ ରଖି କ୍ଷତିପୂରଣ ଦାବିରେ ଧାରଣା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସୋମବାର ଜିଲୁ ଟ୍ରାକ୍ଟର ନେଇ କାମ ସାରି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇବାରୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିଶ୍ୱନାଥପୁର ପୁଲିସ ଟ୍ରାକ୍ଟର ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର ହୋଇଥିଲା। ଜିଲୁଙ୍କ ମୃତ୍ୟୁ ପରେ ୫ ଝିଅ ଓ ଗୋଟେ ପୁଅଙ୍କୁ ନେଇ ତାଙ୍କ ପରିବାର ଅସହାୟ ହୋଇପଡ଼ିଥିବାରୁ ଗ୍ରାମବାସୀ ଓ ପରିବାର ଲୋକେ ମିଶି ଟ୍ରାକ୍ଟର ମାଲିକଙ୍କ ଘର ଆଗରେ ଶବ ରଖି ଧାରଣା ଦେଇଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ଟ୍ରାକ୍ଟର ମାଲିକ ୨ ଲକ୍ଷ ଟଙ୍କା ସହାୟତା ଦେବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଖଡ଼ିଆଳ,୨୩।୬(ସମିସ): ଖଡ଼ିଆଳ ଶ୍ରୀଜି ମଣ୍ଡପଠାରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜନନାୟକ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିରୋଧାନ ତଥା ବଳିଦାନ ଦିବସ ପାଳିତ ହୋଇ ଯାଇଛି। ଏହି ମହାନ ମନୀଷୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଜ୍ଞାନ ରଂଜନ ମେଘଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲମ୍ବୋଦର ନିଆଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ତ୍ୟାଗପୂତ ଜୀବନୀ ଏବଂ ରାଷ୍ଟ୍ର ଗଠନରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ରାଜା ସାହେବ ଦେବ ଦେବ ସିଂହଦେଓ, ମନୋଜ କୁମାର ପଟ୍ଟନାୟକ, ପୃଥୀରାଜ ମହାନ୍ତି ଏବଂ ମଣ୍ଡଳ ସଭାପତି ସୁଶାନ୍ତ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ରାଲି

ଭବାନୀପାଟଣା,୨୩।୬(ସମିସ): ଭବାନୀପାଟଣାରେ ''ନିଶା ମୁକ୍ତ ଭାରତ ଅଭିଯାନ' ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏହି ବର୍ଷର ଥିମ୍ 'ନିଶା ମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତ କି ପହେଚାନ' ରହିଛି। ଏହି ପରିପେକ୍ଷିରେ ଆଜି ଭବାନୀପାଟଣାରେ ''ନିଶା ମୁକ୍ତ ଭାରତ' ସଚେତନତା ରାଲି ଆୟୋଜିତ ହୋଇଥିଲା। ରାଲିକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଓ ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ ରଞ୍ଜନ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ମାଦକ ବିରୋଧୀ ସନ୍ଦେଶ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, କଳାହାଣ୍ଡି ଦିନେଶ କୁମାର କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ

ଭବାନୀପାଟଣା,୨୩।୬(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପୁରୁଷ ୟୁନିଟ-୧,୨ ଓ ମହିଳା ୟୁନିଟ-୩ ଆନୁକୂଲ୍ୟରେ କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କ ଆହ୍ୱାନକ୍ରମେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡକ୍ଟର ନିବେଦିତା ନାଥ, ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ, ଏନ୍‌ସିସି (ନାଭାଲ ୱିଙ୍ଗ) ର ସବ୍‌ଲେଫ୍ଟନାଣ୍ଟ ଡକ୍ଟର ନଳିନୀକାନ୍ତ ରଣା, (ଏୟାର ୱିଙ୍ଗ) ର ଫ୍ଲାଇଙ୍ଗ ଅଫିସର ସୁଚିତ ମଣ୍ଡଳୀ, ଏନ୍‌ସିସି କାର୍ଯ୍ୟକ୍ରମ ସଂଯୋଜକ ଜୟନ୍ତ କୁମାର ଦଣ୍ଡସେନା, ପ୍ରୋଗ୍ରାମ୍ ଅଫିସର ଡକ୍ଟର ଆବର୍ତ୍ତ ହରିଜନ ପ୍ରମୁଖ ଯୋଗଦାନ କରିଥିଲେ। ଯୋଗ ଗୁରୁ ଆକାଶ ମହାପାତ୍ର ଓ ମମତା ମିଶ୍ର ଉପସ୍ଥିତ ରହି ଆସନ, ପ୍ରାଣାୟାମ ଶିକ୍ଷା ଦେଇଥିଲେ।

## ରାକ୍ସି ଗୌନ୍ତିଆଙ୍କ ଏକାଦଶାହରେ ସ୍ମୃତିସଭା

ଭବାନୀପାଟଣା,୨୩।୬(ସମିସ): ଯାଦବ ସମାଜର ନେତୃସ୍ଥାନୀୟ ବ୍ୟକ୍ତି, ପୂର୍ବତନ ଆଞ୍ଚଳିକ ସଭାପତି ତଥା ରାକ୍ସି ଗୌନ୍ତିଆ ରାଜେନ୍ଦ୍ର ପ୍ରସାଦ ଭୋଇଙ୍କ ଏକାଦଶାହ ଅବସରରେ ମଙ୍ଗଳବାର ନର୍ଲା ବ୍ଲକ ଯାଦବ ସମିତି ପକ୍ଷରୁ ତାଙ୍କ ରାକ୍ସି ସ୍ଥିତ ବାସଭବନରେ ବରିଷ୍ଠ ଯାଦବ ନେତା ଗିରିଧାରୀ ଗଉଡ଼ଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ମଧୁସୂଦନ ରାଉତ ସଭା ପରିଚାଳନା କରିଥିଲେ।



ସଭାରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, ପୂର୍ବତନ ନର୍ଲା ବିଧାୟକ ଭୂପିନ୍ଦର ସିଂ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ତ୍ରିପୁରା ନାୟକ, ଜିଲ୍ଲା ଉପସଭାପତି ଯୁଧିଷ୍ଠିର ଗଉଡ, ଜିଲ୍ଲା ଯାଦବ ମହାସଭାର ଆଇନ ପରାମର୍ଶଦାତା ଡ଼ଃ ସଞ୍ଜୟ ଧଙ୍ଗଡାମାଝୀ, ଜିଲ୍ଲା ଯାଦବ ମହାସଭାର ମୁଖ୍ୟ ଉପଦେଷ୍ଟା ନଳିନୀ ରଞ୍ଜନ ରାଉତ, କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ପୀତବାସ ବେହେରା, ନର୍ଲା ବ୍ଲକ ଉପସଭାପତି ମାର୍କଣ୍ଡ ଜାଲ, କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, ପୂର୍ବତନ ବ୍ଲକ ସଭାପତି ହୃଷୀକେଶ ଭୋଇଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସ୍ୱର୍ଗତ ଗୌନ୍ତିଆଙ୍କ ପୁଅ ଜନକ ଓ କମଳାକାନ୍ତ, ବୋହୂ ଜାହ୍ନବୀ ଓ ଲତା, ଝିଅ ସଞ୍ଜୁ ଓ ସନ୍ଧ୍ୟା, ନାତି ନାତୁଣୀ ଉପସ୍ଥିତ ଥିଲେ।


## ମଝି ରାସ୍ତାରେ ଓଲଟିଲା ପିକଅପ୍

ଥୁଆମୂଳ ରାମପୁର,୨୩।୬(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରକୁ ଜିଲ୍ଲା ସଦର ମହକୁମା ଭବାନୀପାଟଣା ସହ ସଂଯୋଗ କରୁଥିବା ମୁଖ୍ୟ ସଡ଼କରେ ଏକ ପିକଅପ୍ ଭ୍ୟାନ୍ ଓଲଟି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, କର୍ଲାପାଟ ଥାନା ଅନ୍ତର୍ଗତ ପୁରୁଣାଗୁମା ନିକଟରେ ଏକ ପିକ୍‌ଅପ୍ (ଏମ୍‌ଏଚ୍‌୪୦ବିଏଲ୍-୦୪୦୮) ହଠାତ୍ ମଝି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଭବାନୀପାଟଣା ଏବଂ ଥୁଆମୂଳ ରାମପୁର ଉଭୟ ଦିଗରୁ ଯାତାୟାତ କରୁଥିବା ଗାଡ଼ିମୋଟରର ଚଳାଚଳ ପ୍ରଭାବିତ ହୋଇଥିଲା। ପିକ୍‌ଅପ୍‌ଟି ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲା। ଗାଡ଼ିରେ ସଡ଼କ ଉପରେ ରଙ୍ଗ ଚିହ୍ନ ଅଙ୍କନ ପାଇଁ ବ୍ୟବହୃତ ଏକ ମେସିନ ରହିଥିଲା। ସୌଭାଗ୍ୟବଶତଃ ଗାଡ଼ି ଚାଳକ ସୁରକ୍ଷିତ ଅଛନ୍ତି।



## ସୁନ୍ଦର ନଦୀରେ ବିରଳ ପ୍ରଜାତିର ସାପ

ଖଡ଼ିଆଳ,୨୩।୬(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମଠାରେ ପ୍ରବାହିତ ସୁନ୍ଦର ନଦୀର ପାଣିରେ ଏକ ବିରଳ ପ୍ରଜାତିର ସାପ ଭାସୁଥିବା ଗାଧୋଉ ଥିବାବେଳେ କେତେକ ଲୋକେ ଦେଖି ଭୟଭୀତ ହୋଇପଡ଼ିଥିଲେ। ଜଣେ ବ୍ୟକ୍ତି ଫଟୋ ଉତ୍ତୋଳନ କରି ଅନ୍ୟ ଲୋକଙ୍କୁ ଦେଖାଇବା ପରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସାପଟିର ଲମ୍ବର ୭ ଫୁଟରୁ ଅଧିକ ବୋଲି ଚର୍ଚ୍ଚା ହେଉଥିବାବେଳେ ରଙ୍ଗ କଳା ଓ ହଳଦିଆ ପଟା ପଟା ରହିଛି। ବହୁ ଦ୍ରୁତ ଗତିରେ ଏହି ସାପଟି ପାଣିରେ ବିଚରଣ କରୁଥିବାରୁ ଲୋକେ ଭୟରେ ଗାଧୋଇବା ଓ ମାଛ ଧରିବାକୁ ପାଣିକୁ ପଶୁନାହାନ୍ତି। ବନବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଲଡୁଗାଁ କେନାଲ ରାସ୍ତାରେ ଦୁର୍ଘଟଣା; ଜଣେ ମୃତ, ୩ ଗୁରୁତର

କୋକସରା,୨୩।୬(ସମିସ): କୋକସରା ବ୍ଲକ ଲଡୁଗାଁ-ଉଛୁଲା କେନାଲ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ସହ ଥିବା ଅନ୍ୟ ଜଣଙ୍କ ଅବସ୍ଥା ମଧ୍ୟ ସଂକଟାପନ୍ନ ରହିଛି। ତାଙ୍କର ବି ପରିଚୟ ମିଳିନାହିଁ। ଅନ୍ୟ ବାଇକରେ ଥିବା ଦୁଇ ଗୁରୁତର ହେଲେ ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ତେନ୍ତୁଳିପଡ଼ାର କ୍ଷିତିରାମ ପୋଟା ଓ ମିତ୍ରଭାନୁ ମାଝୀ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ନଆସିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତକ ଓ ଆହତଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ପୁଲିସକୁ ସୂଚନା ଦେଇଥିଲେ। ତେବେ ୩ ଜଣ ଗୁରୁତରଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ମିଳିଲାନି ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ସାଜିଲା ସାହା

## କେସିଙ୍ଗା ଏନ୍ଏସି
# ୬୦ ବର୍ଷ ପରେ ସହମତିରେ ହଟିଲା ଜବରଦଖଲ

କେସିଙ୍ଗା,୨୩।୬(ସମିସ)

ଦୀର୍ଘ ୬୦ବର୍ଷ ପରେ କେସିଙ୍ଗା ଏନ୍ଏସି ୱାର୍ଡ ନଂ.୧ ଓ ୨ (ବଗାଡ)ରେ ରାସ୍ତା ପ୍ରଶସ୍ତିକରଣ ପାଇଁ ମଙ୍ଗଳବାରଠାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ରାସ୍ତା ସଂକୀର୍ଣ୍ଣ ଯୋଗୁ ୱାର୍ଡବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉଚ୍ଛେଦ ପାଇଁ ପ୍ରଶାସନ ଉଦ୍ୟମ କରୁଥିଲେ ମଧ୍ୟ କୋ÷ଣସି ନା କୋ÷ଣସି କାରଣରୁ ଅଟକି ରହୁଥିଲା। ବର୍ତ୍ତମାନର ନଗରପାଳ ନୃପରାଜ ଯାଦବଙ୍କ ଉଦ୍ୟମରେ ୱାର୍ଡ କାଉନସିଲର ଓ ୱାଡ଼ବାସୀଙ୍କ ପ୍ରଚେଷ୍ଟାରେ ତହସିଲଦାରଙ୍କ ସହଯୋଗ କ୍ରମେ ବର୍ଷେ ଆଗରୁ ଡିମାର୍କେସନ ସରିଥିଲେ ମଧ୍ୟ କେହି ଘର ଭାଙ୍ଗି ନ ଥିଲେ। ହେଲେ ନୋଟିସ୍‌କୁ ଅପେକ୍ଷା ନ କରି ନିଜେ ନଗରପାଳ ନୃପରାଜ ଯାଦବ ଏବଂ ପ୍ରେମ ବନଛୋର ଘରଭଙ୍ଗା ନୋଟିସ୍‌କୁ ଅପେକ୍ଷା ନ କରି ଚିହ୍ନଟ ଅନୁଯାୟୀ ନିଜ ନିଜ ଘର ଭାଙ୍ଗି ୱାର୍ଡରେ ଉଦାହରଣ ସୃଷ୍ଟି କରିଥିଲେ। ପରେ ନୋଟିସ ମିଳିବା ପରେ ସମସ୍ତ ୱାର୍ଡବାସୀ ନିଜେ ନିଜ ସହମତିରେ ଜବର ଦଖଲ ଉଚ୍ଛେଦ କରି ଇତିହାସ ସୃଷ୍ଟି କରିଛନ୍ତି। ମଙ୍ଗଳବାର ଦିନ ସରକାରୀ ବୋଲଡୋଜର ସହ ନଗରପାଳ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ନିର୍ବାହୀ ଯନ୍ତ୍ରୀ ନାରାୟଣ ମହାରଣାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦରେ ସହଯୋଗ କରିଥିଲେ। କେସିଙ୍ଗା ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ।



## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

ମ.ରାମପୁର,୨୩।୬(ସମିସ): କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା: ଓଡିଶା ସାରା କାର୍ଯ୍ୟକ୍ରମ ମ.ରାମପୁର ପଞ୍ଚାୟତ ତରଫରୁ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ପଞ୍ଚାୟତ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବୀଣାପାଣି ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ଦେଢ଼ଗୁଳି ସମିତିସଭ୍ୟ ଯଜ୍ଞସେନ ପଣ୍ଡା, ମ.ରାମପୁର ସମିତିସଭ୍ୟା ପ୍ରତିମା ମାଝୀ, ପିଇଓ ହେମାନନ୍ଦ ନାୟକ ଯୋଗ ଦେଇଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ। ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରା ଯାଇଥିଲା। କାର୍ଯ୍ୟକ୍ରମରେ ମ.ରାମପୁର ପଞ୍ଚାୟତର ସମସ୍ତ ଗ୍ରାମରୁ ଜନ ପ୍ରତିନିଧି, ଜନସାଧାରଣ ଯୋଗ ଦେଇଥିଲେ।

# ପାଣି ପାଇଁ ଦାବଲିକାନୀବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ

ଦେଓଗାଁ, ୨୩।୬(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ହାତୀସରା ପଞ୍ଚାୟତ ନାଇକେନସିରା ଗାଁ ନିକଟସ୍ଥ ଦାବଲିକାନୀରେ ପାନୀୟ ଜଳ ସମସ୍ୟା ଦ୍ୱିଗୁଣିତ ହୋଇଛି। ଏହି ସମସ୍ୟା ନେଇ ସମିତିସଭ୍ୟ ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ପଡ଼ାର ନାଏବ ସରପଞ୍ଚ ଉଲପି ନାଗ, ଭୋଜେନ୍ଦ୍ର କଏଣ୍ଡା, ମିଟୁ ବରିହା, ବବୁଲୁ ସାଗର, ବୈଶାଖୁ ବଡ଼ିଆ, ସହଦେବ ପୁଟା, ନିମାଇଁ ବରିହା, ବିପିନ ନାଗ, ସୁବାଷିନି ପୁଟା ପ୍ରମୁଖ ମଙ୍ଗଳବାର ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ବ୍ଲକ ଅଫିସରେ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଦାବୀ ଜଣାଇଥିଲେ। ଏହି ପଡ଼ାକୁ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ପାଣିଟାଙ୍କି, ପମ୍ପହାଉସ ନିର୍ମାଣ ସହ ପାଇପ୍ ବିଛାଇବା କାମ ମଧ୍ୟ ସରିଛି; ହେଲେ ମୋଟର ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଜଳଯୋଗାଣ ହୋଇପାରୁନାହିଁ। ପଡ଼ାବାସୀଙ୍କ ଦାବି ଅନୁସାରେ ପଞ୍ଚାୟତ ତରଫରୁ ଚଳିତ ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ହେଉଥିଲା। ତେବେ ନିୟମ ଅନୁସାରେ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କରରେ ପାଣି ଦେବା ପରେ ଏବେ ପାନୀୟଜଳ ଯୋଗାଣକୁ ବନ୍ଦ କରି ଦିଆଯାଇଛି। ଏଣୁ ପଡ଼ାରେ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଡିଓ ଅବଗତ ହେବାପରେ ପ୍ରକଳ୍ପକୁ କେମିତି କାର୍ଯ୍ୟକ୍ଷମ କରାଯାଇପାରିବ ସେନେଇ ଅର୍ଥ ବ୍ୟବସ୍ଥା କରିବା ସହ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ବିଭିନ୍ନ ଅଞ୍ଚଳରୁ ୬ ଶିଶୁ ଶ୍ରମିକ ଉଦ୍ଧାର

ତରଭା, ୨୩।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ଏବଂ ଶିଶୁ ଅଧିକାର ସୁରକ୍ଷା ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି), ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡଲାଇନ୍ ଏବଂ ପୁଲିସ ପ୍ରଶାସନର ସମନ୍ୱୟରେ ଚଢ଼ଉ ଓ ଉଦ୍ଧାର ଅଭିଯାନ କରାଯାଇଛି। ବିଭିନ୍ନ ଦୋକାନ, ହୋଟେଲ, ଗ୍ୟାରେଜ, ସୁନା ଦୋକାନ ଓ କାର୍ଯ୍ୟଶାଳାରେ ଯାଞ୍ଚ କରାଯାଇ ୬ ଜଣ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ କିଶୋରଙ୍କୁ ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁବର୍ଣ୍ଣପୁର ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ନିଯୁକ୍ତିଦାତା ଏବଂ ଶ୍ରମିକଙ୍କ ମଧ୍ୟରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ନିଷିଦ୍ଧ ବୃତ୍ତି ଓ ପ୍ରକ୍ରିୟାରେ ଶିଶୁ ଓ କିଶୋରମାନଙ୍କୁ ନିୟୋଜିତ କରିବାର ଆଇନଗତ ପରିଣାମ ଓ ଦଣ୍ଡବିଧାନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ସମ୍ପୃକ୍ତ ଆଇନ ଓ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉଦ୍ଧାର ହୋଇଥିବା କିଶୋରମାନଙ୍କ ପୁନର୍ବାସ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଉଦ୍ଧାର ଅଭିଯାନରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆଙ୍କ ସମେତ ଶ୍ରମ ବିଭାଗର କର୍ମଚାରୀ, କିଶୋରନ୍ୟାୟ ବୋର୍ଡର ସଦସ୍ୟ ରଞ୍ଜିତା ସାହୁ, ଶିଶୁ ମଙ୍ଗଳ କମିଟିର ସଦସ୍ୟବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଏବଂ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।



## ଯୁକ୍ତ ୩ ରେ ନାମଲେଖା ପାଇଁ ବିଜେଡି ତରଫରୁ ହେଲ୍ପ ଡେସ୍କ

ମନମୁଣ୍ଡା, ୨୩।୬(ସମିସ): ଯୁକ୍ତ ତିନି ପ୍ରଥମ ବର୍ଷରେ ନାମ ଲେଖା ପାଇଁ ଫର୍ମ ପୂରଣ ଏବଂ ଉଚ୍ଚ ଶିକ୍ଷା ପାଇଁ କାଉନସେଲିଂ ତଥା ପ୍ରକ୍ରିୟାର ମାର୍ଗଦର୍ଶନ ସକାଶେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଆଜି କନ୍ଧମାଳ ମହାବିଦ୍ୟାଳୟରେ ଏକ ହେଲ୍ପ ଡେସ୍କ ଶୁଭାରମ୍ଭ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଓ ପୂର୍ବତନ କନ୍ଧମାଳ ବିଧାୟକ ମହିଧର ରଣାଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଭାଗ୍ୟରଥି ମଲ୍ଲିକ (ବାବୁଲା)ଙ୍କ ନେତୃତ୍ୱରେ କନ୍ଧମାଳ ମହାବିଦ୍ୟାଳୟଠାରେ ଏହି ହେଲ୍ପ ଡେସ୍କ ଆଜି ଉଦ୍‌ଘାଟନ କରାଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ବିଜେଡି ନେତା ଅଶୋକ ସାହୁ, ଘନଶ୍ୟାମ ଦନ୍ତା, ଆଶିଷ ଖେତୀ, ସୁଗ୍ରୀବ ପ୍ରଧାନ, ଅନିକେତ ଦାନୀ, ନେତ୍ରୀ ମମତା ରଣା ପ୍ରମୁଖ ସହଯୋଗ କରିଥିଲେ। ବୌଦ୍ଧ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଉଦିତ ପ୍ରତାପ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଆୟୁଷ ସ୍ୱାଇଁ, ରତନ ଖପରଧୁଆ, ଦାନିଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତରଭା ତହସିଲଦାର ଶ୍ୱେତଲିନା ମାହାଣା ସମ୍ମାନିତ



ତରଭା, ୨୩।୬(ସମିସ): ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ତରଭା ବ୍ଲକ ଓ ଏନ୍ଏସିର ୪୧ଟି ବୁଥ୍‌ର ସ୍ୱତନ୍ତ୍ର ସଘନ ପ୍ରକ୍ରିୟାର ଏନ୍ୟୁମେରେସନ ଡି ଜି ଟା ଇ ଜେ ସ ନ କାର୍ଯ୍ୟରେ ଶତ ପ୍ରତିଶତ ସଫଳତା ହାସଲ କରିଥିବାରୁ ତରଭା ତହସିଲଦାରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ମଙ୍ଗଳବାର ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ତଥା ଇଆରଓ ଡ. ସୌମ୍ୟରୂପା ରଥ ତରଭା ତହସିଲଦାର ତଥା ଏଇଆରଓ ଶ୍ୱେତାଲିନା ମାହାଣାଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରିଛନ୍ତି। ସୁଶ୍ରୀ ମାହାଣାଙ୍କ ଅଧୀନରେ ଥିବା ବିଏଲଓ ଏବଂ ସୁପରଭାଇଜରମାନେ ଜୁନ ୨୨ ତାରିଖ ସୁଦ୍ଧା ଶତପ୍ରତିଶତ ଏନ୍ୟୁମେରେସନ ଫର୍ମ ଡିଜିଟାଇଜେସନ କାର୍ଯ୍ୟ ସମ୍ପନ୍ନ କରଛନ୍ତି।

## ୨୨୦ କେଜି ଗଞ୍ଜେଇ ଜବତ

ବୌଦ୍ଧ, ୨୩।୬(ସମିସ): ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ବୌଦ୍ଧ ଥାନା ଅଞ୍ଚଳର ବଏଲବେଡ଼ା ଗ୍ରାମ ନିକଟସ୍ଥ ଏକ ନାଳ କୂଳ ଜଙ୍ଗଲରୁ ୧୧୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ମାମଲା ରୁଜୁ କରାଯାଇ ତଦନ୍ତକାରୀ ଅଧିକାରୀ ଦିଲ୍ଲୀପ ଶତପଥୀଙ୍କ ଦ୍ୱାରା ଜବତ ଗଞ୍ଜେଇକୁ କୋର୍ଟରେ ଦାଖଲ କରାଯାଇଛି। ସେହିଭଳି ବାଉଁଶୁଣୀ ଥାନା ଅଧୀନ ଗୁହୁଲିଆ ଯୋର ଅଞ୍ଚଳରୁ ୧୦୫ କେଜି ଗଞ୍ଜେଇ ଜବତ ହୋଇଛି। ଉପ ନିରୀକ୍ଷକ ସତ୍ୟନାରାୟଣ ପ୍ରଧାନ ଏହି ମାମଲାର ତଦନ୍ତ କରୁଛନ୍ତି।



## ନିଶା ମୁକ୍ତ ସପ୍ତାହରେ ନିଶା ମୁକ୍ତ ଭାରତ ଅଭିଯାନ

ଦେବଗଡ଼, ୨୩।୬(ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ କେଲଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଓ ବିକଶିତ ଭାରତ ପରିଚୟ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହୃଷୀକେଶ ସାହୁ, କେଲଡା ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପ୍ରଧାନ ଓ ସରପଞ୍ଚ ରଞ୍ଜନ ସେଠୀ ଏଥିରେ ଯୋଗ ଦେଇଥିଲେ। ନିଶାର ଅପକାରିତା ଏବଂ ନିଶା ମୁକ୍ତ ସମାଜ ଗଠନ କରିବାରେ ପଞ୍ଚାୟତ ପ୍ରତିନିଧି ବିଭିନ୍ନ ବିଭାଗ ଦ୍ୱାରା ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ କଣ୍ଢେଇସ୍ଥିତ ଜୀବନ ଜ୍ୟୋତି ସମ୍ବନ୍ଧିତ ନିଶାମୁକ୍ତ ଓ ଥଇଥାନ କେନ୍ଦ୍ର ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା।

# ପ୍ରଶାସନ-ପୁଲିସ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ



ଝାରସୁଗୁଡ଼ା, ୨୩।୬(ସମିସ): ଝାରସୁଗୁଡ଼ାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶାନ୍ତି ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ପୁଲିସ, ପ୍ରଶାସନ ସ୍ୱାସ୍ଥ୍ୟ ବିଭାଗ, ଆରଟିଓ ଏବଂ ଅବକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବୈଠକରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ପ୍ରତିଷେଧକ ମାମଲାଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନ, ଅତ୍ୟାଚାର ଏବଂ ନିର୍ଯାତନା ସମ୍ବନ୍ଧୀୟ ମାମଲାର ମିଳିତ ତଦନ୍ତ, ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ସହ ଜିଲ୍ଲାର ସାଧାରଣ ଓ ଶିଳ୍ପାଞ୍ଚଳର ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ମିଳିତ ଚଢ଼ଉକୁ ଆହୁରି ବ୍ୟାପକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଲଘୁ ଖଣିଜର ବେଆଇନ ପରିବହନ, ଅବକାରୀ ସାମଗ୍ରୀ ଜବତ ଏବଂ ମୋଟର ଯାନ ଆକ୍ଟ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଛି।

# କ୍ଷେମାଲୋଏ ପଞ୍ଚାୟତରେ ୭୧ ଅଭିଯୋଗ ଶୁଣାଣି

ତରଭା, ୨୩।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର କ୍ଷେମାଲୋଏ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ୭୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅଭିଯୋଗ ପାଇଁ ଆସୁଥିବା ଲୋକଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଛୁଆଠୁ ନେଇ ବୃଦ୍ଧଙ୍କ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ଓ କ୍ଷେମାଲୋଏ ସରପଞ୍ଚ ଯଶୋବନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଉଲୁଣ୍ଡା) ଦିଲ୍ଲୀପ ବାଡାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



● ବେଲପାହାଡ଼ ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

## ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

କଟକ, ୨୩।୬(ସମିସ): ବେଲପାହାଡ଼ ପୌର ପରିଷଦ ଅଧ୍ୟକ୍ଷ ନିମାଇଁ ଚରଣ ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନୋଟିସକୁ ବିରୋଧ କରି ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ପୂର୍ବ ନିର୍ଦ୍ଧାରିତ ସୂଚୀ ତଥା ଜୁନ ୨୪ରେ ଅନାସ୍ଥା ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ କିନ୍ତୁ ଫଳାଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଏହି ମାମଲାରେ ଜୁନ ୨୫ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୌରାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୪ଜଣ କାଉନସିଲର ପୌରାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ଦାଖଲ କରିଥିଲେ। ଓଡ଼ିଶା ପୌରପରିଷଦ ଆଇନ, ୧୯୫୦ ଅନୁସାରେ ଜୁନ୍ ୨୪ରେ ଏଥିପାଇଁ ବେଲପାହାଡ଼ ପୌର ପରିଷଦ ସଭାଗୃହରେ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା ବେଳେ ଅନାସ୍ଥା ପ୍ରସ୍ତାବ ବୈଠକ ସମ୍ପର୍କିତ ନୋଟିସ ଆଇନ ଅନୁସାରେ ତାଙ୍କୁ ପ୍ରଦାନ କରାଯାଇ ନାହିଁ ବୋଲି ଦର୍ଶାଇ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

କଣ୍ଟାବାଞ୍ଜି/ମୁରିବାହାଲ, ୨୩।୬(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧୀନ ଯାମୁଟ ଗାଁ ନିକଟରେ ମଙ୍ଗଳବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାରେ ଚାଲୁଥିବା ଦୁଇ ଜଣ ମହିଳାଙ୍କୁ ଦ୍ରୁତଗତିରେ ଏକ ବାଇକ୍ ଆସି ଧକ୍କା ଦେଇଥିଲା। ବାଇକ୍ ଚାଳକଙ୍କ ସହ ଦୁଇ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ମହିଳା ହେଲେ ଯାମୁଟ ଗାଁର ରହୁଣୀ ଲୁହା (୪୫) ଓ କସ୍ତୁରୀ ଲୁହା (୩୦)। ସେହିଭଳି ବଙ୍ଗୋମୁଣ୍ଡା ଥାନା ଅଧୀନ ଦେଓଗାଁର ବାଇକ୍ ଚାଳକ ରମେଶ ମାଝି ମଧ୍ୟ ଗୁରୁତର ହୋଇଛନ୍ତି। ସେ ମୁରିବାହାଲ ଥାନା ଅଧୀନ ପତ୍ରାପାଲିସ୍ଥିତ ଶଶୁର ଘରୁ ବିବାହ ଉତ୍ସବରେ ଯୋଗ ଦେଇ ଫେରୁଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗେ ସମସ୍ତଙ୍କୁ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କାନ୍ଥ ଭାଙ୍ଗି ୧୫ ଲକ୍ଷ ଟଙ୍କାର ମୋବାଇଲ ନେଇଗଲେ

କନ୍ଧମାଳ, ୨୩।୬(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳରେ ସୋମବାର ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଲକ୍ଷ୍ମୀବଜାରସ୍ଥିତ ମୁଖ୍ୟ ରାସ୍ତାକଡରେ ଥିବା ଶ୍ରୀଲକ୍ଷ୍ମୀ ମୋବାଇଲ ଦୋକାନର ପଛପାଖ କାନ୍ଥ ଭାଙ୍ଗି ପ୍ରାୟ ୧୫ଲକ୍ଷରୁ ଅଧିକ ମୂଲ୍ୟର ମୋବାଇଲ ଚୋରି ହୋଇଛି। ଘଟଣାସ୍ଥଳରେ ଏସଡିପିଓ ଲରେନ୍ସ ରାଉତରାୟ ପହଞ୍ଚି ସିସିଟିଭି ଫୁଟେଜ ସହ ଚାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଛନ୍ତି। କନ୍ଧମାଳ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ କନ୍ଧମାଳ ଥାନାଠାରୁ ମାତ୍ର ୫୦ମିଟର ଦୂରରେ ଏହି ଘଟଣା ଘଟିଛି। ଦୋକାନ ମାଲିକ ଶାନ୍ତନୁ ରଣା ମଙ୍ଗଳବାର ସକାଳୁ ଦୋକାନ ଖୋଲିବା ବେଳେ ଏହା ଦେଖି କନ୍ଧମାଳ ଥାନାରେ ଏତଲା ଦେଇଥିଲେ। ସାଇଣ୍ଟିଫିକ ଟିମ୍‌ର ସହାୟତା ନିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରକାଶ ଭୋଇ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଟାଟା ପାୱାର କର୍ମଚାରୀଙ୍କ ମୃତ୍ୟୁ



ଡୁଙ୍ଗୁରିପାଲି, ୨୩।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା କାପାସିରାରେ ଜରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ କାପାସିରା ଗ୍ରାମର ଦୁଃଖିଶ୍ୟାମ ସେଠଙ୍କ ପୁଅ ହେମନ୍ତ ସେଠ(୩୨)। ହେମନ୍ତ ଗାଁ ଶିବ ମନ୍ଦିର ପଛ ପଟେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ତଳେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେବା ସହ ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ; ହେଲେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଗାଁ ଲୋକଙ୍କ ଡାକ୍ତରଖାନରେ ଭିଡ଼ ଜମିଥିଲା। ଡାକ୍ତରଖାନାରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଖବର ପାଇଁ ସେଠାରେ ବିଦ୍ୟୁତ ବିଭାଗର ଉଚ୍ଚ ଅଧିକାରୀ ପହଞ୍ଚିଥିଲେ।

## ଡକ୍ଟର ନିବେଦିତା ରଥଙ୍କୁ ସମ୍ବର୍ଦ୍ଧନା



ବୀରମହାରାଜପୁର, ୨୩।୬(ସମିସ): ସାମାଜିକ, ପ୍ରଶାସନିକ ଓ ନ୍ୟାୟିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିବେଦିତା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏକ ସଭାରେ ଉପାଧ୍ୟକ୍ଷ ନାରାୟଣ ଲୁହା, ଅବସରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ଧନୁର୍ଦ୍ଧର ସେନାପତି, ଅବସରପ୍ରାପ୍ତ ନ୍ୟାୟାଧୀଶ ପ୍ରକାଶ ରଥ, ଅବସରପ୍ରାପ୍ତ ରିଡର୍ ପୂର୍ଣ୍ଣିମା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ଲବ ସାହୁ, ବରିଷ୍ଠ ନାଗରିକ ସଂଗଠନ, ଭଗବାନ ମିଶ୍ର, ବିଜେଡ଼ିର ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ବିପିନ୍ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାକୁ ହତ୍ୟା ଉଦ୍ୟମ କରି ଜେଲ୍ ଗଲା ପୁଅ



ତୁରେକେଲା, ୨୩।୬(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଧୀନ ଗଇନ୍ଦିମାଲ ଗାଁରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ପରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ନିଜ ବାପା ଓ ମା'ଙ୍କୁ ଆକ୍ରମଣ କରିଛି। ବାପାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ନେଇ ତୁରେକେଲା ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଘୋଷାରଥ ରାଉତ (୨୯)କୁ ପୁଲିସ ଗିରଫ କରିଛି। ତେବେ ଅଭିଯୁକ୍ତ ପୂର୍ବରୁ ମଧ୍ୟ ମାଁଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜେଲ୍ ଯାଇଥିଲା।

## ଜିଲ୍ଲାସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ବଲାଙ୍ଗିର, ୨୩।୬(ସମିସ): ଜନସମ୍ପର୍କ ଓ ନାଗରିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡପ ପଡ଼ିଆଠାରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାସ୍ତରୀୟ ଏହି ସମାରୋହରେ ବଲାଙ୍ଗୀର ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ୧୫ଟି ପ୍ରଦର୍ଶନୀ ଷ୍ଟଲ୍ ପରିଦର୍ଶନ କରିବା ସହ ସରକାରୀ ଯୋଜନାର ସଫଳତା ଲୋକସମ୍ପୃକ୍ତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ନିଶା ନିଜ ନିଜ ବିଭାଗ ଦ୍ୱାରା ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳିକା ନୀଳିମା କୁଜୁର ମଞ୍ଚ ସଞ୍ଚାଳନ କରିଥିଲେ।

# ଉତ୍ସବମୁଖର କରିଛି 'ବିକାଶର ଧାରା ଓଡ଼ିଶା ସାରା'





ତରଭା, ୨୩।୬(ସମିସ)

ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧୀନ ତରଭା ବ୍ଲକରେ ମଙ୍ଗଳବାର ଦୁଇ ବର୍ଷର ଜନସମ୍ପର୍କ କାର୍ଯ୍ୟକ୍ରମ-୨୦୨୬ ତଥା ଜାତି-ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତିଙ୍କ ଉନ୍ନତି, ସଶକ୍ତୀକରଣ ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ତରଭା ବିଡିଓ ଶିବାନନ୍ଦ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରଭା ବ୍ଲକ ଅନୁସୂଚିତ ଜନଜାତି ସଂଘର ସଭାପତି ବଳଭଦ୍ର କୁଅଁର, ସମ୍ପାଦକ କପୁରଚନ ଭୂଏ, ଡ. ଆମ୍ବେଦକର ସେବା ସଂଘର ସମ୍ପାଦକ କୁଶଳେଶ୍ୱର ସୁନା, ବେଣୁଧର ବାଗ ଓ ସତ୍ୟବାନ କୁଅଁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶିକ୍ଷା ଓ ବିକାଶ ଉପରେ ମତ ରଖିଥିଲେ। ଏହି ଅବସରରେ ବ୍ଲକର ବିଶିଷ୍ଟ ବ୍ୟକ୍ତି ବୈକୁଣ୍ଠ ବାରିକ, ଗଣେଶ୍ୱର କୁମ୍ଭାର, ଭୀମ ସୁନା, ଜଗଲାଲ ନାଗ, ସାଧବ କୁଅଁର, ପଙ୍କଜ ଚରଣ ମାଝୀ, ସତ୍ୟ ନାରାୟଣ ଭୋଇ ଓ ତପନ କୁଅଁରଙ୍କ ସହ ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଯୁକ୍ତ ଦୁଇ ବାଣିଜ୍ୟରେ ଯୁଧିଷ୍ଠିର ଭାଇନା ଓ ଦୟାନିଧି ମାଝୀ, ଯୁକ୍ତ ଦୁଇ ବିଜ୍ଞାନରେ କୁମାରୀ ଲିସା ସେଣ୍ଠ ଓ ଚନ୍ଦନ ପାତ୍ର ଏବଂ ଦଶମ ଶ୍ରେଣୀରେ ଲିପୁନ ମିର୍ଦ୍ଧା ଓ ଶୁଭମ୍ ଦୀପଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଡ଼ଭଇଁରୋ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଓ ସୁଶୀଲ ମୁଖୀ ଏବଂ ତାଙ୍କ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଏସଏସଓ ପ୍ରଭାସ କର୍ଣ୍ଣ ସଂଯୋଜନା କରିଥିବା ବେଳେ ବିପିଏମ୍ ମନୋଜ ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଡବ୍ଲ୍ୟୁଇଓ ସଲଖାନ ମାଝୀ, ଜିପିଡ଼ିଓ ବିବେକ ସାହୁ ସହଯୋଗ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ପ୍ରତିନିଧି, ଏସଏଚଜି ମହିଳା, ଛାତ୍ରଛାତ୍ରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ମନମୁଣ୍ଡା: ବୌଦ୍ଧ ବ୍ଲକ ତଥା ମନମୁଣ୍ଡା ଥାନା ଅଧୀନ ଶଗଡ଼ା ପଞ୍ଚାୟତ ପରିସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନାଏବ ସରପଞ୍ଚ ବିଶ୍ୱାମିତ୍ର ମହାକୁଡ, ନିର୍ବାହୀ ଅଧିକାରୀ ଦିବ୍ୟାଲୋଚନ ବେହେରା, ଗ୍ରାମ୍ୟ ରୋଜଗାର ସେବକ ଦେବେନ୍ଦ୍ର କହଁର, କୃଷି ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ମଳୟ ରଞ୍ଜନ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ଆଶା ଓ ଅଙ୍ଗନବାଡି କର୍ମୀ, ବନପାଳ, ମିଶନ ଶକ୍ତି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଗଣ ଓ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଘଟଣା

- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮- କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।

## ଚା’-ବିସ୍କୁଟ୍‌ରୁ ହୋଇପାରେ ମଧୁମେହ



ଅନେକ ଲୋକଙ୍କର ସକାଳେ ଉଠିବା ମାତ୍ରେ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସ ଥାଏ। ସେହିପରି ଯେଉଁମାନେ କେବଳ ଚା’ ପିଅନ୍ତି ଏସିଡିଟି ନ ହେବା ଆଶାରେ ଏହାସହ ବିସ୍କୁଟ୍ ଖାଇଥାନ୍ତି। ହେଲେ ଏଭଳି ଅଭ୍ୟାସ ମଧୁମେହର କାରଣ ହୋଇପାରେ। ଦିଲ୍ଲୀ ଏମ୍ସର ଏଣ୍ଡୋକ୍ରାଇନୋଲଜି ବିଭାଗର ପ୍ରଫେସର ଡା. ରାଜେଶ ଖଡ଼ଗାବତ ସକାଳୁ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ‘ବିସ୍କୁଟ୍‌ରେ ଲାକ୍‌ଟୋଜ ଏବଂ ଗ୍ଲୁକୋଜ୍ ଥାଏ। କିଛି ବିସ୍କୁଟ୍‌ରେ ଫ୍ଲେଭର୍ ବି ମିଶାଯାଇଥାଏ। ଏଥିରେ ଚିନି ଲୁଚିକରି ଥାଏ। ସେହିପରି କିଛି ବିସ୍କୁଟ୍‌ରେ କୃତ୍ରିମ ଶର୍କରା ବି ମିଶାଯାଏ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ଏବଂ ଶରୀରରେ ଚର୍ବି ବୃଦ୍ଧି ପାଏ। ଏଭଳି ସ୍ଥିତିରେ ଚା’ ମିଠା ଥିଲେ ଏହା ଅଧିକ କ୍ଷତି ପହଞ୍ଚାଏ। ଖାଲି ପେଟରେ ଚା- ବିସ୍କୁଟ୍ ଖାଇବା ମଧୁମେହକୁ ନିମନ୍ତ୍ରଣ ଦେବା ସଦୃଶ। ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ବଢ଼ିଯାଏ। ଏଭଳି ସ୍ଥିତିରେ ସବୁଠୁ ଜରୁରି ହେଉଛି, ବିସ୍କୁଟ୍ ଖାଇବା ବେଳେ ଏହାର ଲେବଲ ପଢ଼ିବା ଏବଂ ତା’ ସହ ଏଥିରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ଜାଣିବା। ଯଦି ଏଥିରେ ଉଚ୍ଚ ଶର୍କରା, ପାମ୍ ତେଲ ଲେଖାଥାଏ, ତେବେ ଏହାକୁ ଖାଇବାଠୁ ଦୂରେଇ ରହିବା ଉଚିତ। ଏଭଳି ବିସ୍କୁଟ୍ ସ୍ୱାସ୍ଥ୍ୟ ଲାଗି ହାନିକାରକ।’ ତେଣୁ ସକାଳ ଜଳଖିଆରେ ବିସ୍କୁଟ୍ ନ ଖାଇବା ଭଲ। ଏହାକୁ ଖାଇଲେ ବି କିଛି ଲାଭ ନାହିଁ। ବିସ୍କୁଟ୍‌ରୁ ପ୍ରୋଟିନ କିମ୍ବା ପୋଷଣ କିଛି ନ ଥାଏ। ଏହା ବଦଳରେ ଚଣା, ମଖାନା ଖାଇବା ଶରୀର ପାଇଁ ଉତ୍ତମ। ଏଥିରେ ଶରୀରକୁ ପ୍ରୋଟିନ ମିଳେ ଏବଂ ଏସବୁ ସ୍ୱାସ୍ଥ୍ୟ ପାଇଁ ହିତକର।

## ଆଜିର ବ୍ୟକ୍ତିତ୍ୱ

## ଜନସେବକ ନବକୃଷ୍ଣ ଚୌଧୁରୀ



ଓଡ଼ିଶା ଇତିହାସରେ ନବକୃଷ୍ଣ ଚୌଧୁରୀ ଜଣେ ନିଆରା ବ୍ୟକ୍ତିତ୍ୱ। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ନିଜର ସରଳ ଜୀବନଯାପନ, ସ୍ପଷ୍ଟବାଦିତା ଏବଂ ତ୍ୟାଗପୂତ ରାଜନୀତି ପାଇଁ ସେ ଜନମାନସରେ ‘ନବବାବୁ’ ଭାବେ ବେଶ୍ ପରିଚିତ। ସେ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଅନେକ ଥର କାରାବରଣ କରିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଲତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ ‘ସାରଥି’ ଏବଂ ତା ପରେ ‘କୃଷକ’ ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହେଲେ ମଧ୍ୟ ଦଳର ଆଦର୍ଶ ଅନୁଯାୟୀ, କୌଣସି ପଦବୀରେ ଅଧିଷ୍ଠିତ ହୋଇନଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହେଲେ। ୧୯୫୦ ମେ’ ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଚାଷୀ ଭଳି ଜୀବନ ବିତାଇ ଗରିବ ଓ ନିଷ୍ପେଷିତ ଲୋକଙ୍କ ସେବା କରିଥିଲେ। ୧୯୮୪ ମସିହା ଆଜିର ଦିନରେ ଏହି ମହାନ ଜନନାୟକଙ୍କର ପରଲୋକ ଘଟିଥିଲା।

## ‘କକ୍‌ଟେଲ୍’ ପାଇଁ ମନା କରିଥିଲେ ରଣବୀର



ରଣବୀର କପୁର ଏବଂ ଦୀପିକା ପାଦୁ୍ୟକୋନ୍ ଏଯାବତ୍ ତିନୋଟି ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଯୋଡ଼ିଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସିବାର ଥିଲା, କିନ୍ତୁ ନିଜେ ରଣବୀର ଏହାକୁ କରିବାକୁ ମନା କରିଦେଇଥିଲେ। ଏହି ଫିଲ୍ମଟି ଥିଲା ‘କକ୍‌ଟେଲ୍’। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୧୨ରେ ମୁକ୍ତିଲାଭ କରିଥିବା ‘କକ୍‌ଟେଲ୍’ ଚଳଚ୍ଚିତ୍ରରେ ଦୀପିକା, ଡାଏନା ପେଣ୍ଟି ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ସୈଫ୍ ଏହି ଚଳଚ୍ଚିତ୍ରରେ ‘ଗୌତମ’ ଚରିତ୍ରରେ ଅଭିନୟ କରିଥିଲେ। ହେଲେ ଗୌତମ ଚରିତ୍ର ପାଇଁ ସୈଫ୍ ପ୍ରଥମ ପସନ୍ଦ ନ ଥିଲେ। ଫିଲ୍ମ ପ୍ରଯୋଜକ ଏହି ଚରିତ୍ର ପାଇଁ ରଣବୀର କିମ୍ବା ଇମ୍ରାନ୍ ଖାନ୍‌ଙ୍କୁ ନେବାକୁ ଚାହୁଁଥିଲେ। ଉଭୟ କିନ୍ତୁ ଏହି ଫିଲ୍ମ କରିବାକୁ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାର ସମୟରେ ସୈଫ୍ କହିଛନ୍ତି ଯେ, “ଏହି ଚଳଚ୍ଚିତ୍ର ପାଇଁ ଦୀପିକା ଏବଂ ଡାଏନାଙ୍କୁ ଚୟନ କରାଯାଇ ସାରିଥିଲା, କିନ୍ତୁ ନିର୍ମାତାମାନଙ୍କୁ ଚଳଚ୍ଚିତ୍ରର ମୁଖ୍ୟ ନାୟକ ଖୋଜିବାରେ ଅସୁବିଧା ହେଉଥିଲା, କାରଣ ‘ଭେରୋନିକା’(ଦୀପିକା)ଙ୍କ ଚରିତ୍ର ବହୁତ ଜବରଦସ୍ତ ଥିଲା। ମୋତେ ଲାଗୁଛି ଯେ, ସେମାନେ ଇମ୍ରାନ୍ ଏବଂ ରଣବୀରଙ୍କୁ ଏଥିପାଇଁ ଯୋଗାଯୋଗ କରିଥିଲେ। ଏଥିରେ ହିରୋଙ୍କର କିଛି ବିଶେଷ ଭୂମିକା ନାହିଁ ବୋଲି ଅନୁଭବ କରି ରଣବୀର ଓ ଇମ୍ରାନ୍ ଏହାକୁ ଛାଡ଼ି ଦେଇଥିଲେ। ମୋତେ ଏହି ଚରିତ୍ର ପାଇଁ ଯୋଗାଯୋଗ କରିବା ପରେ ମୁଁ କାମ କରିବା ପାଇଁ ରାଜିଥିଲି। ମୋତେ ଲାଗୁଛି ଯେ, ସେମାନେ ସମସ୍ତେ ମୋ ପାଖରେ ଏଥିପାଇଁ କୃତଜ୍ଞ ରହିବା ଉଚିତ ଯେ, ମୁଁ ଏହି ଚରିତ୍ରଟି କଲି।” ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରଣବୀର ‘କକ୍‌ଟେଲ୍’କୁ ପ୍ରତ୍ୟାଖ୍ୟାନ କରିବା ସହିତ ଦୀପିକାଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ କାମ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ, ଦୀପିକା ତାଙ୍କ କଥା ନ ଶୁଣି ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ରଣବୀର ତାଙ୍କର ନିଷ୍ପତ୍ତି ଭୁଲ୍ ଥିଲା ବୋଲି ପରେ ସ୍ୱୀକାର କରିଥିଲେ।

## ସମ୍ଭାବନା



## ସାର୍ଟିଫିକେଟ୍ କିଭଳି ସାଇତି ରଖିବେ



**ସ୍କୁଲ ତଥା କଲେଜ ଦସ୍ତାବିଜଙ୍କୁ ସାଇତି ରଖିବା ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏକପ୍ରକାର କଷ୍ଟକର କାମ ହୋଇଥାଏ। ତେବେ କିଛି ସହଜ ଉପାୟ ଆପଣାଇ ଏହି କାମକୁ ବ୍ୟବସ୍ଥିତ କରିପାରିବେ ଏବଂ ସବୁ କିଛି ଠିକ୍ ସ୍ଥାନରେ ରହିପାରିବ।**

ଆଜିର ସମୟରେ ପ୍ରତ୍ୟେକ କାମ ଟେକ୍ନୋଲୋଜି ମାଧ୍ୟମରେ ହେଉଛି। ଡିଜିଟାଲ ଉପାୟରେ ଫାଇଲକୁ ସେଭ୍ କରିବା ଉପଯୋଗୀ ହୋଇପାରେ। ଜରୁରି ଦସ୍ତାବିଜକୁ ସ୍କାନ କରି କମ୍ପ୍ୟୁଟର ତଥା କ୍ଲାଉଡ ଷ୍ଟୋରେଜରେ ଅଲଗା ଅଲଗା ଫୋଲଡର କରି ରଖନ୍ତୁ। ଏହା ଦ୍ୱାରା କାଗଜପତ୍ର ଖୋଜିବାକୁ ପଡ଼ିବ ନାହିଁ।

ରଙ୍ଗରେ କୋଡ୍ କରି ସ୍କୁଲ, କଲେଜ ଦସ୍ତାବିଜକୁ ବ୍ୟବସ୍ଥିତ ରଖିବାର ଏକ ସହଜ ଓ ପ୍ରଭାବୀ ଉପାୟ ବୋଲି କୁହାଯାଉଛି। ଅଲଗା ଅଲଗା ଜିନିଷ ଲାଗି ଭିନ୍ନ ଭିନ୍ନ ରଙ୍ଗ ବାଛିପାରିବେ। ଆସାଇନମେଣ୍ଟ, ସିଡ୍ୟୁଲ ଲାଗି ଅଲଗା, ଜରୁରି ସୂଚନା ଲାଗି ଭିନ୍ନ ରଙ୍ଗକୁ ବାଛିପାରିବେ। ଏହା ଦ୍ୱାରା ଏକଥା ବୁଝିବାରେ ସହଜ ହେବ, କେଉଁ ଦସ୍ତାବିଜ୍ ଆବଶ୍ୟକ।

ସ୍କୁଲ ଦସ୍ତାବିଜ ସିଷ୍ଟମକୁ ବ୍ୟବସ୍ଥିତ ରଖିବା ଲାଗି ଏକ ନିର୍ଦ୍ଧାରିତ ଦିନଚର୍ଯ୍ୟା ପ୍ରସ୍ତୁତ କରିବା ଉଚିତ। ଏ ଲାଗି ସପ୍ତାହରେ କିଛି ସମୟ ବାହାର କରି ନୂଆ କାଗଜପତ୍ରକୁ ଦେଖି ପୁରୁଣା ଦସ୍ତାବିଜକୁ ଅପଡେଟ୍ କରନ୍ତୁ। ଯାହାର ଆବଶ୍ୟକତା ନାହିଁ, ତାହାକୁ ହଟାଇ ଦିଅନ୍ତୁ।

ଦସ୍ତାବିଜକୁ ଭଲଭାବରେ ସମ୍ଭାଳିବା ପାଇଁ ଅନେକ ମୋବାଇଲ ଆପ୍ ଉପଲବ୍ଧ। ଏହି ଆପ୍ ସ୍ମାର୍ଟଫୋନ୍ , ଟାବଲେଟ୍‌ରୁ ସିଧା ଫାଇଲକୁ ସ୍କାନ କରିବା ସହିତ ସାଇତି ରଖେ। ଏପରିକି ସେୟାର କରିବା ସୁବିଧା ପ୍ରଦାନ କରେ।

## ପାଠପଢ଼ାରେ ଧ୍ୟାନ ବୃଦ୍ଧି ପାଇଁ...



ସାଧାରଣତଃ ପାଠ ପଢ଼ାରେ ପିଲାଙ୍କ ଧ୍ୟାନ ଭଗ୍ନ ଶୀଘ୍ର ହୋଇଯାଏ। ବର୍ତ୍ତମାନ ସମୟରେ ମୋବାଇଲ, ଟିଭି, ଭିଡିଓ ଗେମ୍, ସୋସିଆଲ ମିଡିଆ ସେମାନଙ୍କ ଧ୍ୟାନ ଉପରେ ପ୍ରଭାବ ପକାଉଛି। ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ବ୍ରେନ ଏକ୍ସରସାଇଜ୍ କଲେ ଦୁଇ ମିନିଟ୍‌ରେ ପଢ଼ାରେ ମନ ଲାଗିବ।

**୫-୪-୩-୨-୧ ନିୟମ:** ପିଲାଙ୍କୁ ପାଞ୍ଚଟି ଜିନିଷ ଦେଖାନ୍ତୁ। ୪ଟିକୁ ସ୍ପର୍ଶ କରିବାକୁ କୁହନ୍ତୁ। ତିନିଟିର ଶବ୍ଦ ଶୁଣାନ୍ତୁ। ୨ଟି ସୁଗନ୍ଧ ଅନୁଭବ କରିବାକୁ କୁହନ୍ତୁ। ଗୋଟିଏର ସ୍ୱାଦ ବାରିବାକୁ କୁହନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କକୁ ଶାନ୍ତ କରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ମେମୋରି ଟ୍ରେ ଚ୍ୟାଲେଞ୍ଜ:** ଗୋଟିଏ ଟ୍ରେରେ ୮ରୁ ୧୦ଟି ଛୋଟ ଜିନିଷ ରଖନ୍ତୁ। ପିଲାଙ୍କୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ତାହାକୁ ଦେଖିବାକୁ ଦିଅନ୍ତୁ। ତା’ପରେ ଟ୍ରେକୁ ଘୋଡ଼ାଇ ଦିଅନ୍ତୁ। ଏବେ ପିଲାଙ୍କୁ ବସ୍ତୁର ନାଁ ପଚାରନ୍ତୁ। ଏହି ଏକ୍ସରସାଇଜ ମେମୋରି ଏବଂ ଧ୍ୟାନକୁ ମଜଭୁତ କରେ।

**ଖେଳରେ ଧ୍ୟାନ:** ପିଲାଙ୍କୁ ଛିଡ଼ା କରି ଡାହାଣ ହାତକୁ ବାମ ଗୋଡ଼ ଏବଂ ବାମ ହାତରେ ଡାହାଣ ଗୋଡ଼କୁ ଛୁଇଁବାକୁ କୁହନ୍ତୁ। ଏହାକୁ ୨-୨ ମିନିଟ୍ କରନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କର ଦୁଇ ଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରେ। ଶିଖିବା କ୍ଷମତାକୁ ବିକଶିତ କରାଏ। ପିଲାଙ୍କୁ ଗୀତରେ ନାଚିବାକୁ କୁହନ୍ତୁ। ଗୀତ ବନ୍ଦ ହେବା ପରେ ସ୍ଥିର ହୋଇ ଛିଡ଼ା ହେବାକୁ କୁହନ୍ତୁ। ଏହି ଖେଳ ଆତ୍ମନିୟନ୍ତ୍ରଣ- ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ:** ପିଲାଙ୍କୁ ପର୍ଯ୍ୟାପ୍ତ ଶୋଇବାକୁ କୁହନ୍ତୁ। ପଢ଼ା ପାଇଁ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ। ୨୦-୩୦ ମିନିଟ୍ ପଢ଼ା ପରେ ଛୋଟ ବ୍ରେକ୍ ନିଅନ୍ତୁ। ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ କାଯ୍ୟକଳାପକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ ଟାଇମ୍ ସୀମିତ କରନ୍ତୁ।

## କ୍ୟାରିୟର ପାଇଁ କମ୍ପ୍ୟୁଟର କୋର୍ସ



**ବର୍ତ୍ତମାନ ଯୁଗ ସମ୍ପୂର୍ଣ୍ଣ ଡିଜିଟାଲ। ଚାକିରି ହେଉ ଅବା ବ୍ୟବସାୟ ପ୍ରାୟ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ଜ୍ଞାନ ଏବେ ଲୋଡ଼ା ପଡୁଛି। ଏଭଳି ସ୍ଥିତିରେ କମ୍ ସମୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ଶିଖିବା ଜରୁରି। କାରଣ ଏହା କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିବ। କିଛି କମ୍ପ୍ୟୁଟର କୋର୍ସ ଏଭଳି ଅଛି, ଯାହାକୁ ୬ ମାସରୁ ଆରମ୍ଭ କରି ବର୍ଷେ ଭିତରେ ପୂରା କରାଯାଇପାରିବ। ଏହା ମାଧ୍ୟମରେ ଭଲ ଚାକିରି ମଧ୍ୟ ମିଳିଥାଏ।**

**ଡିସିଏ:** ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଡିସିଏ) ଏକ ଉତ୍ତମ କୋର୍ସ। ଏହି କୋର୍ସର ଅବଧି ମୁଖ୍ୟତଃ ୬ ମାସରୁ ବର୍ଷେ। ଏଥିରେ ଏମ୍‌ଏସ୍ ୱାର୍ଡ, ଏକ୍‌ସେଲ, ପାୱାର ପଏଣ୍ଟ, ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସମ୍ପର୍କରେ ଶିଖାଯାଏ। ଏହି କୋର୍ସର ଫି’ ଇନଷ୍ଟିଚ୍ୟୁଟ୍ ଅନୁସାରେ, ନିର୍ଦ୍ଧାରିତ ହୁଏ। କୋର୍ସ ପୂରା କରିବା ପରେ ଡାଟା ଏଣ୍ଟ୍ରି ଅପରେଟର, ଅଫିସ୍ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଟ୍ରେନର ଭାବେ କ୍ୟାରିୟର କରିପାରିବେ।

**ଟାଲି:** କମର୍ସ ଏବଂ ଆକାଉଣ୍ଟିଂରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଟାଲି କୋର୍ସ ଖୁବ୍ ଉତ୍ତମ। ଦଶମ ଏବଂ ଦ୍ୱାଦଶ ପରେ ଏହି କୋର୍ସ କରାଯାଇପାରିବ। ଏଥିରେ ବୁକ୍‌କିପିଂ, ଜିଏସ୍‌ଟି, ବିଲିଂ, ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ ଏବଂ ଆକାଉଣ୍ଟ ସହ ଜଡ଼ିତ ବିଷୟ ଉପରେ ଟ୍ରେନିଂ ପ୍ରଦାନ କରାଯାଏ। ଏହି କୋର୍ସ ପୂରା ହେବା ପରେ କମ୍ପାନି ଆକାଉଣ୍ଟ ବିଭାଗରେ ଚାକିରି ପାଇବା ଅବସର ବଢ଼ିଯାଏ।

**ସି++:** ପୋଗ୍ରାମିଂ ପ୍ରତି ଆଗ୍ରହ ଥିଲେ ସି++ ଏବଂ ସଫ୍ଟୱେର ଇଞ୍ଜିନିୟରିଂ କୋର୍ସ ଭଲ ବିକଳ୍ପ। ଏହି କୋର୍ସରେ ପୋଗ୍ରାମିଂ ଲାଙ୍ଗୁଏଜ, ସଫ୍ଟୱେର ଡେଭଲପମେଣ୍ଟ, ଆପ୍ଲିକେସନ ଡିଜାଇନିଂ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯାଏ। ଆଜିର ସମୟରେ ସଫ୍ଟୱେର ଡେଭଲପର ଏବଂ ଆପ୍ ଡେଭଲପରର ଚାହିଦା ଦ୍ରୁତ ଗତିରେ ବଢୁଛି। ଏହା ପରେ ଟେକ୍ନୋଲୋଜି ସେକ୍ଟରରେ କ୍ୟାରିୟରର ଅନେକ ରାସ୍ତା ଖୋଲିଯାଏ।

**ଇ-ବିଜନେସ୍:** ଡିଜିଟାଲ ଇଣ୍ଡିଆ ଏବଂ ଅନଲାଇନ ବିଜନେସର ଚାହିଦା ବଢୁଥିବାରୁ ସାଇବର ସିକ୍ୟୁରିଟି ଏବଂ ଇ-ବିଜନେସ ଏକ୍ସପର୍ଟଙ୍କ ଚାହିଦା ଦ୍ରୁତ ଗତିରେ ବଢୁଛି। ଏହି କୋର୍ସରେ ୱେବ୍‌ସାଇଟ ମ୍ୟାନେଜମେଣ୍ଟ, ଅନଲାଇନ ପେମେଣ୍ଟ ସିଷ୍ଟମ, ଡିଜିଟାଲ ବିଜନେସ ଅପରେସନ ଏବଂ ଇଣ୍ଟରନେଟ୍ ସୁରକ୍ଷା ସହିତ ଜଡ଼ିତ ବିଷୟ ଶିଖାଯାଉଛି। କୋର୍ସ ପୂରା ହେବା ପରେ ଡିଜିଟାଲ ମାର୍କେଟିଂ ଏଜେନ୍ସି, ଇ-କମର୍ସ କମ୍ପାନି ବା ସାଇବର କନସଲଟାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିପାରିବେ।

## ଜୁମ୍‌ର ନୂଆ ଟୁଲ୍

ଜୁମ୍ ତା’ର ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ‘ଜୁମ୍‌ମେଟ୍’କୁ ପରିଚିତ କରାଇଛି। ଏହି ଟୁଲ୍ ମିଟିଂକୁ ଧ୍ୟାନରେ ଶୁଣେ ଏବଂ ଏହାପରେ ଫଲୋ-ଅପ୍ କାମକୁ ସଙ୍ଗେ ସଙ୍ଗେ ନିଜେ କରିଦିଏ। ମିଟିଂରେ କୌଣସି ନିଷ୍ପତ୍ତି ନିଆଗଲେ ଏହି ଟୁଲ୍ ସଙ୍ଗେ ସଙ୍ଗେ ତାହା ଉପରେ କାମ କରିବା ଆରମ୍ଭ କରେ। ଏଇ ଯେମିତି ଟିକଟ୍ ତିଆରି କରିବା, ସେଲଫୋର୍ସକୁ ଅପଡେଟ କରିବା, ପ୍ରସ୍ତାବ ପ୍ରସ୍ତୁତ କରିବା ତଥା ଟିମ୍‌କୁ ଜରୁରି ତଥ୍ୟ ଦେବା।

ଏହା ଜୁମ୍‌ମେଟ୍ ସ୍ଲେକ୍, ଗୁଗଲ ୱାର୍କସ୍ପେସ୍, ମାଇକ୍ରୋସଫ୍ଟ ୩୬୫ ଏବଂ ଅନ୍ୟ ପରିଚିତ ଆପ ସହିତ ସହଜରେ ଯୋଡ଼ି ହୋଇଯାଏ। ଏହା କେବଳ ମିଟିଂର ସାରାଂଶ ପ୍ରଦାନ କରି ନ ଥାଏ , ବରଂ ଲାଇଭ୍ ମିଟିଂ ସମୟରେ ପ୍ରକୃତ କାମ କରିଥାଏ। ଏହା ଦରକାର ପଡ଼ିଲେ ଜରୁରି ଡାଟାକୁ ସାମ୍ନାକୁ ଆଣେ। ନଚେତ କଲ୍ କଟି ଯିବା ମାତ୍ରେ ହିଁ ଫଲୋ-ଅପ୍ ମେସେଜ ପଠାଇ ଦିଏ। ଏହି ଟୁଲ୍ ଜୁମ୍‌ର ପେଡ୍ ପ୍ଲାନ୍ ସହିତ ଆଡ୍‌ଅନ୍ ଭାବେ ମିଳିଥାଏ। ଏହା ଦ୍ୱାରା ବ୍ୟସ୍ତ ଟିମ୍‌କୁ କାମ କରିବା ଖୁବ୍ ସହଜ ହେବା କୁହାଯାଉଛି।








## ୧୬ତମ ଗୋଲ୍ ଦେବାରେ ଏମ୍‌ବାପେ ଦ୍ରୁତତମ

ଫିଲାଡେଲଫିଆ,୨୩।୬(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ଇରାକ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରାନ୍ସର ୨୭ ବର୍ଷୀୟ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ୨ଟି ଗୋଲ ସ୍କୋର କରିଛନ୍ତି। ଏହି ଡବଲ ଗୋଲ ବଳରେ ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଞ୍ଚିଛି। ସେ ବିଶ୍ୱକପ୍‌ରେ ୧୬ତମ ମ୍ୟାଚ୍ ଖେଳି ୧୬ଟି ଗୋଲ ଦେବା ସହ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କ୍ଲୋଜ୍ ୨୪ଟି ଓ ସର୍ବକାଳୀନ ଟପ୍ ସ୍କୋରର ଆର୍ଜେଣ୍ଟିନାର ଲିଓନେଲ ମେସି ୨୭ତମ ମୁକାବିଲାରେ ୧୬ତମ ଗୋଲ ସ୍କୋର କରିଥିଲେ। କ୍ଲୋଜ୍ ୪ଟି ଓ ମେସି ୬ଟି ବିଶ୍ୱକପ୍ ସଂସ୍କରଣରେ ଖେଳିଛନ୍ତି। କିନ୍ତୁ ୨୦୧୮, ୨୦୨୨ ଓ ୨୦୨୬ରେ ଏମ୍‌ବାପେ ତୃତୀୟ ବିଶ୍ୱକପ୍ ଖେଳୁଛନ୍ତି। ସେ ଯେପରି ଖେଳୁଛନ୍ତି ଚଳିତ ବିଶ୍ୱକପ୍‌ରେ ମେସିଙ୍କୁ ଅତିକ୍ରମ କରି ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ଟପ୍ ଗୋଲ ସ୍କୋରର ହେବାର ରେକର୍ଡ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଫ୍ରାନ୍ସ ପକ୍ଷରୁ ସେ ମଧ୍ୟ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି ଓ ଏବେ ଦଳର ଅଧିନାୟକ ରହିଛନ୍ତି। ମେସି ୧୮, ଏମ୍‌ବାପେ ଓ କ୍ଲୋଜ୍ ୧୬ଟି ଲେଖାଏଁ, ବ୍ରାଜିଲ୍‌ର ରୋନାଲ୍ଡୋ ୧୫ଟି, ପଶ୍ଚିମ ଜର୍ମାନୀର ଗର୍ଡ ମୁଲର ୧୪ଟି ଗୋଲ ସ୍କୋର କରି ସର୍ବକାଳୀନ ସର୍ବାଧିକ ଗୋଲ ତାଲିକାରେ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

## କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଡବଲ

ହଷ୍ଟନ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ତାରକା ଖେଳାଳି ଚମକିଛନ୍ତି। ଲିଓନେଲ ମେସି, କିଲିଆନ୍ ଏମ୍‌ବାପେ ଓ ଏର୍ଲିଙ୍ଗ ହଲାଣ୍ଡ ସୋମବାର ରାତିରେ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ଉଜ୍‌ବେକିସ୍ତାନ ବିପକ୍ଷ ଗ୍ରୁପ୍-କେ'ର ମୁକାବିଲାରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଡବଲ ଗୋଲ ଦେଇ ଚମକିଛନ୍ତି। ତାଙ୍କ ଡବଲ ଓ ନୁନୋ ମେଣ୍ଡିସ୍‌ଙ୍କ ଗୋଟିଏ ଗୋଲ ବଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ପର୍ତ୍ତୁଗାଲ ୩-୦ ଗୋଲରେ ଆଗୁଆ ରହିଛି। ପର୍ତ୍ତୁଗାଲ ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟ ସୁନିଶ୍ଚିତ କରିଛି। ଉଜ୍‌ବେକିସ୍ତାନ ପ୍ରଥମ ମ୍ୟାଚ୍ ହାରିଥିଲାବେଳେ ଏହି ମ୍ୟାଚ୍ ହାରିଲେ ପ୍ରତିଯୋଗିତାରୁ ବିଦା ହେବ।

### ୧୦୦ତମ ମ୍ୟାଚ୍‌ରେ କିଲିଆନ୍ ଏମ୍‌ବାପେଙ୍କ ଡବଲ ଗୋଲ୍

# ଇରାକ୍‌କୁ ହରାଇ ନକ୍‌ଆଉଟ୍‌ରେ ଫ୍ରାନ୍ସ

ଫିଲାଡେଲଫିଆ,୨୩।୬(ଏଜେନ୍ସି)

ସୁପରଷ୍ଟାର କିଲିଆନ୍ ଏମ୍‌ବାପେଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିବା ଫଳରେ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ଲିଗ୍ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟତମ ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡଙ୍କ ଡବଲ ଗୋଲ ବଳରେ ନ୍ୟୁୟର୍କର ନ୍ୟୁ ଜର୍ସୀଠାରେ ଖେଳାଯାଇଥିବା ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ହରାଇ ଦେଇଛି। ଏହା ଫଳରେ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୨ଥରର ଚାମ୍ପିଅନ୍ ଫ୍ରାନ୍ସ ଏବଂ ନରୱେ ଗ୍ରୁପ୍-ଆଇ'ରୁ ନକ୍‌ଆଉଟ ବା ରାଉଣ୍ଡ ଅଫ ୩୨ରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ପରେ ଗ୍ରୁପରେ କିଏ ପ୍ରଥମ ଓ କିଏ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇ ଫରାସୀ ତାରକା ଏମ୍‌ବାପେ ଫିଫା ବିଶ୍ୱକପ୍ ଇତିହାସରେ ୧୬ତମ ଗୋଲ ସ୍କୋର କରି ଦୀର୍ଘଦିନର ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରିଆ ବିପକ୍ଷରେ



ଡବଲ ଗୋଲ ସ୍କୋର କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସୀ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ୧୮ଟି ଗୋଲ ଦେଇ ରେକର୍ଡ କରିଥିଲେ। ଫ୍ରାନ୍ସ ଓ ଇରାକ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପରେ ବର୍ଷା, ଘଡଘଡ଼ି ଯୋଗୁଁ ଦୀର୍ଘ ସମୟ ଖେଳ ବନ୍ଦ ରହିଥିଲା। ଚଳିତ ଫିଫା ବିଶ୍ୱକପ୍‌ରେ ଖରାପ ପାଗ ଯୋଗୁଁ ଖେଳ ବାଧାପ୍ରାପ୍ତ ହେବାରେ ଏହା ହେଉଛି ପ୍ରଥମ ମ୍ୟାଚ୍।

ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇରାକ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଖେଳକୁ ନିୟନ୍ତ୍ରଣରେ ରଖି ଖେଳିଥିଲା। ଖେଳର ୧୪ତମ ମିନିଟ୍‌ରେ ଏମ୍‌ବାପେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାରୁ ଖେଳ ବନ୍ଦ ରହିଥିଲା। ଏପରିକି ଖେଳାଳି ଓ କର୍ମକର୍ତ୍ତାମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ୧୩୦ ମିନିଟ୍ ଖେଳ ବନ୍ଦ ରହିବା ପରେ ମୁକାବିଲା ଆରମ୍ଭ ହୋଇଥିଲା। ଖେଳର ୫୪ତମ ମିନିଟ୍‌ରେ ଏମ୍‌ବାପେ ଦ୍ୱିତୀୟ ଓ ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଖେଳର ୬୬ମତ ମିନିଟ୍‌ରେ ଚଳିତବର୍ଷ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ଓସ୍‌ମାନେ ଡେମ୍ବେଲେ ବିଶ୍ୱକପ୍‌ରେ ତାଙ୍କ ଖାତା ଖୋଲିଥିଲେ। ଇରାକ୍ ସେପରି କିଛି ଯୋଜନାବଦ୍ଧ ଆକ୍ରମଣ କରିପାରି ନ ଥିଲା। ଯେଉଁ କେତୋଟି ଆକ୍ରମଣ ରଚନା କରିଥିଲା ତାହାକୁ ଫ୍ରାନ୍ସର ଶକ୍ତିଶାଳୀ ରକ୍ଷଣଭାଗ ବିଫଳ କରିଦେଇଥିଲେ। ଯାହା ଫଳରେ ଦଳ ଗୋଲ ଦେବାକୁ ବଞ୍ଚିତ ହୋଇଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୪, ବୁଧବାର ରାତି |
| ସ୍ୱିଜରଲାଣ୍ଡ-କାନାଡା |
| ଭାଙ୍କୋଭର, ରାତି ୧୨.୩୦ |
| ବୋସ୍‌ନିଆ-କତାର |
| ସିଆଟଲ, ରାତି ୧୨.୩୦ |
| ମରକ୍କୋ-ହାଇତି |
| ଆଟଲାଣ୍ଟା, ରାତି ୩.୩୦ |
| ବ୍ରାଜିଲ-ସ୍କଟଲାଣ୍ଡ |
| ମିଆମି, ରାତି ୩.୩୦ |
| ଜୁନ୍-୨୫ ଗୁରୁବାର ସକାଳ |
| ଦ.କୋରିଆ-ଦ.ଆଫ୍ରିକା |
| ଗୌଦଲଜାରା, ସକାଳ ୬.୩୦ |
| ମେକ୍ସିକୋ-ଚେକିଆ |
| ମେକ୍ସିକୋ ସିଟି, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

### ହଲାଣ୍ଡଙ୍କ ଡବଲ ଗୋଲ

## ତୃତୀୟଥର ଲାଗି ନକ୍‌ଆଉଟରେ ନରୱେ

ନ୍ୟୁୟର୍କ, ୨୩।୬ (ଏଜେନ୍ସି): କ୍ରମାଗତ ଦ୍ୱିତୀୟ ବିଜୟ ସହ ନରୱେ ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ-୩୨ରେ ପ୍ରବେଶ କରିଛି। ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ପରାସ୍ତ କରିଥିଲା। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ଡବଲ୍ ଗୋଲ୍ ଦେଇ ନରୱେକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୪-୧ ଗୋଲ୍‌ରେ ଇରାକ୍‌କୁ ହରାଇଥିବା ନରୱେ ଏଥିସହ ୬ ପଏଣ୍ଟ ପାଇ ଫ୍ରାନ୍ସ ପଛକୁ ଦ୍ୱିତୀୟ ଦଳ ଭାବେ ଏହି ଗ୍ରୁପ୍‌ରୁ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛି। ନରୱେ ଏହାର ଶେଷ ମ୍ୟାଚରେ ଜୁନ ୨୭ରେ ଟେବୁଲ ଟପ୍ପର ଫ୍ରାନ୍ସକୁ ଭେଟିବ।

ନରୱେ ଓ ସେନେଗାଲ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ମାର୍କସ ହୋଲମଗ୍ରୀନଙ୍କ ଗୋଲ୍ ବଳରେ ନରୱେ ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆହୁରି ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ହଲାଣ୍ଡଙ୍କ ଗୋଲ୍ ବଳରେ ନରୱେର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାର ୫ ମିନିଟ୍ ସେନେଗାଲ୍‌ର ଇସମାଇଲ ସାର୍ ଦଳ ପାଇଁ ପ୍ରଥମ ଗୋଲ୍



ଦେଇଥିଲେ। ଫଳରେ ମ୍ୟାଚ୍ ୨-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ପାଞ୍ଚ ମିନିଟ୍ ପରେ ପୁଣିଥରେ ହଲାଣ୍ଡଙ୍କ ଚମକ ଦେଖିବାକୁ ମିଳିଥିଲା। ହଲାଣ୍ଡ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଏହାପରେ ସେନେଗାଲ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଇଞ୍ଜୁରୀ ଟାଇମ୍‌ରେ ଇସମାଇଲ ଆଉ ଏକ ଗୋଲ୍ କରିଥିଲେ ମଧ୍ୟ ସେନେଗାଲକୁ ୨-୩ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟ ସହ ନରୱେ ବିଶ୍ୱକପ୍ ଇତିହାସରେ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଦଳ ଏଥିପୂର୍ବରୁ ନରୱେ ୧୯୩୮ ଓ ୧୯୯୮ରେ ନକ୍‌ଆଉଟ୍ ଖେଳିଥିଲା।

## ଜୋର୍ଡାନକୁ ବିଦା କଲା ଆଲଜେରିଆ

ସାଣ୍ଟା କ୍ଲାରା,୨୩।୬(ଏଜେନ୍ସି): ନାଧୀର ବେନ୍‌ବୌଆଲୀ ଓ ଅମିନୋ ଗୌଇରୀଙ୍କ ଗୋଲ ବଳରେ ସାନ୍‌ଫ୍ରାନସିସ୍କୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଜେ'ର ଏକ ଲିଗ୍ ମ୍ୟାଚ୍‌ରେ ଆଲଜେରିଆ ୨-୧ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ଫଳରେ ଆଲଜେରିଆ ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ସେହିପରି କ୍ରମାଗତ ମ୍ୟାଚ୍‌ରେ ହାରିଯିବା ପରେ ଡେବ୍ୟୁଟାଣ୍ଟ ଜୋର୍ଡାନ୍ ଚଳିତ ବିଶ୍ୱକପ୍ ଲିଗ୍ ବା ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ଟି ଆଲଜେରିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। ସମସ୍ତ ବିଭାଗରେ ଆଲଜେରିଆର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ମ୍ୟାଚ୍‌ରେ ପ୍ରଥମ ଗୋଲ ଦେଇଥିଲା ଜୋର୍ଡାନ। ଖେଳର ୩୬ତମ ମିନିଟ୍‌ରେ ମୌସା ଅଲି ତମାରିଙ୍କ ପାସ ଗୋଲ ପୋଷ୍ଟ ସାମ୍ନାରେ ପଡ଼ିଥିଲା। ସେଠାରେ ଥିବା ନିଜାର ଅଲ ରାଶଦାନ କୌଣସି ତ୍ରୁଟି ନ କରି ନିଜ ଦେଶ ପକ୍ଷରୁ ପ୍ରଥମ ବିଶ୍ୱକପ୍ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଜୋର୍ଡାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲଜେରିଆ ସବୁଥିରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୬୯ତମ ମିନିଟ୍‌ରେ ରିୟାଦ୍ ମାହେରାଜ୍‌ଙ୍କଠାରୁ ପାସ୍ ପାଇ ବଦଳ ଖେଳାଳି ନାଧିର ହେଡ୍‌ର ଜରିଆରେ ଗୋଲ ଶୁଝାଇ ଦେଇଥିଲେ। ଖେଳ ସମାନ ସ୍ତରକୁ ଆସିବା ପରେ ଆଲଜେରଆ ଘନ ଘନ ଆକ୍ରମଣ କରିଥିଲା। ଜୋର୍ଡାନ ମଧ୍ୟ ଏହି ସମୟରେ ସଂଘର୍ଷ କରିଥିଲା। ଏଥିରୁ ଫାଇଦା ଉଠାଇ ୮୨ତମ ମିନିଟ୍‌ରେ ଆମିନେ ଗୌଇରୀ ଦ୍ରୁତଗତିରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଶେଷଭାବେ ଏହି ଉତ୍ତର ଆଫ୍ରିକୀୟ ଦଳ ଖେଳକୁ ନିୟନ୍ତ୍ରଣରେ ରଖିବା ସହ ପୂରା ନ ପଏଣ୍ଟ ପାଇ ଦ୍ୱିତୀୟ ରାଉଣ୍ଡକୁ ଯିବାର ଆଶା ଉଜ୍ଜୀବିତ ରଖିଛି।

## ପ୍ରୋ-ଲିଗ୍ ହକି: ଭାରତଠାରୁ ହାରିଲା ପାକିସ୍ତାନ

ଲଣ୍ଡନ,୨୩।୬(ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଆଜି ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ତାହାର ପଡୋଶୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ନିକଟରେ ଜର୍ମାନୀ ଓ ନେଦରଲ୍ୟାଣ୍ଡସ ପରି ବିଶ୍ୱଚାମ୍ପିଅନ ଦଳକୁ ହରାଇଥିବା ଭାରତ ଏହି ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତଥାପି ଦଳ ପ୍ରଥମେ ଗୋଲ ଖାଇବା ପରେ ଖେଳକୁ ନିଜ ନିୟନ୍ତ୍ରଣକୁ ଆଣି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ନିଳକାନ୍ତ ଶର୍ମା, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପାକିସ୍ତାପ ପକ୍ଷରୁ ନଦୀମ ଅହମ୍ମଦ୍, ଅବୁ ମହମ୍ମଦ୍ ଓ ମୋଇନ୍ ସକିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ରୋହିତ୍, ଅମ୍ରିତରାଜଙ୍କୁ 'ପଦ୍ମ' ପୁରସ୍କାର

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଓ ପୂର୍ବତନ ମହାନ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ମଙ୍ଗଳବାର 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ପୁରସ୍କାର ରୋହିତ୍ ଶର୍ମାଙ୍କୁ ପ୍ରଦାନ କରିଥିଲେ। ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିବାରେ ରୋହିତ ୪୦ତମ କ୍ରିକେଟର୍ ହୋଇଛନ୍ତି। ସେହିଭଳି ୭୨ ବର୍ଷୀୟ ଅମ୍ରିତରାଜଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପ୍ରଦାନ କରାଯାଇଥିଲା। ଅମ୍ରିତରାଜ ୧୯୮୦ରେ ବିଶ୍ୱ ମାନ୍ୟତାର ୧୮ତମ ସ୍ଥାନ ହାସଲ କରିଥିଲେ। ଯାହାକି ଏଟିପି ସିଙ୍ଗଲ୍ସରେ



ତାଙ୍କର କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଥିଲା। ବିଜୟ ତିନିଥର ଜାତୀୟ ସିଙ୍ଗଲ୍ସ ଚାମ୍ପିଅନ୍ ରହିଥିଲେ। ସେ ଦୁଇ ଦଶନ୍ଧି ଧରି ଭାରତରୁ ପ୍ରତିନିଧିତ୍ୱ କରିଥିବା ବିଜୟଙ୍କ ନେତୃତ୍ୱରେ ଭାରତ ୧୯୭୪ ଏବଂ ୧୯୮୭ରେ ଦୁଇଥର ଡେଭିସ୍ କପ୍ ଫାଇନାଲ ଖେଳିଥିଲା। ସିଓଲରେ ୧୯୮୦ରେ ଅନୁଷ୍ଠିତ ଅଲିମ୍ପିକ୍ସ ପାଇଁ ସେ ଭାରତୀୟ ଦଳର ମଶାଲବାହକ ଭୂମିକା ନିଭାଇଥିଲେ।

## କଳିଙ୍ଗରେ ଆଜିଠାରୁ ଆନ୍ତଃରାଜ୍ୟ ଦୌଡ଼କୁଦ

ଭୁବନେଶ୍ୱର,୨୩।୬(ସମିସ): ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ଦିନ ଧରି ଆୟୋଜିତ ହେବ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ଲାଗି ଏହି ପ୍ରତିଯୋଗିତା ଅନେକ ଗୁରୁତ୍ୱ ରଖୁଛି। ଏଥିରେ ମୋଟ ୬୩୦ ଜଣ ପ୍ରତିଯୋଗୀ ୪୫ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୨୮ଜଣ ଅଂଶଗ୍ରହଣ କରୁଛନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ନୀତୀଶ ବାଦ୍; ସୂର୍ଯ୍ୟାଂଶ ସାମିଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଖୁବ୍ ଶୀଘ୍ର ୟୁକେ ଗସ୍ତ କରିବାକୁ ଯାଉଛି। ତେବେ ଏହି ଗସ୍ତ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ମୁମ୍ବଇ ଅଲ୍‌ରାଉଣ୍ଡର ସୂର୍ଯ୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରିଛି। ନିକଟରେ ଶ୍ରୀଲଙ୍କାରେ ତ୍ରି-ରାଷ୍ଟ୍ରୀୟ ସିରିଜ ଚାମ୍ପିଅନ ହୋଇଥିବା ଭାରତ-ଏ ଦଳର ସୂର୍ଯ୍ୟାଂଶ ସଦସ୍ୟ ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୪୭ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ୟୁକେ ଗସ୍ତରେ ଭାରତ ପ୍ରଥମେ ଆୟର୍ଲାଣ୍ଡ ବିପକ୍ଷରେ ଜୁନ ୨୬ ଓ ଜୁନ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଇଂଲଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

### ଆଇପିଏଲ୍‌ରେ ହାଇପ୍ରୋଫାଇଲ ଖେଳାଳି ଡିଲ୍

# ୧୫ କୋଟିରେ ଦିଲ୍ଲୀକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଆଇପିଏଲ ଇତିହାସର ଅନ୍ୟତମ ହାଇପ୍ରୋଫାଇଲ ଖେଳାଳି ଅଦଳବଦଳ ମଙ୍ଗଳବାର ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଛାଡିବା ପରେ ରିଷଭ ପନ୍ତ ତାଙ୍କ ପୁରୁଣା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ପନ୍ତଙ୍କ ସ୍ଥାନରେ ଦିଲ୍ଲୀର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଲକ୍ଷ୍ନୌ ଦଳରେ ସାମିଲ ହୋଇଛନ୍ତି। ୨୦୨୫ ଆଇପିଏଲ୍ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ ପନ୍ତଙ୍କ ସହ ଚୁକ୍ତି କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ତେବେ ସଦ୍ୟ ଖେଳାଳି ଅଦଳବଦଳ ଡିଲ୍‌ରେ ପନ୍ତ ୧୫



କୋଟି ଟଙ୍କାର ସଂଶୋଧିତ ଚୁକ୍ତିରେ ଦିଲ୍ଲୀ ଫେରିଛନ୍ତି। ଫଳରେ ପନ୍ତଙ୍କ ୧୨ କୋଟି ଟଙ୍କା କ୍ଷତି ହୋଇଛି। ସେହିଭଳି କୁଲଦୀପ ୧୩.୫ କୋଟି ଟଙ୍କା ଚୁକ୍ତିରେ ଲକ୍ଷ୍ନୌରେ ଯୋଗ ଦେଇଛନ୍ତି। ଗତ ସିଜନରେ ଦିଲ୍ଲୀ କୁଲଦୀପଙ୍କୁ ୧୩.୨୫ କୋଟି ଟଙ୍କାରେ ଚୁକ୍ତି କରିଥିଲା। ଫଳରେ ଆଜିର ଏହି ଡିଲ୍‌ରେ କୁଲଦୀପଙ୍କ ୨୫ ଲକ୍ଷ ଟଙ୍କା ଫାଇଦା ହୋଇଛି।

ଉଲ୍ଲେଖଯୋଗ୍ୟ ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୯ ସିଜନ ଧରି ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ୧୧୧ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ୪୩ ମ୍ୟାଚରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ। ପନ୍ତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ସେ ୩୩.୬୦ ହାରରେ ୩୮୬୫ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୨ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ଶୀର୍ଷରେ ଶ୍ରୀ ଚରଣି

ଦୁବାଇ, ୨୩।୬ (ଏଜେନ୍ସି): ଯୁବ ଭାରତୀୟ ସ୍ପିନର ଶ୍ରୀ ଚରଣି ବିଶ୍ୱର ଏକ ନମ୍ବର ଟି-୨୦ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ମହିଳା ଟି-୨୦ ର୍‌ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଶ୍ରୀ ଚରଣି ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଚରଣି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି।



ତିନୋଟି ମ୍ୟାଚ୍ ଖେଳିଥିବା ଏହି ବାମହାତୀ ସ୍ପିନର ବିଶ୍ୱକପ୍‌ରେ ମୋଟ୍ ୧୦ଟି ୱିକେଟ୍ ନେଇସାରିଛନ୍ତି। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସେ ଇଂଲଣ୍ଡର ଲିନସୀ ସ୍ମିଥ୍‌ଙ୍କୁ ହଟାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଇଂଲଣ୍ଡ ବୋଲର ଚାର୍ଲି ଡିନ୍ ର୍‌ୟାଙ୍କିଙ୍ଗ୍‌ରେ ଚତୁର୍ଥରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ସେହିଭଳି ସୋଫି ଇକଲେଷ୍ଟୋନ ୮ମରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ତେବେ ଭେଟେରାନ ଭାରତୀୟ ସ୍ପିନର ଦୀପ୍ତି ଶର୍ମା ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ଲୌରେନ ବେଲ୍ ମଧ୍ୟ ତୃତୀୟରୁ ୭ମ ସ୍ଥାନକୁ ଖସିଯାଇଛନ୍ତି।

### ମହିଳା ଟି-୨୦ ବିଶ୍ୱକପ୍

## ଦ୍ୱିତୀୟ ବିଜୟ ସହ ନ୍ୟୁଜିଲାଣ୍ଡର ଆଶା ଉଜ୍ଜୀବିତ

ବ୍ରିଷ୍ଟଲ, ୨୩।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୬ ୱିକେଟ୍‌ରେ ସ୍କଟଲାଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୭ ୱିକେଟରେ ୧୩୧ ରନ କରିଥିଲା। ଓପନର୍ ଡାର୍ସି କାର୍ଟର ୫୨ ବଲରେ ୭୨ ରନର ଅପରାଜିତ ପାଳି ଖେଳିଥିଲେ। ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟିକା ଆମେଲିଆ କେର ୩ ଏବଂ ସୋଫି ଡିଭାଇନ ୨ଟି ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଜି ଶାର୍ପ ୬୨ ଓ ବ୍ରୁକ୍ ହଲିଡେ ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ (୭ ୱିକେଟ୍) ଓ ଶ୍ରୀଲଙ୍କା (୫ ୱିକେଟ) ନିକଟରୁ ହାରିଥିଲା।

## ଚାମରିଙ୍କ ଶତକରେ ଜିତିଲା ଶ୍ରୀଲଙ୍କା

ବ୍ରିଷ୍ଟଲ,୨୩।୬(ଏଜେନ୍ସି): ଅଧିନାୟିକା ଚାମରି ଆଟାପାଟୁଙ୍କ ଅପରାଜିତ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୯ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୪ର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ସେମିଫାଇନାଲ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ରେ ଅଧିନାୟିକା ଗାବି ଲୁଇସ୍ ୫୦ବଲ୍‌ର ସାମ୍ନା କରି ୮ ଚୌକା ସହ ୫୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୫ ୱିକେଟରେ ୧୩୦ ରନ୍ କରିଥିଲା। ଜବାବରେ ଚାମରି ଆଟାପାଟୁ ୬୧ବଲ୍‌ରୁ ୧୭ ଚୌକା ଓ ୨ ଛକା ସହ ଅପରାଜିତ ୧୦୬ ରନ୍ ବଳରେ ଶ୍ରୀଲଙ୍କା ୧୫.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଚାମରିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS